ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008
The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୧ ● ସଂଖ୍ୟା–୫୯ ● ୨୫ ମାର୍ଚ୍ଚ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-59 ● 25th March 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

ଉପକୂଳ ଅପେକ୍ଷା ଆଭ୍ୟନ୍ତରରେ ବଢ଼ିଛି ତାତି, ୨୮ ତାରିଖରୁ ସ୍ଥିତି ହେବ ସାଂଘାତିକ

ଭୁବନେଶ୍ୱର, ୨୪।୩
ନ୍ୟୁଜ୍ ବ୍ୟୁରୋ

ସାରା ରାଜ୍ୟରେ ଉପରମୁହାଁ ହୋଇଛି ପାରଦ। ଉପକୂଳ ଅପେକ୍ଷା ଆଭ୍ୟନ୍ତରୀଣ ଓଡ଼ିଶାରେ ବଢ଼ିଛି ତାତି। ଆସନ୍ତା ୨୮ ତାରିଖରୁ ଆହୁରି ଜଳିବ ଓଡ଼ିଶା । ପଶ୍ଚିମ ଓଡ଼ିଶାରେ ତାତି ୪୦ ଡିଗ୍ରୀ କିମ୍ବା ଅଧିକ ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଶେଷ କରି ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ବରଗଡ, କଳାହାଣ୍ଡି, କନ୍ଧମାଳ, ଗଜପତି, ମାଲକାନଗିରି ଜିଲ୍ଲା ସମେତ ଟୁଇନ୍‌ସିଟି କଟକ ଏବଂ ଭୁବନେଶ୍ୱରରେ ହଟ୍ ଓ୍ୱେଦର କଣ୍ଡିସନ ଦେଖାଦେବ। ଶନିବାର ଠାରୁ ରାଜ୍ୟରେ ମେଘ ମୁକ୍ତ ଆକାଶ ସହ ଶୁଖିଲା ପାଗ ଜାରି ରହିଛି। ଏହାସହ ଆଭ୍ୟନ୍ତରୀଣ ଓଡ଼ିଶାରେ ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ପାଇଛି। ପ୍ରଭାବରେ ତାତି ବଢ଼ିଛି। ଅଧିକାଂଶ ସହରର ତାପମାତ୍ରା ୩୫ ଡିଗ୍ରୀରୁ ୩୮ ଡିଗ୍ରୀରେ ପହଞ୍ଚିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାତି ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରାଇଛି । ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶା ବା ପଶ୍ଚିମ ଓଡ଼ିଶାରେ ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବ। ସେପଟେ ସୋମବାର ରାଜ୍ୟରେ ଏକ ପଶ୍ଚିମା ଝଡ ସକ୍ରିୟ ହେବାର ସମ୍ଭାବନା ରହିଛି । ପ୍ରଭାବରେ ୨୫ ଏବଂ ୨୬ ତାରିଖରେ ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲାରେ ପାଗ ମେଘୁଆ ରହିବା ସହ କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । *(ପୃଷ୍ଠା ୭ରେ)*

ଚନ୍ଦ୍ରଯାନ-୩ ଅବତରଣ ସ୍ଥଳକୁ ଏବେ ସରକାରୀ ଭାବେ ଶିବ ଶକ୍ତି ନାମରେ ମିଳିଲା ମଞ୍ଜୁରୀ

ନୂଆଦିଲ୍ଲୀ, ୨୪।୩



ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚନ୍ଦ୍ରଯାନ-୩ ଅଭିଯାନର ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରରେ ଅବତରଣ କରିଥିବା ସ୍ଥାନର ଆନ୍ତର୍ଜାତିକ ଜ୍ୟୋର୍ତିବିଜ୍ଞାନ ସଂଘ (ଆଇଏୟୁ)ର ଅନୁମୋଦନ ପରେ ଆନୁଷ୍ଠାନିକ ଭାବେ ଶିବ ଶକ୍ତି ନାମରେ ନାମିତ କରାଯାଇଛି । ଅବତରଣ ସ୍ଥଳକୁ ଶିବ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବାର ପ୍ରାୟ ସାତ ମାସ ପରେ ଏହି ମଞ୍ଜୁରୀ ମିଳିଛି।

ଚନ୍ଦ୍ରଯାନ-୩ ଅବତରଣ ସ୍ଥଳ ପାଇଁ ଷ୍ଟାଟିଓ ଶିବ ଶକ୍ତି ନାମକୁ ପ୍ୟାରିସସ୍ଥିତ ଆଇଏୟୁ ମାର୍ଚ୍ଚ ୧୯ରେ ଅନୁମୋଦନ କରିଥିଲା, ଯାହା ଗ୍ରହନିରୋଧକ ସଂଗଠନ ଦ୍ୱାରା ଅନୁମୋଦିତ ଗ୍ରହନାମ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥାଏ।

ଏହି ନାମର ଉତ୍ପତ୍ତି ସମ୍ପର୍କରେ ଗେଜେଟିୟର କହିଛି, ଭାରତୀୟ ପୁରାଣର ଯୌଗିକ ଶବ୍ଦ ଯେଉଁଥିରେ ପ୍ରକୃତିର ପୁରୁଷ (ଶିବ) ଏବଂ ନାରୀ (ଶକ୍ତି) ଦ୍ୱୈତତାକୁ ଦର୍ଶାଯାଇଛି; ଯାହାକି ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡରର ଅବତରଣ ସ୍ଥଳ।

ଅଗଷ୍ଟ ୨୬, ୨୦୨୩ରେ ବେଙ୍ଗାଲୁରୁସ୍ଥିତ ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟଓ୍ୱାର୍କ ମିଶନ କଣ୍ଟ୍ରୋଲ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀ ତାଙ୍କ ଘୋଷଣାରେ ଏହା ମଧ୍ୟ କହିଛନ୍ତି ଯେ ଚନ୍ଦ୍ରଯାନ-୩ ଚନ୍ଦ୍ରରେ ଅବତରଣ କରିଥିବା ଦିନ ଅଗଷ୍ଟ ୨୩କୁ ଏବେ ଜାତୀୟ ମହାକାଶ ଦିବସ ଭାବେ ପାଳନ କରାଯିବ।

ସେ ଆହୁରି ମଧ କହିଛନ୍ତି ଯେ ଚନ୍ଦ୍ର ପୃଷ୍ଠରେ ଯେଉଁ ସ୍ଥାନରେ ଚନ୍ଦ୍ରଯାନ-୨ ନିଜର ପାଦଚିହ୍ନ ଛାଡିଥିଲା, ତାହା ଭାରତର ପ୍ରତ୍ୟେକ ପ୍ରୟାସ ପାଇଁ ପ୍ରେରଣା ଭାବରେ ତ୍ରିରଙ୍ଗା ନାମରେ ପରିଚିତ ହେବ। ଏହା ଆମକୁ ମନେ ପକାଇଦେବ ଯେ କୌଣସି ବିଫଳତା ଚୂଡ଼ାନ୍ତ ନୁହେଁ । *(ପୃଷ୍ଠା ୭ରେ)*

ଶୁଭେଚ୍ଛା

ପବିତ୍ର ଦୋଳ ଓ ହୋଲି ଅବସରରେ 'ସମ୍ବାଦ କଳିକା'ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

ଛୁଟି ଘୋଷଣା

ପବିତ୍ର ଦୋଳ ଓ ହୋଲି ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୨୫.୩.୨୦୨୪ ଓ ୨୬.୩.୨୦୨୪ ଦୁଇ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୭.୩.୨୦୨୪ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

କେଜ୍ରିଓ୍ୱାଲଙ୍କ ସପକ୍ଷରେ ବାହାରିଲା ଇଣ୍ଡିଆ ମେଣ୍ଟ : ୩୧ରେ କରିବ ମହାସମାବେଶ

ନୂଆଦିଲ୍ଲୀ, ୨୪।୩

ଲୋକସଭା ନିର୍ବାଚନ ୨୦୨୪ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଗିରଫଦାରୀକୁ ନେଇ ବିରୋଧୀ ମେଣ୍ଟ ଇଣ୍ଡିଆ ଏକଜୁଟ ହୋଇଛି। ମାର୍ଚ୍ଚ ୩୧, ୨୦୨୪ରେ ଦିଲ୍ଲୀର ରାମଲିଲା ମଇଦାନରେ ଇଣ୍ଡିଆ ମେଣ୍ଟର ନେତାମାନେ ଏକ ମେଗା ରାଲିର ଆୟୋଜନ କରିବେ । ଏହି ବୃହତ କାର୍ଯ୍ୟକ୍ରମ ମାଧ୍ୟମରେ *(ପୃଷ୍ଠା ୭ରେ)*

INDIA
Indian National Developmental Inclusive Alliance

ଆତଙ୍କବାଦୀ ସଙ୍ଗଠନରେ ସାମିଲ ହେବାକୁ ଯାଉଥିବା ଆଇଆଇଟି ଛାତ୍ରକୁ ଟେକି ଆଣିଲା ପୁଲିସ

ନୂଆଦିଲ୍ଲୀ, ୨୪।୩

ଆଇଏସଆଇଏସ ଆତଙ୍କବାଦୀ ସଙ୍ଗଠନରେ ଯୋଗଦେବାକୁ ଯାଉଥିବା ଜଣେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି-ଗୁଆହାଟି (ଆଇଆଇଟି-ଜି)ର ଜଣେ ଛାତ୍ରଙ୍କୁ ପୁଲିସ ହାଜୋ ଅଞ୍ଚଳରୁ ଗିରଫ କରିଛି।

ପୁଲିସ ଡିଜିପି ଜିପି ସିଂ ଗତ ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ଆଇଏସଆଇଏସରେ ସାମିଲ ହେବାକୁ ଯାଉଥିବା ଜଣେ ଆଇଆଇଟି ଗୁଆହାଟୀ ଛାତ୍ରକୁ ଗିରଫ କରାଯାଇଛି । ଛାତ୍ରକୁ ଗିରଫ କରାଯିବା ସହିତ ଆଗାମୀ ଯାଞ୍ଚ ଜାରି ରହିଛି।

ସେହିପରି ଏସଟିଏଫ କଲ୍ୟାଣ କୁମାର ପାଠକ କହିଛନ୍ତି, ଛାତ୍ର ଠାରୁ ଏକ ଇମେଲ ପାଇବା ପରେ ଆମେ ସତ୍ୟତା କ'ଣ ସେ ବିଷୟରେ ଯାଞ୍ଚ କରୁଛି । ଯେଉଁଥିରେ ଗିରଫ ଛାତ୍ର ଜଣକ ଆଇଏସଆଇଏସରେ ସାମିଲ ହେବାକୁ ଯାଉଥିବା ଦାବି କରିଥିଲା । ଏହାପରେ ଆଇଆଇଟି-ଗୁଆହାଟି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଯୋଗାଯୋଗ କରାଯାଇଥିଲା। ଯୋଗୋଯୋଗ କରିବା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ଏକାଳ ପଖାଳ

ରଙ୍ଗୀନ ହେବ ସାରା ଦୁନିଆଁ
ରଙ୍ଗର ପସରା ମେଲି
ହସଖୁସିରେ ମାତିବେ ସଭିଏଁ
ଆସିଗଲା ପରା ହୋଲି
ଦୁଃଖ ଯେତେ ଦେଇ ଠେଲି
ସ୍ନେହ ପ୍ରେମର ରଙ୍ଗଟିକେ ଦେଇ
ପୂର୍ଣ୍ଣକର ଯେତେ ଖାଲି।

ନବୀନ ପଟ୍ଟନାୟକ : ଦେଶର ଅନ୍ୟ ନେତାଙ୍କ ପାଇଁ ରୋଲ୍ ମଡେଲ୍

■ ବିବେକାନନ୍ଦ ଜେନା



ଓଡ଼ିଶାର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ସାରା ଦେଶର ରାଜନେତାମାନଙ୍କ ପାଇଁ ରୋଲ୍ ମଡେଲ୍ ପାଲଟି ଯାଇଛନ୍ତି। ଓଡ଼ିଶାର ସବୁ ବର୍ଗର ଲୋକଙ୍କ ପାଇଁ ନବୀନ କେବଳ ନୂଆ ନୂଆ ଯୋଜନା ପ୍ରଣୟନ କରିନାହାଁନ୍ତି ବରଂ ତାହାର ସଫଳ ତଥା ଠିକଣା ଭାବେ କାର୍ଯ୍ୟାନ୍ୱୟନ କରିବା, ନିୟମିତ ବ୍ୟବଧାନରେ ସେଗୁଡ଼ିକର ଅନୁଧ୍ୟାନ ଓ ସମୀକ୍ଷା କରିବା ସହ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାରେ ସବୁଠୁ ଆଗରେ ରହିଛନ୍ତି। ଯାହାକୁ କି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏବେ ଅନୁସରଣ ଓ ଅନୁକରଣ ମଧ୍ୟ କରିବା ଆରମ୍ଭ କଲେଣି। ଏପରିକି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିକଟରେ ଏକ ବିଶାଳ ଜନସମାବେଶରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନଙ୍କ ଭୂୟସୀ ପ୍ରଶଂସା କରିବା ସହ ତାଙ୍କୁ ଜଣେ ସଫଳ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରିବାକୁ ପଛେଇ ନାହାଁନ୍ତି। ଅନ୍ୟାର୍ଥରେ କହିବାକୁ ଗଲେ ସାରା ଦେଶରେ ନବୀନ ଅନ୍ୟ ନେତାମାନଙ୍କ ପାଇଁ ଏକ ଆଦର୍ଶର ଉଦାହରଣ ହୋଇଛନ୍ତି। ଦେଶର ଅନେକ ବଡ଼ ବଡ଼ ରାଜନେତା ମଧ୍ୟ ନବୀନଙ୍କୁ ଜଣେ ଆଦର୍ଶ ପୁରୁଷ ଭାବେ ବର୍ଣ୍ଣନା କରିବା ମଧ୍ୟ ଏବେ ଆରମ୍ଭ କରିଛନ୍ତି।

'ସାଢେ ଚାରି କୋଟି ଓଡ଼ିଶାବାସୀ ମୋର ପରିବାର' *(ପୃଷ୍ଠା ୭ରେ)*

ରାଜ୍ୟରେ ବୁଧବାର ଘଟୁଛି ସର୍ବାଧିକ ସଡ଼କ ଦୁର୍ଘଟଣା

ପ୍ରତିକାର ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୩
ନ୍ୟୁଜ୍ ବ୍ୟୁରୋ

ବୁଧବାର ଦିନ ରାଜ୍ୟରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଛି। ସପ୍ତାହର ଅନ୍ୟ ଦିନ ତୁଳନାରେ ଏହି ଦିନ ସଡ଼କ ଦୁର୍ଘଟଣା ହାର ଅଧିକ ରହୁଛି। ସେହି ଅନୁସାରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ ରହୁଛି। ତେଣୁ ସପ୍ତାହର ପ୍ରତି ମଙ୍ଗଳବାର ପରିବର୍ତ୍ତେ ପ୍ରତି ବୁଧବାର ଦିନ ରାଜ୍ୟବ୍ୟାପୀ ଶୂନ୍ୟ ସହନଶୀଳ ଦିବସ ପାଳନ କରି ଯାନବାହନ ଯାଞ୍ଚ କଡ଼ାକଡ଼ି କରିବା ଲାଗି ପରିବହନ ବିଭାଗ ବିଚାର କରୁଛି । ଅପରପକ୍ଷେ ରାଜ୍ୟରେ ସଡ଼କ ଦୁର୍ଘଟଣା ହାରରେ ବିଶେଷ ପରିବର୍ତ୍ତନ ଆସୁ ନଥିବାରୁ ଜିଲ୍ଲାରେ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ରଣନୀତି ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଲାଗି ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶାରେ ସଡ଼କ ଦୁର୍ଘଟଣା ଏବଂ ମୃତାହତ ହାର ସର୍ବାଧିକ ରହୁଥିବାରୁ ଗତ କିଛି ବର୍ଷ ହେଲା ପରିବହନ *(ପୃଷ୍ଠା ୭ରେ)*

୧୦ ମ
ମାସିକ ଗଳ୍ପ ପତ୍ରିକା
କଥା କଳିକା
ବାର୍ଷିକ ଜନ୍ମୋତ୍ସବ
୪୬୪, ଶହୀଦ ନଗର, ଭୁବନେଶ୍ୱର-୭
ସମ୍ବର୍ଦ୍ଧନା●ସମ୍ମାନ ଓ ପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ
୨୫ ମାର୍ଚ୍ଚ ୨୦୨୪ • ସୋମବାର • ଦୋଳପୂର୍ଣ୍ଣିମା• ପୂର୍ବାହ୍ନ ୧୦ ଘଣ୍ଟା •
ସ୍ଥାନ : ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା • ମାଷ୍ଟରକ୍ୟାଣ୍ଟିନ୍ ଛକ ପାଖ • ଭୁବନେଶ୍ୱର
ପ୍ରିୟ ସୁହୃଦ୍,
ସପ୍ରେମ ସାରସ୍ୱତ ଶୁଭେଚ୍ଛା ଓ ଅଭିନନ୍ଦନ।
ଚଳିତ ବର୍ଷର ଏହି ସାରସ୍ୱତ ସମାରୋହରେ ଆମକୁ ସଖ୍ୟ ପ୍ରଦାନ କରିବେ...
ଶ୍ରୀଯୁକ୍ତ ତଥାଗତ ସତପଥୀ
ସମ୍ପାଦକ ଦୈନିକ ଧରିତ୍ରୀ : ବରେଣ୍ୟ ଉଦ୍‌ଘାଟକ
ଡକ୍ଟର ଗୌରହରି ଦାସ
ବିଶିଷ୍ଟ କଥାଶିଳ୍ପୀ : ବରେଣ୍ୟ ମୁଖ୍ୟଅତିଥି
ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାଏ, ଭା.ପ୍ର.ସେ.
ନିର୍ଦ୍ଦେଶକ ସଂସ୍କୃତି ବିଭାଗ, ଓଡ଼ିଶା ସରକାର : ବରେଣ୍ୟ ପ୍ରମୁଖ ଅତିଥି
ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ
ବିଶିଷ୍ଟ କବି-ସାହିତ୍ୟିକ, ସମାଲୋଚକ : ବରେଣ୍ୟ ମୁଖ୍ୟବକ୍ତା
ଏହି ଭବ୍ୟ ସମାରୋହରେ ସଭାପତିତ୍ୱ କରିବେ ସର୍ବଜନାଦୃତ ବିଶିଷ୍ଟ ଭାରତୀୟ ଔପନ୍ୟାସିକ, କଥାଶିଳ୍ପୀ ତଥା ସ୍ତମ୍ଭକାର ଡକ୍ଟର ବିଭୂତି ପଟ୍ଟନାୟକ।
ସମ୍ମାନର ସହ
ଭବଦୀୟ
ଦୁର୍ଗାଚରଣ ଷଡ଼ଙ୍ଗୀ — କାର୍ଯ୍ୟନିର୍ବାହୀ ସମ୍ପାଦକ
ସୁପ୍ରଭା ରାୟ — ମୁଖ୍ୟ ସମ୍ପାଦିକା
ଜୟାଶୀଷ ରାୟ — ସମ୍ପାଦକ

ହୋଲି ପାଇଁ ସଜାଗ କମିଶନରେଟ୍ ପୋଲିସ

ସହରର ୩୧ଟି ସ୍ଥାନରେ ଅମାନିଆଙ୍କୁ ଜଗିବ

ଭୁବନେଶ୍ୱର, ୨୪।୩
ନ୍ୟୁଜ୍ ବ୍ୟୁରୋ

ହୋଲି ପାଇଁ ସଜାଗ ହୋଇଛି କମିଶନରେଟ ପୋଲିସ । ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ସହରର ୩୧ଟି ସ୍ଥାନରେ ଅମାନିଆଙ୍କୁ ଜଗିବ ପୋଲିସ। ପିସିଆର ସହ ୧୭ଟି ମୋବାଇଲ ଭେଇକିଲରେ ବୁଲିବେ ସ୍ୱତନ୍ତ୍ର ଟିମ। ଅମାନିଆଙ୍କ ଉପରେ ସିସିଟିଭି ସାହାଯ୍ୟରେ ନଜର ରଖାଯିବ । ଏହା ସହିତ ଷ୍ଟ୍ରାଇକିଂ ଫୋର୍ସ ମୁତୟନ ହେବେ। ୪ଟି ଗାଧୁଆ ତୁଠରେ ପୋଲିସ ବି ପହରା ମାରିବ। ବିଶେଷକରି କେମିକାଲ ରଙ୍ଗ ବିକ୍ରି ଉପରେ ନଜର ରଖିବ ସ୍ୱତନ୍ତ୍ର ଟିମ୍। ଜଣେ ଡିସିପିଙ୍କ ନେତୃତ୍ୱରେ ରଙ୍ଗ ନେଇ ଯାଞ୍ଚ କରାଯିବ । ସେହିପରି ୪ଜଣ ଏଡିସିପିଙ୍କ ନେତୃତ୍ୱରେ ୮ ଜଣ ଏସିପି, ଆଇଆଇସିଙ୍କ ସହ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ହୋଲିରେ ମଦ ପିଇ ଗାଡି ଚଳାଇଲେ ଧରିବ ପୋଲିସ । ରାସ୍ତାରେ ଯୁବତୀଙ୍କୁ କମେଣ୍ଟ ମାରିଲେ ଜଗିବ ମହିଳା ପୋଲିସ। *(ପୃଷ୍ଠା ୭ରେ)*

DSPL-101
ସତ୍ୟମେବ ଜୟତେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ରଘୁବର ଦାସ)
OIPR : 15001/13/0891/2324

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ମାର୍ଚ୍ଚ ୨୦୨୪ ସୋମବାର

ଆସନ୍ତା ୩୦ରେ ବିଶ୍ୱ ପ୍ରସିଦ୍ଧ ହରିରାଜପୁର ମେଳଣ

ଚଳିତ ବର୍ଷ ୭୯ ଠାକୁର ସାମିଲ

ଜଟଣୀ, ନ୍ୟୁଜ ବ୍ୟୁରୋ

ଜଟଣୀର ହରିରାଜପୁର ବିଶ୍ୱ ପ୍ରସିଦ୍ଧ ମେଳଣକୁ ନେଇ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ମେଳଣର ଅନେକ ନିଆରା ପରମ୍ପରା ରହିଛି। ୪ ଦିନର ଏହି ଉତ୍ସବ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଜନସମାଗମ ହୁଏ। ବିଶେଷକରି ଠାକୁରଙ୍କ ଜମାଣରାତିରେ ଲକ୍ଷଲକ୍ଷ ଭକ୍ତ ଏକାଠି ହୋଇଥାନ୍ତି। ଏହି ସମୟରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ନିସ୍ତାର ସହ ମାନସିକ ତାହା ପୂର୍ଣ୍ଣହୁଏ ବୋଲି ବିଶ୍ୱାସ ରହିଆସିଛି। ଏହାର ଅନ୍ୟତମ ଆକର୍ଷଣ ହେଉଛି ଜମାଣ ଦିନରେ ରାତିତମାମ ଚମତ୍କାର ଆତସବାଜି। ସୋମନାଥ ଦେବଙ୍କ ପାଖରେ ମାନସିକ ରଖିଥିବା ଭକ୍ତଙ୍କ ପକ୍ଷରୁ ସେହି ରାତିତମାମ ଆତସବାଜି ଫୁଟାଯାଇଥାଏ। ଏହି ପଞ୍ଚୁଦୋଳ ମେଳଣ ତିଥି ଅନୁସାରେ ଚୈତ୍ର ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପଡୁଥିବାବେଳେ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ମେଳଣ ଆରମ୍ଭ ହେବ। ହରିରାଜପୁରର ଚତୁଃପାର୍ଶ୍ୱରେ ଥିବା ୫ ପ୍ରତିଷ୍ଠିତ ଠାକୁରଙ୍କୁ ନେଇ ଆରମ୍ଭ ହୋଇଥିଲା ହରିରାଜପୁର ପଞ୍ଚୁଦୋଳ ମେଳଣ। ସେମାନେ ହେଉଛନ୍ତି ହରିରାଜପୁରର ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ବୁଢ଼ାପଡ଼ା ଗ୍ରାମର ଶ୍ରୀ ଶ୍ରୀ ସୋମନାଥ ଦେବ, କନ୍ତିଆ ଗ୍ରାମର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଛଣଘର ଗ୍ରାମର ଶ୍ରୀ ଶ୍ରୀ ଗତିଶ୍ୱର ଦେବ ଓ ଭଁସର ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ। କାଳକ୍ରମେ ୭୭ ଠାକୁରଙ୍କୁ ମେଳଣରେ ସାମିଲ କରାଯାଇଛି। ଚଳିତ ବର୍ଷ ଆହୁରି ୨ ଠାକୁର ସାମିଲ ହୋଇଛନ୍ତି। ଆଗକୁ ଏହା ଆହୁରି ବଢ଼ିବ ବୋଲି ଆଶା ରହିଛି। ହାଣ୍ଡିଭୋଗ ଓ ନାଲାଭୋଗ ଲାଗି ପରେ ଆରମ୍ଭ ହୋଇ ଗୋଧୂଳି ଲଗ୍ନ ପରେ ଶେଷ ହୋଇଥାଏ ହରିରାଜପୁର ମେଳଣ। ମେଳଣ ଅବସରରେ ପୂର୍ବରୁ ଗୋରୁହାଟ ବସିବା ସହିତ ବାଉଁଶ, ପଥର, ଲୁହା ସାମଗ୍ରୀ ବିକ୍ରି ହେଉଥିଲା। ଏସବୁ କାଳକ୍ରମେ ହ୍ରାସ ପାଇଛି।

ସୂଚନାନୁସାରେ, ଗଜପତି ମହାରାଜା ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ୧୫ ବର୍ଷ ସୁଖଶାନ୍ତିରେ କଟିଥିବାରୁ ୧୬୩୬ ଚୈତ୍ରମାସ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ବସନ୍ତରାସ (ନୂତନ ରଥଯାତ୍ରା) ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରା ଦେଖିସାରି ହରିରାଜପୁର ଗ୍ରାମର ବାବାଜୀ ଗୋବର୍ଦ୍ଧନ ଓ ନିତେଇ ସାହୁ ପୁରୀରୁ ଫେରିବା ବାଟରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ କରିବାକୁ ମନସ୍ଥ କରି ଉଭୟଙ୍କ ପାଖରେ ଥିବା ଏକଟଙ୍କା ଚାରିଅଣାରେ ବାଟରୁ ଛୋଟ ଛୋଟ ଆଟିକାମାନ କିଣି ଗାଁରେ ପହଞ୍ଚିଥିଲେ। ଗାଁରେ ସମସ୍ତଙ୍କ ଘରେ ଆଟିକାଗୁଡ଼ିକୁ ବାଣ୍ଟି ସେଥିରେ ପ୍ରତିଦିନ ଦୁଇଓଳି ମୁଠାଏ ଲେଖାଏଁ ଚାଉଳ ପକାଇବାକୁ ଅନୁରୋଧ କରିଥିଲେ। କିଛିଦିନ ପରେ ଗ୍ରାମବାସୀଙ୍କ ଠାରୁ ସଂଗୃହୀତ ଏହି ମୁଠିଚାଉଳକୁ ବିକ୍ରିକରି ସେହି ଅର୍ଥରେ ପରବର୍ଷ, ଅର୍ଥାତ୍ ୧୬୩୭ ଚୈତ୍ରମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇଥିଲା। ପରମ୍ପରା ଅନୁସାରେ ଠାକୁରଙ୍କ ଜମାଣ ରାତିରେ ସୋମନାଥ ଦେବଙ୍କ ପାଖରେ ମାନସିକ ରଖିଥିବା ଭକ୍ତଙ୍କ ପକ୍ଷରୁ ରାତିତମାମ ଆତସବାଜି ଫୁଟାଯାଏ। ମଧ୍ୟରାତ୍ରିରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଜେ ପ୍ରତିମା ମନ୍ଦିରରୁ ବାହାରି ବିମାନରେ ପଶ୍ଚିମଦ୍ୱାର ଦେଇ ବାଟରୁ ଶ୍ରୀ ଗୋପାଳଜୀ ଓ ବାଳମୁକୁନ୍ଦଦେବଙ୍କୁ ସାଙ୍ଗରେ ନେଇ ଭକ୍ତଙ୍କ ଗହଣରେ ବାଜା, ବାଣ, ରୋଷଣୀ, ହୁଳହୁଳି, ଘଣ୍ଟନାଦରେ ମେଳଣ ପଡ଼ିଆକୁ ଯାତ୍ରା କରିଥାନ୍ତି। ସେଠାର ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ପଡ଼ିଆରେ ସମସ୍ତ ଠାକୁରଙ୍କ ପୂଜା ଆରାଧନା, ଧୂପଦୀପ, ପୁଷ୍ପ, ହାଣ୍ଡିଭୋଗ ଲାଗି ସହ ଫଗୁ ଅର୍ପଣ କରି ଭକ୍ତମାନେ ଅବିର ଖେଳନ୍ତି। ସେହିପରି ମଝି ଦୁଇଦିନରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିବା ସହ କିଣାବିକା (ମୀନା ବଜାର) ଭୋଗ ଲାଗି କରିଥାନ୍ତି। ଶେଷସନ୍ଧ୍ୟାରେ ଗୋଧୂଳି ଲଗ୍ନରେ ମେଳଣ ଉଦ୍‌ଯାପିତ ହୋଇଥାଏ। ସେଦିନ ପ୍ରଥମେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିମାନକୁ ଆସ୍ଥାନରୁ ଉଠାଇ ରତ୍ନବେଦୀ ଆଡ଼କୁ ଅଣାଯିବା ପରେ ଅନ୍ୟ ସମସ୍ତ ଠାକୁରଙ୍କୁ ବିମାନରେ କାନ୍ଧୁଆଳିମାନେ ଜୟଜୟକାର ଧ୍ୱନି ଭିତରେ ନିଜ ନିଜ ଗ୍ରାମକୁ ନେଇ ଯାଆନ୍ତି। ରାତିରେ ପଶ୍ଚିମାଶମ୍ଭୁ ସୋମନାଥ ଦେବ କାଚିରୀ ଭୋଗଖାଇ ଭୋର ସମୟରେ ନିଜ ମନ୍ଦିରକୁ ପ୍ରବେଶ କରନ୍ତି। ତା'ପରେ ମହାସ୍ନାନ ଅନୁଷ୍ଠିତ ହୋଇ ଅନ୍ନପ୍ରସାଦ ଲାଗି ହେବାପରେ ସେ ବିଶ୍ରାମ ନେବାର ପରମ୍ପରା ରହିଛି।

ପାଗ ବିଗିଡ଼ିଗଲା: ଗଣ ଅଣ୍ଡାଦାନ ବ୍ୟାହତ

ରାଜନଗର, ନ୍ୟୁଜ ବ୍ୟୁରୋ

ମାର୍ଚ୍ଚ ମାସ ସରିବାକୁ ବସିଲାଣି କିନ୍ତୁ ଏ ଯାଏ ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇପାରୁନି। କୂଳରୁ ୫ ଶହ ମିଟର ମଧ୍ୟରେ ଲକ୍ଷାଧିକ ମା' କଇଁଛ ଠୁଳ ହୋଇଥିଲେ ବି ଗଣ ଅଣ୍ଡାଦାନ ପାଇଁ ବାଲୁକା ଶଯ୍ୟା ଉପରକୁ ଆସୁନାହାନ୍ତି। ଜଳବାୟୁ ପରିବର୍ତ୍ତନ ସହ ପାଣିପାଗର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ମାର୍ଚ୍ଚ ୩ୟ ସପ୍ତାହରେ ଲଗାଣ ବର୍ଷା ହେଉଛି। ପାଗ ଅନୁକୂଳ ହେଉ ନଥିବାରୁ ଅଲିଭରିଡଲେ କୂଳରେ ଭିଡ଼ ଜମାଇଥିଲେ ମଧ୍ୟ ଅଣ୍ଡାଦାନ ପାଇଁ ବାଲୁକା ଶଯ୍ୟାକୁ ଆସୁନଥିବା ଜଣାପଡ଼ିଛି। ଯେଉଁ ସମୟରେ ଗୋଟିଏ ଗୋଟିଏ ଦିନରେ ଲକ୍ଷାଧିକ କଇଁଛ ଅଣ୍ଡା ଦେବାକଥା, ସେ ସମୟରେ ହାତ ଗଣତି କଇଁଛ ଅଣ୍ଡା ଦେବାପାଇଁ ବାଲି ପଠାକୁ ଆସୁଛନ୍ତି। ଗଲା ଏକ ମାସ ମଧ୍ୟରେ ନାସୀ-୧, ନାସୀ-୨, ମାଦଳୀ, ସାତଭାୟା, ହବାଳିଖଟି, ଚିଂଚିରି ଓ ଦୋବନ୍ଧିରେ ମାତ୍ର ୬୦ଟି ଅଲିଭରିଡଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଛନ୍ତି। ଏହି ଅଣ୍ଡାକୁ ସଂଗ୍ରହ କରି ହାଚେରିରେ ରଖାଯାଇଛି। ଅନ୍ୟପଟେ ଚଳିତ କଇଁଛ ଋତୁରେ ଅଲିଭରିଡଲେଙ୍କୁ ସୁରକ୍ଷା ଯୋଗାଇବାରେ ବନବିଭାଗ ଏକ ପ୍ରକାର ବିଫଳ ହୋଇଥିଲା।

୧୯୭୫ ମସିହାରେ ଗହୀରମଥା ଉପକୂଳରେ ୧୦ କିମି ବାଲୁକା ଶଯ୍ୟାରେ ଅଲିଭ ରିଡଲେଙ୍କ ଗଣ ଅଣ୍ଡାଦାନ ପକ୍ରିୟା ସାମନାକୁ ଆସିଥିଲା। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିବା ପରେ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛଧରା ଓ ଟ୍ରଲର ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ପ୍ରତିବର୍ଷ ନଭେମ୍ବର ୧ରୁ ମଇ ୩୧ ତାରିଖ ଯାଏଁ କଇଁଛ ଋତୁ ପାଇଁ ଗହୀରମଥା ସମେତ ଧାମରା ମୁହାଁଣରୁ ଦେବୀ ମୁହାଁଣ ଯାଏଁ କୂଳ ଠାରୁ ୨୦ କିମି ଯାଏଁ ଟ୍ରଲର ଚଳାଚଳ ଓ ମାଛଧରା କଟକଣା ଜାରି କରାଯାଉଛି। ଫେବୃୟାରୀରୁ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ମଧ୍ୟରେ ବିରଳ କଇଁଛଙ୍କ ଗଣ ଅଣ୍ଡାଦାନ ପକ୍ରିୟା ଅନୁଷ୍ଠିତ ହୋଇଥାଏ। ସମଗ୍ର ବିଶ୍ୱରେ ଉପଲବ୍ଧ ସଂଖ୍ୟା ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଗହୀରମଥାରେ ସମାଗମ ହୋଇଥାନ୍ତି। ପୂର୍ବରୁ ବିଭିନ୍ନ କାରଣରୁ ୨୦୦୮ ଓ ୨୦୧୪ରେ ଗଣଅଣ୍ଡାଦାନ ପକ୍ରିୟା ହୋଇପାରି ନଥିଲା। ୨୦୦୮ରେ ୩୧୨୧ କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିବା ବେଳେ ୨୦୧୪ରେ ମାତ୍ର ୫୨୫ କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିଲେ। ଏହି ଦୁଇବର୍ଷ କୂଳରେ ଲକ୍ଷାଧିକ କଇଁଛ ଥାଇ ମଧ୍ୟ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ନହୋଇ ଫେରିଯାଇଥିଲେ। ଗହୀରମଥାକୁ କଇଁଛଙ୍କ ଏନ୍ତୁଡିଶାଳ କୁହାଯାଉଥିବା ବେଳେ ଗତବର୍ଷ ଋଷିକୂଲ୍ୟାରେ ପ୍ରଥମେ ଗଣ ଅଣ୍ଡାଦାନ ପକ୍ରିୟା ହୋଇଥିଲା। ଗହୀରମଥା ଠାରୁ ୧ ଲକ୍ଷ ଅଧିକ କଇଁଛ ଋଷିକୂଲ୍ୟାରେ ଅଣ୍ଡା ଦେଇଥିଲେ। ଅପରପକ୍ଷରେ ବନବିଭାଗର ସୂଚନା ମୁତାବକ ବାଲି ଗରମ ଥିଲେ, ଗରମ ପବନ ସହିତ ଦକ୍ଷିଣା ପବନ ବହିଲେ କଇଁଛମାନେ ଗଣ ଅଣ୍ଡାଦାନରେ ସାମିଲ ହୋଇଥାନ୍ତି। ମାତ୍ର ଗତ କିଛିଦିନ ହେଲା ମେଘୁଆ ପାଗ ସହିତ ବର୍ଷା ଓ ଥଣ୍ଡା ପବନ ବୋହୁଥିବାରୁ କଇଁଛମାନେ କୂଳରେ ଥାଇ ମଧ୍ୟ ଅଣ୍ଡାଦାନ ପକ୍ରିୟାରେ ସାମିଲ ହେଉନାହାନ୍ତି।

ବରମୁଣ୍ଡାରେ ଧପଧପ, ଅନ୍ଧାରରେ ଜୟଦେବବିହାର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ସହର ଦେଇ ଯାଇଥିବା ଜାତୀୟ ରାଜପଥ କୋଟି କୋଟି ଟଙ୍କା ବ୍ୟୟରେ ଆଲୋକୀକରଣ ହୋଇଛି। ଗୋଟିଏ ବି ଲାଇଟ୍ ଲିଭିଲେ ଦୁର୍ଘଟଣା ଆଶଙ୍କା ଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ କଡ଼ା ନଜର ରଖିଥିବା କହୁଛନ୍ତି। ହେଲେ ଏହି ରାଜପଥରେ ଏବେ ବିଚିତ୍ର ସ୍ଥିତି ଦେଖାଦେଇଛି। ବରମୁଣ୍ଡାରେ ଷ୍ଟ୍ରିଟ୍ ଲାଇଟ୍ ଧପ ଧପ ହୋଇ ଜଳୁଥିବା ବେଳେ ଜୟଦେବ ବିହାର ଫ୍ଲାଏ ଓଭର ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ହୋଇପଡ଼ିଛି। ଫାୟାରଷ୍ଟେସନରୁ ବରମୁଣ୍ଡା ପର୍ଯ୍ୟନ୍ତ ରାସ୍ତାରେ ଦିନରେ ଜଳୁଛି। ଏଭଳି ବିଚିତ୍ର ସ୍ଥିତି ଏବେ ଯାତ୍ରୀଙ୍କ ପାଇଁ କାଳ ହୋଇଛି। ଗତ ବର୍ଷ ୬ ମାସ ଧରି ଜାତୀୟ ରାଜପଥର ବରମୁଣ୍ଡା ନିକଟରେ ଅନ୍ଧାର ରହିଥିଲା। ଫାୟାରଷ୍ଟେସନ ଛକ ପରେ ଓ ବରମୁଣ୍ଡା ଫ୍ଲାଏ ଓଭର ପୂର୍ବ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାରୁ ଦୁର୍ଘଟଣା ଘଟୁଥିଲା। ୬ ମାସ ମଧ୍ୟରେ ୧୫ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଥିଲେ। ବିଶେଷକରି ରାସ୍ତାର ଅପରପାର୍ଶ୍ୱରେ ବସ୍ ରହୁଥିବାରୁ ବସ୍ ଧରିବା ପାଇଁ ଯିବା ବେଳେ ଅନ୍ଧାର ଯୋଗୁ ଦୁର୍ଘଟଣାର ଶିକାର ହୋଇଥିଲେ। ସର୍ଭିସ ରୋଡ୍ ଦେଇ ଅପରପାର୍ଶ୍ୱକୁ ଯିବାକୁ ଦୂର ହେଉଥିବାରୁ ଯାତ୍ରୀମାନେ ସର୍ଟ କଟ୍ ନେଇ ବିପଦରେ ପଡ଼ିଥିଲେ। ଅଭିଯୋଗ ପରେ ଏନ୍‌ଏଚ୍‌ଏଆଇ ଏହାକୁ ମରାମତି କରିବାକୁ ଯୋଜନା କରିଥିଲା। କୌତୁହଳପ୍ରଦ ଥିଲା କି, ଷ୍ଟ୍ରିଟ୍ ଲାଇଟ୍ କେବୁଲ କଟିଛି କି ଅନ୍ୟ କୌଣସି ସମସ୍ୟା ପାଇଁ ଲାଇଟ୍ ଜଳୁନାହିଁ, ତାହା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଜାଣିପାରିନଥିଲେ। ଲାଇଟ୍ ସଜାଡ଼ିବା ପାଇଁ ବରମୁଣ୍ଡା ଫ୍ଲାଏଓଭରର ପ୍ରସ୍ତୁତିର ପ୍ଲାନ୍ ଖୋଜିଥିଲେ। ସେତେବେଳେ କର୍ତ୍ତୃପକ୍ଷ କହିଥିଲେ, ଦୀର୍ଘ ବର୍ଷ ତଳୁ ବରମୁଣ୍ଡା ଫ୍ଲାଏଓଭର୍ ନିର୍ମାଣ କରାଯାଇଥିଲା। ତେଣୁ ସେତେବେଳେ ଫ୍ଲାଏଓଭର ତିଆରି ପାଇଁ ଅନୁମୋଦିତ ନକ୍ସା ବା ପ୍ଲାନ୍‌ରେ ଲାଇଟ୍‌ର କେବୁଲ କେମିତି ସଂଯୋଗ ହୋଇଥିଲା, ତାହା ଦେଖିବା ପାଇଁ ନକ୍ସାର ଆବଶ୍ୟକତା ଥିଲା। ଫଳରେ ଏହି ଲାଇଟ୍ ଜଳାଇବାକୁ ୬ ମାସ ବିତି ଯାଇଥିଲା। ଠିକ୍ ସେହିଭଳି ବାଣୀ ବିହାର ଛକରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଓଭରବ୍ରିଜ୍ ଉପରେ କି ତଳେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଫ୍ଲାଏ ଓଭର ଉପରେ ଦୁର୍ଘଟଣା ବଢ଼ିଛି। ସର୍ଭିସ୍ ରୋଡ୍‌ରେ ନଥିବାରୁ ଏଠାରେ ମଧ୍ୟ ବିପଦ ହୋଇଛି। ଗଳି ରାସ୍ତାଗୁଡ଼ିକ ଅନ୍ଧାର ହୋଇଯିବା ଫଳରେ ପଥଚାରୀ ଓ ଗାଡ଼ି ଚାଳକ ସମସ୍ୟାରେ ପଡୁଛନ୍ତି। ନାଇଟ୍ କୋଚ୍ ବସ୍‌ଗୁଡ଼ିକ ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ଛିନ୍‌ତାଇର ଶିକାର ହେଉଛନ୍ତି। ଜୟଦେବ ବିହାର ଓ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ମାତ୍ର ୫୦୦ ମିଟର ରାସ୍ତା ପାର କରିବାକୁ ଲୋକମାନଙ୍କ ପାଇଁ କାଠିକର ପାଠ ହୋଇପଡୁଛି। ରାତି ୧୦ ପରେ କୁକୁର ଓ ମଦୁଆଙ୍କ ପ୍ରାଦୁର୍ଭାବ ବଢୁଛି। ଏନେଇ ଏନଏଚଆଇ ଅଧିକାରୀ କେ. ନାଗେଶ୍ୱର ରାଓ କହିଛନ୍ତି କର୍ମଚାରୀମାନେ ପାଟ୍ରୋଲିଂ କରୁଛନ୍ତି। ଯେଉଁ ଯାନ୍ତ୍ରିକ ତ୍ରୁଟି ଥିବ ତାହାର ତୁରନ୍ତ ସମାଧାନ ହେବ।

ଓଡ଼ିଶାକୁ ଆସିବ କଦଳୀଗଛ ଟିସୁରୁ ପ୍ରସ୍ତୁତ କପଡ଼ାର ସାନିଟାରି ପ୍ୟାଡ୍

SAUKHYAM
ODISHA

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜଣେ ମହିଳା ଜୀବନକାଳରେ ଋତୁସ୍ରାବ ବେଳେ ହାରାହାରି ୧୦-୧୫ ହଜାରର ସାନିଟାରି ପ୍ୟାଡ୍‌ର ବ୍ୟବହାର କରନ୍ତି। ଏଥିରେ ଥିବା ଉପାଦାନ ଯୋଗୁଁ ଆବର୍ଜନାର ଏଭଳି ପାହାଡ଼ ତିଆରି ହେଉଛି ଯାହା ସମ୍ପୂର୍ଣ୍ଣ ବିଘଟିତ ହେବା ପାଇଁ ଅନ୍ୟୁନ ୫୦୦ରୁ ୮୦୦ ବର୍ଷ ଲାଗିଥାଏ। ଯାହାକୁ ପରିଚାଳନା କରିବା ୪୦ ହଜାର ପ୍ଲାଷ୍ଟିକ ବ୍ୟାଗର ପରିଚାଳନା ଭଳି କଷ୍ଟକର ଅଟେ ବୋଲି କହିଛନ୍ତି 'ସୌଖ୍ୟମ'ର ପରିଚାଳନା ନିର୍ଦ୍ଦେଶକ ତଥା ପ୍ୟାଡ୍ ମହିଳା ଭାବରେ ପରିଚିତ ଅଞ୍ଜୁ ବିଷ୍ଟ। ଏହାର ସମାଧାନ ପାଇଁ ଶ୍ରୀ ମାତା ଅମୃତାନନ୍ଦମୟୀ ଦେବୀଙ୍କ ସଂସ୍ଥା ପକ୍ଷରୁ କଦଳୀ ଗଛର ଟିସୁରେ କପଡ଼ାର ପୁନଃବ୍ୟବହାରଯୁକ୍ତ ସାନିଟାରି ପ୍ୟାଡ୍ ପ୍ରସ୍ତୁତ କରୁଛି। ଯାହା ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ସୁରକ୍ଷିତ ଅଟେ। ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଞ୍ଜୁ ଏହି ପ୍ୟାଡ ବିଷୟରେ ସୂଚନା ଦେବା ସହିତ ଓଡ଼ିଶାରେ ବ୍ୟବହାର ବଢାଇବା ପାଇଁ ପ୍ରସ୍ତୁତି ଚାଲିଥିବା ବିଷୟରେ କହିଥିଲେ। ଏହି ଅବସରରେ ତାଙ୍କ ସହିତ ସାମାଜିକ କର୍ମକର୍ତ୍ତା ସ୍ନେହ ମିଶ୍ର, କୋଚ ଶୁଭସ୍ମିତା ରଥ, ପ୍ରବୀଣ ବିଷ୍ଟ ଉପସ୍ଥିତ ଥିଲେ।

କୁଲଡିହା ବନବିଭାଗ ଦ୍ୱାରା
୮ ଶିକାରୀ ଗିରଫ

ବାଲେଶ୍ୱର, ନ୍ୟୁଜ ବ୍ୟୁରୋ

ଶିକାରୀ ଗୁଳିରେ ୨ ସବୁଜ ବାହିନୀ ଗୁରୁତର ପରେ ଆକ୍ସନ ମୋଡରେ କୁଲଡିହା ବନବିଭାଗ। ଶିକାରୀଙ୍କୁ ସାବାଡ଼ କରିବାକୁ କଡା ଆଭିମୁଖ୍ୟ। ତିନି ଦିନରେ ଗିରଫ ହେଲେଣି ୮ ଜଣ ଶିକାରୀ। ତା'ସହିତ ବେଆଇନ୍ ବନ୍ଧୁକ ତିଆରି କାରଖାନା ମାଲିକଙ୍କୁ ଗିରଫ କରାଯାଇଛି। ଶିକାରୀ ଓ କାରଖାନା ମାଲିକଙ୍କଠୁ ୧୨ଟି ବନ୍ଧୁକ ଜବତ ହୋଇଛି । ସେଥିରୁ ୬ଟିରେ ଗୁଳି ଭର୍ତ୍ତି ହୋଇରହିଥିବା ସୂଚନା ମିଳିଛି। ପ୍ରଥମ ଦିନରେ କୋଇମୁଣ୍ଡିୟ ଗାଁରେ ଚଢଉ କରି ଦୁଇଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଥିବାବେଳେ ଦ୍ୱିତୀୟ ଦିନରେ ମଲ୍ଲିବଣିଆ ଓ ଡେଉଁଖାଲ ଗାଁରେ ଚଢଉ କରି ବନ୍ଧୁକ ସହ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗର ସ୍ପେଶାଲ୍ ଟିମ୍।

ଘୁମୁସର ଉଦୟଗିରିରେ ବଢୁଛି ମୋବାଇଲ ଫୋନ୍ ଚୋରଙ୍କ ଦୌରାତ୍ମ୍ୟ

ଘୁ.ଉଦୟଗିରି, ନ୍ୟୁଜ ବ୍ୟୁରୋ

କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ସହରରେ ଦିନକୁ ଦିନ ମୋବାଇଲ ଫୋନ୍ ଚୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସହରରେ ମାତିଛନ୍ତି ମୋବାଇଲ ଚୋର ଗ୍ୟାଙ୍ଗ। ଜନଗହଳି ସ୍ଥାନରେ ଲୋକଙ୍କୁ ଟାର୍ଗେଟ କରି ଅଭିନବ କୌଶଳରେ ମୋବାଇଲ ଚୋରି କରୁଥିବା ସୂଚନା ମିଳିଛି। ଗତ ୧୫ଦିନ ଭିତରେ ୫୦ରୁ ଉର୍ଦ୍ଧ୍ୱ ମୋବାଇଲ ଚୋରି ହେବା ସୂଚନା ମିଳିଛି। ମୋବାଇଲ ଚୋରିର ଶିକାର ହେବା ପରେ କିଛି ଲୋକ ଥାନାରେ ଜଣାଉଥିବା ବେଳେ ଆଉ କିଛି ଲୋକ ନିଜ ଭାଗ୍ୟକୁ ଆଦରି ଚୁପ ରହୁଛନ୍ତି। ବିଶେଷ କରି ସକାଳୁ ଭଞ୍ଜ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ପରିବା ବଜାରରେ ଭିଡର ସୁଯୋଗ ନେଇ ମୋବାଇଲ ଲୁଟେରା ଅତି ଚତୁରତାର ସହ ପରିବା ବାଛିବା ବେଳେ ଟାର୍ଗେଟ କରି ମୋବାଇଲ ଲୁଟ କରିଥାନ୍ତି। ଯେମିତିକି ମୋବାଇଲଧାରୀ ନିଜ ମୋବାଇଲ ଚୋରି ହେବାର ସୁରାକ ବି ପାଇ ପାରୁନାହାନ୍ତି। ଅନ୍ୟ ଏକ ସ୍ଥାନ ହେଲା ସାପ୍ତାହିକ ହାଟ ସେଇ ସ୍ଥାନରେ ମଧ୍ୟ ଏହିଭଳି ଉପାୟରେ ମୋବାଇଲ ଚୋରି ହେବାରେ ଲାଗିଛି। ଏତେ ମାତ୍ରାରେ ମୋବାଇଲ ଚୋରି ହେଉଛି ହେଲେ ଚୋରର ଟେର ପାଇପାରୁନି ପୁଲିସ। ମୋବାଇଲ ଚୋରି କରୁଛି କିଏ ତାର ତିଳେ ବି ସୁରାକ ପାଉନି ପୁଲିସ। ମୋବାଇଲ ଚୋରି ରୋକିବା ସହ ଚୋରି ମୋବାଇଲ ଉଦ୍ଧାର କରିବା ସ୍ଥାନୀୟ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।

ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରଛାତ୍ରୀ ରୁଷ୍‌ମୁହାଁ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଯୁଦ୍ଧ ପାଇଁ ୟୁକ୍ରେନରେ ମେଡିକାଲ ପାଠ ଅଧାରେ ଛାଡ଼ି ଘରକୁ ଫେରି ଆସିଥିବା ଛାତ୍ରଛାତ୍ରୀ ଏବେ ପାଠ ଶେଷ କରିବାଲାଗି ଋଷ୍ ଓ ଜର୍ଜିଆ ମୁହାଁ ହୋଇଛନ୍ତି। ଏଥିପାଇଁ ସେମାନଙ୍କୁ କିଛିଟା ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଛି, କିନ୍ତୁ ଭବିଷ୍ୟତ କୌଣସି ପ୍ରକାର ରକ୍ଷା ପାଇଯାଇଥିବା ସେମାନେ କହୁଛନ୍ତି। ପ୍ରାୟ ୨ବର୍ଷ ତଳେ ୟୁକ୍ରେନ୍ ଉପରେ ଋଷ୍‌ର ଯୁଦ୍ଧ ଘୋଷଣା ଓ ଆକ୍ରମଣ ଯୋଗୁଁ କେବଳ ୟୁକ୍ରେନରେ କାମ କରୁଥିବା ଭାରତୀୟଙ୍କ ସହିତ ସେଠାରେ ପଢୁଥିବା ଓଡ଼ିଶାର ୭୦୦ରୁ ଅଧିକ ମେଡିକାଲ୍ ଛାତ୍ରଛାତ୍ରୀ ଘରକୁ ଫେରି ଆସିଥିଲେ। ସେମାନଙ୍କ ଭିତରୁ ଅଧିକାଂଶ ସୁରକ୍ଷିତ ଫେରିଥିଲେ ମଧ୍ୟ ପାଠ ଅଧା ବାକିଥିବାରୁ ତାଙ୍କ ଭବିଷ୍ୟତ ଅନିଶ୍ଚିତତା ଘେରକୁ ଚାଲି ଯାଇଥିଲା। ଯୁଦ୍ଧ ଶେଷ ହୋଇ ନଥିବାରୁ ସେମାନେ ପୁଣି ନିଜ କଲେଜକୁ ଫେରି ପାଠ ସମାପ୍ତ କରିବା ସମ୍ଭବ ନଥିଲା। ସେଥିପାଇଁ ରାଜ୍ୟରେ ଥିବା ମେଡିକାଲ କଲେଜଗୁଡ଼ିକରେ ସେମାନଙ୍କୁ ପଢିବାକୁ ସୁଯୋଗ ଦେବା ପାଇଁ ଦାବି କରିଥିଲେ। କିନ୍ତୁ ତାହା ମଧ୍ୟ ଏତେ ସହଜ ନଥିଲା। ତେଣୁ ସମୟ ନଷ୍ଟ ନକରି ତୁରନ୍ତ ଋଷ୍ ସ୍ଥିତ ମାରିଷ୍ଟେଟ ମେଡିକାଲ ବିଶ୍ୱବିଦ୍ୟାଳୟକୁ ଟ୍ରାନ୍ସଫର କରି ମେଡିକାଲ୍‌ର ସ୍ନାତକ ସମ୍ପୂର୍ଣ୍ଣ କରି ସାରିଛନ୍ତି ରାଜଧାନୀର ଝାରପଡ଼ାରେ ରହୁଥିବା ସିଦ୍ଧାନ୍ତ ରାଉତରାୟ। ସେ କହନ୍ତି, ଏହି ସମୁଦାୟ ପ୍ରକ୍ରିୟାରେ ତାଙ୍କର ଗୋଟିଏ ବର୍ଷ ମଧ୍ୟ ନଷ୍ଟ ହୋଇନାହିଁ। ଋଷ୍ ଓ ୟୁକ୍ରେନ୍‌ର ମେଡିକାଲ ପାଠ୍ୟକ୍ରମ ସମାନ। ସେଥିପାଇଁ ବର୍ଷକୁ ୪ ଲକ୍ଷ ଟଙ୍କା ଦେୟ ଦେବାକୁ ପଡ଼ିଛି। ତାଙ୍କ ଭଳି ଅନେକ ୟୁକ୍ରେନ ଫେରନ୍ତା ମେଡିକାଲ ବିଦ୍ୟାର୍ଥୀ ଋଷରେ ପାଠ ପଢୁଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଆସି ଲାଇସେନ୍ସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି।

ସମ୍ବଲପୁର ଅଧିବାସୀ ଅଜିମ ଅଞ୍ଜୁ କହିଛନ୍ତି, ଯୁଦ୍ଧ ଯୋଗୁଁ ତାଙ୍କ ପୁଅ ଜାକିଙ୍କୁ ୟୁକ୍ରେନ ସ୍ଥିତ ମେଡିକାଲ କଲେଜରୁ ପାଠ ଅଧାରୁ ଛାଡ଼ି ଘରକୁ ଆସିବାକୁ ପଡ଼ିଥିଲା। ଏଠାରେ ପ୍ରଥମେ ସେ ଅନ୍‌ଲାଇନ୍‌ରେ ସେହି ବର୍ଷର ପରୀକ୍ଷା ଦେଇଥିଲା। ପରେ ୟୁକ୍ରେନ ମେଡିକାଲ କଲେଜର ସହଯୋଗରେ ୪ ମାସ ପୂର୍ବରୁ ଜର୍ଜିଆ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ପୁଅ ବର୍ତ୍ତମାନ ମଧ୍ୟ ସେଠାରେ ରହି ପଢୁଛନ୍ତି। ଏଥିପାଇଁ ଅବଶ୍ୟ ଦୁଇଗୁଣ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି, କିନ୍ତୁ ପୁଅର ଭବିଷ୍ୟତ ସୁରକ୍ଷିତ ରହିଥିବାରୁ ସେ ଖୁସି ଅଛନ୍ତି। ଅବଶ୍ୟ ଥରେ ଖର୍ଚ୍ଚ କରିବା ପରେ ପୁଣି ଅଧିକ ଖର୍ଚ୍ଚ କରିବା ଫେରି ଆସିଥିବା ସବୁ ମେଡିକାଲ ଛାତ୍ରଛାତ୍ରୀଙ୍କ ବାପା ମା'ଙ୍କ ପକ୍ଷରେ ସମ୍ଭବ ହୋଇନାହିଁ। କିନ୍ତୁ ଏମିତି ଦେଖିଲେ ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲେ ମଧ୍ୟ ତାହା ଭାରତର ଅଧିକାଂଶ ଘରୋଇ ମେଡିକାଲ୍ କଲେଜର ଫି'ଠାରୁ କମ୍। ଏହି କ୍ଷେତ୍ରରେ କାମ କରୁଥିବା ଏକ ସଂସ୍ଥାର ଅବଦୁଲ୍ ଜାହିର କହନ୍ତି, କେବଳ ତାଙ୍କ ସଂସ୍ଥା ଜରିଆରେ

ଓମଫେଡର ପରିଚାଳନା ନିର୍ଦ୍ଦେଶକ
ହେଲେ ବିଜୟ ଅମୃତ କୁଲାଙ୍ଗେ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଆଇଏଏସ୍ ବିଜୟ ଅମୃତ କୁଲାଙ୍ଗେଙ୍କୁ ନୂଆ ଦାୟିତ୍ୱ ମିଳିଛି। ଓମଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ ବିଜୟ ଅମୃତ କୁଲାଙ୍ଗେଙ୍କୁ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତାଙ୍କର ନୂଆ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ସେ ବିଏମସି କମିସନର ଦାୟିତ୍ୱରେ ଥିଲେ। କିଛି ଦିନ ତଳେ ତାଙ୍କୁ ହଠାତ୍ ପଦରୁ ହଟାଇ ଏକ ମାସ ଛୁଟି ଦିଆଯାଇଥିଲା। ଛୁଟି ସରିବା ପରେ ଏବେ ସରକାର ତାଙ୍କୁ ଏହି ନୂଆ ନିଯୁକ୍ତି ଦେଇଛନ୍ତି।

ମାଛ ଖାଇବାରେ ବଙ୍ଗାଳୀଙ୍କୁ ପଛରେ ପକାଇଲେ ଓଡ଼ିଆ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସମଗ୍ର ଦେଶରେ ମାଛ ଖାଇବା ପରିମାଣ ବୃଦ୍ଧି ପାଇଛି। ମାଛ ଖାଇବାରେ ଓଡ଼ିଶାବାସୀ ପଛରେ ନାହାନ୍ତି। ଏ କ୍ଷେତ୍ରରେ ପଶ୍ଚିମବଙ୍ଗ, ତାମିଲନାଡୁ, ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟକୁ ପଛରେ ପକାଇଦେଇଛି ଓଡ଼ିଶା। ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡ଼ିଛି।

ରିପୋର୍ଟ ଅନୁସାରେ, ସମଗ୍ର ଦେଶରେ ୭୨.୧% ଅର୍ଥାତ୍ ୯୬୬.୬ ନିୟୁତ ଲୋକ ମାଛ ଖାଉଛନ୍ତି। ତ୍ରିପୁରାରେ ସର୍ବାଧିକ ଲୋକ ମାଛ ଖାଉଥିବା ବେଳେ ପଞ୍ଜାବ ଓ ହରିୟାନାରେ ଏହି ହାର ସବୁଠାରୁ କମ୍ ରହିଛି। ଦୈନିକ ମାଛ ଖାଇବା କଥା ଦେଖିଲେ, କେରଳ ଲୋକ ଆଗରେ ରହିଛନ୍ତି। ଏହି ରାଜ୍ୟରେ ୫୩.୫% ଲୋକ ଦୈନିକ ମାଛ ଖାଉଥିବା ବେଳେ ଏହା ପଛକୁ ଗୋଆ (୩୬.୨%), ପଶ୍ଚିମବଙ୍ଗ (୨୧.୯୦%), ମଣିପୁର (୧୯.୭୦%), ଆସାମ (୧୩.୧୦%), ତ୍ରିପୁରା (୧୧.୫୦%) ରହିଛନ୍ତି। ତେବେ ସାପ୍ତାହିକ ମାଛ ଖାଇବାରେ ୬୯% ସହ ଆସାମ ଓ ତ୍ରିପୁରା ଆଗରେ ରହିଥିବା ବେଳେ ୬୬.୮% ସହିତ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଓଡ଼ିଶା ପଛକୁ ପଶ୍ଚିମବଙ୍ଗ (୬୫.୭୫%), ଅରୁଣାଚଳ ପ୍ରଦେଶ (୬୫.୨୫%), ତାମିଲନାଡୁ (୫୮.୨%) ରହିଛନ୍ତି। ତଥ୍ୟରୁ ଜଣାପଡ଼ିଛି ଯେ ଉତ୍ତରପୂର୍ବ ଓ ପୂର୍ବାଞ୍ଚଳ ରାଜ୍ୟ, ତାମିଲନାଡୁ, କେରଳ ଓ ଗୋଆରେ ମାଛ ଖାଉଥିବା ଲୋକଙ୍କ ହାର ୯୦%ରୁ ଅଧିକ ଅଛି।

ଆଇସିଏଆର ରିପୋର୍ଟ କହୁଛି ଯେ ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ପରିମାଣର ମାଛ ଖାଇଥା'ନ୍ତି। କମ୍ ମାଛ ଖାଉଥିବା ରାଜ୍ୟରେ ପୁରୁଷମାନେ ଘର ବାହାରେ ମାଛ ଖାଇଥାନ୍ତି। ଭାରତ ବିଶ୍ୱରେ ତୃତୀୟ ବୃହତ୍ତମ ମତ୍ସ୍ୟ ଉତ୍ପାଦକ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ମାଛ ଖାଇବାରେ ୧୮୩ଟି ଦେଶ ମଧ୍ୟରେ ଭାରତ ୧୨୯ତମ ସ୍ଥାନରେ ରହିଛି। ବିଶ୍ୱର ମାତ୍ର ୮% ମାଛ ଭାରତୀୟମାନେ ଖାଇଥାନ୍ତି। ୨୦୦୦-୦୧ ବେଳକୁ ଓଡ଼ିଶାରେ ମୁଣ୍ଡପିଛା ମାଛ ସେବନ ୭.୭୧ କେଜି ଥିବା ବେଳେ ୨୦୨୦-୨୧ରେ ଏହା ୧୬.୨୪ କେଜିକୁ ବୃଦ୍ଧି ପାଇଥିଲା। ୨୦୨୫ ବେଳକୁ ଓଡ଼ିଶାରେ ମୁଣ୍ଡପିଛା ମାଛ ସେବନ ୨୦ କେଜିକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ୭ ଲକ୍ଷ ହେକ୍ଟର ମଧୁର ଜଳରେ ପ୍ରାୟ ୭ଲକ୍ଷ ଟନ୍ ମାଛ ଉତ୍ପାଦନ ହୋଇଥାଏ। ସେହିପରି ପ୍ରାୟ ୫ଲକ୍ଷ ହେକ୍ଟର ଲୁଣାପାଣିରେ ମାଛ ଚାଷ କରାଯାଉଛି। ଏଥିରୁ ପ୍ରାୟ ୫୦ହଜାର ଟନ୍ ଲୁଣାମାଛ ଉତ୍ପାଦନ ହେଉଛି। '୫-ଟି' ଉପକ୍ରମ ଅଧୀନରେ ଓଡ଼ିଶା ସରକାର ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ରଣନୀତି ଆଧାରରେ କାମ କରୁଛନ୍ତି। ମାଛ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସରକାର ଲୋକଙ୍କୁ ଜୀବିକା ଭିତ୍ତିକ ମାଛ ଚାଷ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ପରିଣାମ ସ୍ୱରୂପ ଗତବର୍ଷ ଅକ୍ଟୋବର ସୁଦ୍ଧା ମାଛ ଉତ୍ପାଦନରେ ୩୧.୫% ଅଭିବୃଦ୍ଧି ସହିତ ଓଡ଼ିଶା ୪ର୍ଥ ସ୍ଥାନରେ ରହିଥିଲା। ମୋଟାମୋଟି ଭାବେ ମାଛ ଉତ୍ପାଦନ ୮ଲକ୍ଷ ଟନ୍ ନିକଟବର୍ତ୍ତୀ ହୋଇଛି।

ପୁରୁଣା ବସ୍‌ଷ୍ଟାଣ୍ଡରୁ ଗହଳି କମୁନି

ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ

ରାଜଧାନୀ ବସ୍ ମାଲିକ ସଂଘ
DHANI BUS OWNERS' ASSOCIATION, Estd-2011
ADVANCE TICKET BOOKING

ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍‌ଏବିଟି) ଉଦ୍‌ଘାଟନକୁ ୩ସପ୍ତାହ ବିତିବାକୁ ବସିଲାଣି। ତଥାପି ପୁରୁଣା ବସ୍‌ଷ୍ଟାଣ୍ଡରୁ ଗହଳି କମୁନାହିଁ। ବିଏସ୍‌ଏବିଟି ବେ'ରେ ବସ୍‌ଗୁଡ଼ିକ ମାତ୍ର ୧୫ ମିନିଟ୍ ରହୁଛି, ତେଣୁ ଟିକେଟ୍ କାଟିବାକୁ ଯାତ୍ରୀଙ୍କୁ ସମୟ ମିଳୁନାହିଁ। ଏବେ ଦେଖିବାକୁ ମିଳୁଛି ଯେ ଅଧିକାଂଶ ଯାତ୍ରୀ ପୁରୁଣା ବସ୍ ରହଣୀସ୍ଥଳରେ ପହଞ୍ଚି ସେଠାରେ ଟିକେଟ୍ କାଟି ବସ୍‌ରେ ବସୁଛନ୍ତି। କାରଣ ବସ୍‌ଗୁଡ଼ିକ ବେ'ରେ ଲାଗିଲାବେଳକୁ ବସ୍ ଭିତରେ ଆଉ ସିଟ୍ ଖାଲି ରହୁନାହିଁ। ଫଳରେ ବିଏସ୍‌ଏବିଟିରେ ଅପେକ୍ଷା କରୁଥିବା ଯାତ୍ରୀଙ୍କୁ ମନପସନ୍ଦର ସିଟ୍ ମିଳୁନି। ପୁରୁଣା ବସ୍‌ଷ୍ଟାଣ୍ଡରେ ଯେଉଁ ଯାତ୍ରୀ ଚଢୁଛନ୍ତି, ସେମାନେ ବସ୍‌ର ଆଗ ସିଟ୍ ମାଡ଼ି ବସୁଛନ୍ତି। ବିଏସ୍‌ଏବିଟିରୁ ଉଠୁଥିବା ଯାତ୍ରୀଙ୍କୁ ବସ୍‌ର ପଛସିଟ୍ ମିଳୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି।

ବିଏସ୍‌ଏବିଟିରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଥିଲେ ମଧ୍ୟ ଅନେକ ଯାତ୍ରୀ ସେଠାକୁ ଆସୁନାହାନ୍ତି। ଖରା ଓ ବର୍ଷାରେ ମଧ୍ୟ ସେମାନେ ପୁରୁଣା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରୁଥିବାର ଦୃଶ୍ୟ ସବୁଦିନ ଦେଖିବାକୁ ମିଳୁଛି। ଭଲସିଟ୍ ପାଇବାକୁ ସେମାନେ ଏଭଳି କରୁଥିବା କହୁଛନ୍ତି। ଯାତ୍ରୀଙ୍କ ସମସ୍ୟା କେବଳ ଏତିକିରେ ସରି ନାହିଁ, ଯାତ୍ରୀମାନେ ବରମୁଣ୍ଡା ଅଣ୍ଡରପାସରେ ଓହ୍ଲାଇ ପ୍ରାୟ ଦେଢ଼ କିଲୋମିଟର ଚାଲିବା ପରେ ବିଏସ୍‌ଏବିଟିରେ ପହଞ୍ଚୁଛନ୍ତି। ମାତ୍ର କେଉଁ ଘରୋଇ ବସ୍ କେତେବେଳେ ଆସିବ ସେନେଇ କୌଣସି ସୂଚନା ଦିଆଯାଉ ନାହିଁ। ବସ୍‌ଷ୍ଟାଣ୍ଡ ପରିଚାଳନା କରୁଥିବା ବିଏସ୍‌ଏବିଟି କର୍ତ୍ତୃପକ୍ଷଙ୍କ ପାଖରେ କେବଳ ସରକାରୀ ବସ୍‌ଗୁଡ଼ିକର ସମୟ ସାରଣୀ ରହିଛି। କେଉଁ ସରକାରୀ ବସ୍ କେତେବେଳେ ଆସିବ ଓ କେତେବେଳେ ଛାଡ଼ିବ, ସେନେଇ ସୂଚନା ଦିଆ ଯାଉଛି। ଘରୋଇ ବସ୍ ସମ୍ପର୍କରେ ଆଦୌ ଖବର ରହୁନାହିଁ। ଅତିବେଶୀରେ କେଉଁ ଜିଲ୍ଲାକୁ କେତେ ନମ୍ବର ବେ'ରେ ବସ୍ ଲାଗିବ, କେବଳ ସେତିକି ହିଁ ସୂଚନା କହି ପାରୁଛନ୍ତି, ନ ହେଲେ ନାହିଁ। ଏହାଦ୍ୱାରା ଦେଖା ଯାଉଛି ଯେ ବିଏସ୍‌ଏବିଟିକୁ ଆସୁଥିବା ଯାତ୍ରୀମାନେ ନିରାଶ ହୋଇ ପୁଣିଥରେ ପିଲାଛୁଆଙ୍କୁ ଧରି ପୁରୁଣାବସ୍‌ଷ୍ଟାଣ୍ଡକୁ ଚାଲିଚାଲି ଯାଉଛନ୍ତି। ପ୍ରାୟ ଦୁଇ ସପ୍ତାହ ହେଲା ଯାତ୍ରୀମାନେ ଏଭଳି ହିନସ୍ତା ଭୋଗୁଥିଲେ ମଧ୍ୟ କୌଣସି ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଅବଶ୍ୟ ଯାତ୍ରୀଙ୍କ ସମେତ ବସ୍ ଓ ଅଟୋ ଚାଳକଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦେଖି ବିଡିଏ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେଥିରେ ଅଟୋ ଚାଳକମାନଙ୍କୁ କୁହାଯାଇଛି, ସେମାନେ ବସ୍ ଟର୍ମିନାଲକୁ ଆଣୁଥିବା ଯାତ୍ରୀମାନଙ୍କୁ ଏଣେତେଣେ ନ ଓହ୍ଲାଇ ବସ୍ ଟର୍ମିନାଲର ପ୍ରବେଶ ଦ୍ୱାର ନିକଟରେ ଛାଡ଼ନ୍ତୁ। ବସ୍ ଟର୍ମିନାଲକୁ ଯାତ୍ରୀ ଆଣୁଥବା କୌଣସି ଅଟୋରିକ୍ସାକୁ ଜରିମାନା କରାଯାଉ ନାହିଁ। ବସ୍ ଚାଳକଙ୍କୁ କୁହାଯାଇଛି ଯେ ଖଣ୍ଡଗିରି ଛକଠାରୁ ଫାୟାର ଷ୍ଟେସନ ମଧ୍ୟରେ ବେଆଇନ ଭାବରେ ଗାଡ଼ି ଅଟକାଇ କୌଣସି ଯାତ୍ରୀଙ୍କୁ ନେବା ଆଣିବା କରନ୍ତୁ ନାହିଁ। ଏହାର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ଯାତ୍ରୀଙ୍କୁ ବସ୍ ଟର୍ମିନାଲ ଭିତରେ ତଳ ମହଲାରେ ଥିବା ବସ୍ ରହଣୀ ସ୍ଥଳରେ ଛାଡ଼ନ୍ତୁ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ମାର୍ଚ୍ଚ ୨୦୨୪ ସୋମବାର

ବିଶ୍ୱ ବନ ଦିବସ-୨୦୨୪
ସ୍ଥାନ-ଜୟଦେବ ଭବନ, ଭୁବନେଶ୍ୱର

ଭୁବନେଶ୍ୱର : ଉଲେଖନୀୟ କାର୍ଯ୍ୟ ପାଇଁ ବିଶ୍ୱ ବନ ଦିବସ -୨୦୨୪ ଅବସରରେ ରାୟଗଡା ବନଖଣ୍ଡରେ କାର୍ଯ୍ୟରତ ଦୁଇ ଜଣ ବନକର୍ମଚାରୀ ଗୌରୀ ଶଙ୍କର ସାହୁ (ଫରେଷ୍ଟର) ଏବଂ ପ୍ରଦୀପ କୁମାର ସାହୁ (ଫରେଷ୍ଟଗାର୍ଡ)ଙ୍କୁ ସମ୍ମାନିତ କରାଯାଇଛି । ଜୟଦେବ ଭବନ ପରିସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ପ୍ରଧାନ ମୁଖ୍ୟ ବନସଂରକ୍ଷକ (ପି ଓ ଏସ.ଏମ୍) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଉଭୟଙ୍କୁ ମାନପତ୍ର, ମେଡାଲ ସହ ଦଶ ହଜାର ଟଙ୍କା ଲେଖାଁଏ ଚେକ୍ ପ୍ରଦାନ କରାଯାଇଛି । ଏହି ଦୁଇ ଜଣ ରାୟଗଡା ବନଖଣ୍ଡରେ ବହୁ ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି । ଜଙ୍ଗଲରେ ନିଆଁ ଲିଭାଇବା, ଚାରାରୋପଣ, ବନ୍ୟଜନ୍ତୁ ଶିକାର ରୋକିବା, ଜଙ୍ଗଲରେ କାଠ ଚୋରି ନିୟନ୍ତ୍ରଣ କରିବାରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । (ଫଟୋ : ସମ୍ବାଦ କଳିକା)

ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି: ଗଡ଼ିବ ଅଢ଼େଇ ହଜାର ଗାଡ଼ି

କଟକ, ନ୍ୟୁଜ ବ୍ୟୁରୋ

ନିର୍ବାଚନ ପାଖେଇ ଆସୁଥିବା ବେଳେ ଏଥିପାଇଁ ପ୍ରଶାସନର ପ୍ରସ୍ତୁତି ଜୋରଦାର୍ ଚାଲିଛି । ବିଶେଷକରି ନିର୍ବାଚନ ସମୟରେ ଗାଡ଼ିର ଆବଶ୍ୟକତା ଯଥେଷ୍ଟ ଅଧିକ ଥିବାରୁ ଏନେଇ କଟକ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ପକ୍ଷରୁ ଗାଡ଼ି ରିକ୍ୟୁଜେସନ୍ ଆରମ୍ଭ ହୋଇଛି । କଟକ ଜିଲ୍ଲା ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଅଢ଼େଇ ହଜାର ଗାଡ଼ି (ଏଥିରେ ବସ୍, ଟ୍ରକ୍, ମିନି ଟ୍ରକ୍, ଅଟୋ, ଦୁଇ ଚକିଆ ଯାନ) ରିକ୍ୟୁଜେସନ୍ କରାଯିବ ବୋଲି ଆକଳନ କରାଯାଇଛି । ଏହାବାଦ୍ କଟକ ଜିଲ୍ଲା ପକ୍ଷରୁ ଆହୁରି ପ୍ରାୟ ୭ଶହ ବସ୍ ମଧ୍ୟ ରିକ୍ୟୁଜେସନ୍ କରାଯିବାକୁ ଯୋଜନା ରହିଛି । ସେହିସବୁ ବସ୍ ପ୍ରାୟ ୧୦ଟି ଜିଲ୍ଲାକୁ ପଠାଯିବ । କଟକ ସହ ଭୁବନେଶ୍ୱରରୁ ମଧ୍ୟ ଆଉ ପ୍ରାୟ ୭ଶହ ବସ୍ ରିକ୍ୟୁଜେସନ୍ କରାଯାଇ ଅନ୍ୟ ଜିଲ୍ଲାଗୁଡ଼ିକୁ ପଠାଯିବ । କଟକ ଆରଟିଓଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଟକ ଜିଲ୍ଲାପାଇଁ ୩୮ଟି ଟ୍ରକ୍ ରିକ୍ୟୁଜେସନ୍ କରାଯିବ । ସେହିପରି ୩୧ ସିଟ୍ ବିଶିଷ୍ଟ ୨୯୩ଟି ବସ୍ ଏବଂ ୨୧ରୁ ୩୧ ସିଟ୍ ବିଶିଷ୍ଟ ୬୨୫ଟି ବସ୍, ୨୧ରୁ କମ୍ ସିଟ୍ ବିଶିଷ୍ଟ ୯୫ଟି ବସ୍ ରିକ୍ୟୁଜେସନ୍ କରାଯିବ । ୧୩୫୫ଟି ପିକ୍‌ଅପ୍, ଟାଟା ମ୍ୟାଜିକ୍ ଏବଂ ବୋଲେରୋ ମଧ୍ୟ ନିଆଯିବ । ଏହା ବାଦ୍ ୨୧ଟି ଇନୋଭା/ଜାଇଲୋ, ୩୦ଟି କାର୍ ଏବଂ ୪୩ଟି ମୋଟର ସାଇକେଲ୍ ନିର୍ବାଚନ ପ୍ରସ୍ତୁତିରେ ଲାଗିବ । ଏଥିରୁ କେବଳ ୧୦୪୨ଟି ଗାଡ଼ି ରେଭେନ୍ସା କ୍ୟାମ୍ପସ୍‌ରେ ରହିବ । ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୭୩ଟି, ଆଠଗଡ଼ରେ ୪୨୭ଟି, ପୁଲିସ୍ ପାଇଁ ଆବଶ୍ୟକ କରୁଥିବା ୩୦୧ଟି ଗାଡ଼ି ବକ୍ସିବଜାର ରିଜର୍ଭ ଅଫିସ୍‌ରେ ରହିବ । କିନ୍ତୁ କଟକ ଜିଲ୍ଲା କେବଳ ନିଜ ଜିଲ୍ଲା ପାଇଁ ଗାଡ଼ି ରିକ୍ୟୁଜେସନ୍ କରେନାହିଁ । କଟକ ଏବଂ ଭୁବନେଶ୍ୱର ଆରଟିଓଙ୍କ ପକ୍ଷରୁ ପ୍ରାୟ ୧୭୦୦ ବସ୍ ରିକ୍ୟୁଜେସନ୍ କରାଯାଇଥାଏ । କଟକ ଆରଟିଓଙ୍କ ପକ୍ଷରୁ ୬୦୦ରୁ ଅଧିକ ଏବଂ ଭୁବନେଶ୍ୱର ଆରଟିଓଙ୍କ ପକ୍ଷରୁ ପ୍ରାୟ ୭୦୦ ଏବଂ ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାରୁ ରିକ୍ୟୁଜେସନ୍ କରାଯାଇଥାଏ । ଏହିସବୁ ଗାଡ଼ିକୁ କୋରାପୁଟ, ମାଲାକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ସୋନପୁର, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାକୁ ପଠାଯାଇଥାଏ । ଏନେଇ କଟକ ଏମ୍‌ଭିଆଇ ବିଶ୍ୱଜିତ୍ ଦାସ କହିଛନ୍ତି ଯେ, ବିଭିନ୍ନ ଗାଡ଼ି ମାଲିକ କେବେ ସୁଦ୍ଧା ଆରଟିଓଙ୍କ କାର୍ଯ୍ୟାଳୟରେ ରିପୋର୍ଟିଂ କରିବେ ସେନେଇ ନୋଟିସ୍ କରାଯାଇଛି । ଯଦି ଧାର୍ଯ୍ୟ ସମୟରେ ଗାଡ଼ି ମାଲିକମାନେ ରିପୋର୍ଟିଂ ନକରନ୍ତି ତା'ହେଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

କ୍ୟାପିଟାଲ ହସ୍ପିଟାଲରୁ ଜଣେ ଦଲାଲଙ୍କୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କ୍ୟାପିଟାଲ ହସ୍ପିଟାଲରୁ ଦଲାଲ ଗିରଫ । ଗଞ୍ଜାମରୁ ଆସି ୟୁନିଟ-୬ରେ ରହୁଥିବା ଜିତେନ୍ଦ୍ର ଚୌଧୁରୀଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ସେ ଜଣେ ଅଟୋ ଚାଳକ ହୋଇଥିବା ବେଳେ କ୍ୟାପିଟାଲ ହସ୍ପିଟାଲରୁ ଘରୋଇ ହସ୍ପିଟାଲକୁ ଚାଲାଣ କରୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା । ଏହା ପରେ ତାଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଦୀର୍ଘ ଦିନ ଧରି କ୍ୟାପିଟାଲ ହସ୍ପିଟାଲରୁ ନିର୍ଦ୍ଦିଷ୍ଟ ଏକ ଘରୋଇ ହସ୍ପିଟାଲକୁ ରୋଗୀ ପଠାଇବା ସହ କମିଶନ ଆଧାରରେ କାମ କରୁଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଛି । ତା'ସହ ଆଉ କିଛି ହସ୍ପିଟାଲ କର୍ମଚାରୀଙ୍କ ଲିଙ୍କ ନେଇ ଖବର ମିଳିଛି । ଖୁବଶୀଘ୍ର ଏଭଳି ଦଲାଲି କାରବାର ସହ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛି ପୁଲିସ ।

ବାଲେଶ୍ୱର : ଗାନ୍ଧୀଙ୍କ ତିନି ମାଙ୍କଡ କୌତୁକ ପୋଷାକ ପ୍ରତିଯୋଗିତାର ରିହର୍ସାଲରେ ତିନି ଭାଇ ଭଉଣୀ (ଫଟୋ- ନ୍ୟୁଜ)

ସୁବର୍ଣ୍ଣପୁର ପୋଲିସ୍ ପକ୍ଷରୁ ୪ କ୍ୱିଣ୍ଟାଲ ୬୫ କେଜି ଗଞ୍ଜେଇ ଜବତ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୋନପୁର ପୋଲିସ୍‌ର ପେଟ୍ରୋଲିଂ ବେଳେ କୌଣସି ସୂତ୍ରରୁ ଖବର ପାଇ ହାର୍ଭେଷ୍ଟର ଲୋଡ଼ିଂ ଥିବା ଏକ ଟ୍ରାକ୍ଟର ୩୮୦କୁ ଯାଞ୍ଚ କରି ସେଥିରୁ ୪ କ୍ୱିଣ୍ଟାଲ ୬୫ କେ.ଜି ଗଞ୍ଜେଇ ଜବତ କରିଛି । ଯାହାର କି ମୂଲ୍ୟ ୧୫ ଲକ୍ଷରୁ ଅଧିକ ବୋଲି ସୂଚନା ମିଳିଛି ଏବଂ ସୋନପୁର ପୋଲିସ୍ ଟିମ୍‌ର ଏକ ରେକର୍ଡ ସଫଳତା ମଧ୍ୟ ନିଶ୍ଚିତ ହୋଇଛି । ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ସାହୁଙ୍କ ନେତୃତ୍ୱରେ ଏକ ସ୍ପେଶାଲ୍ ସ୍କ୍ୱାର୍ଡ ରବିବାର ଏଇ ଟ୍ରାକ୍ଟର ସହ ଗଞ୍ଜେଇ ଜବତ କରି ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଥାନା ଅନ୍ତର୍ଗତ ଖଟଖଟିଆ ଗାଁର ୨୪ ବର୍ଷୀୟ ଯୁବକ ରିଲୁ ବିଶି ଓ ୨୨ ବର୍ଷୀୟ ଯୁବକ ମାନସ ଭୋଇଙ୍କୁ ସୋନପୁର ଥାନରେ କେଶ ନମ୍ବର୍ ୧୧୯ b ii c ୨୫/୨୯ ଧାରାରେ ଗିରଫ କରିଛି । ରବିବାର ଏ ଘଟଣା ନେଇ ସୋନପୁର ପୋଲିସ ଷ୍ଟେସନରେ ସୁବର୍ଣ୍ଣପୁର ଏସ୍‌ପି ଶ୍ରୀ ୟସ୍ ପ୍ରତାପ ଶ୍ରୀମାଲଙ୍କ ନେତୃତ୍ୱରେ ଆଇଆଇସି ଲୋକ ନାଥ ସାହୁଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଅୟୋଜନ କରାଯାଇ ଏସ୍‌ପି ଶ୍ରୀମାଲ ସମସ୍ତ ସୂଚନା ଦେଇଛନ୍ତି । ନୂତନ ଏସ୍‌ପି ଶ୍ରୀମାଲଙ୍କ ତତ୍ତ୍ୱାବଧାନରେ ଏବଂ ଥାନା ଅଧିକାରୀ ଶ୍ରୀ ସାହୁଙ୍କ ସ୍ପେସାଲ ସ୍କ୍ୱାର୍ଡଙ୍କ ଉଦ୍ୟମରେ ଜିଲ୍ଲା ପୋଲିସ୍‌କୁ ଏକ ରେକର୍ଡ ସଫଳତା ମିଳିଥିବାରୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନିର୍ବାଚନ ପାଇଁ ୧୦ ଦଫା ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ରାଜ୍ୟ ବାସୀଙ୍କ ପାଇଁ କଂଗ୍ରେସର ନିର୍ବାଚନୀ ଇସ୍ତାହାର (ଦଶ ଦଫା ଗ୍ୟାରେଣ୍ଟି କାର୍ଡ)କୁ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଉନ୍ମୋଚନ କରାଯାଇଛି । ଜଗତସିଂହପୁର ଜିଲ୍ଲା ବାସୀଙ୍କ ସ୍ୱାର୍ଥ ପାଇଁ ମେଡିକାଲ୍ କଲେଜ ସ୍ଥାପନ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରିବା ସହ ରାଜ୍ୟ ବାସୀଙ୍କୁ କଂଗ୍ରେସ ଦଳ ଗ୍ୟାରେଣ୍ଟି ମାଧ୍ୟମରେ ଯଥା : ଗୃହ ଜ୍ୟୋତି ଯୋଜନାରେ ରାଜ୍ୟର ପ୍ରତ୍ୟେକ ଘରୋଇ ବିଦ୍ୟୁତ ଉପୋଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଜୁଳି ଦେୟ ଛାଡ଼ । ଯୁବବିକାଶ ଯୋଜନାରେ ରାଜ୍ୟର ୫ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହିତ ମାସିକ ୩୦୦୦ ଟଙ୍କା ବେକାରୀ ଭତ୍ତା । କୃଷକ ବନ୍ଧୁ ଯୋଜନାରେ ବୋନସ ସହିତ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା । କୃଷକମାନଙ୍କ ପାଇଁ ମାସିକ ୨୦୦୦ ଟଙ୍କା ପେନସନ ଏବଂ କୃଷି ଋଣ ଛାଡ଼ । ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ୨୦୦୦ ଟଙ୍କା, ଆଦିବାସୀ-ଦଳିତ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ଏବଂ ମାସକୁ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର ଯୋଗାଣ । ଜନକଲ୍ୟାଣ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ସରକାରୀ ଚାକିରିଆଙ୍କ ସହ ସମସ୍ତଙ୍କ ପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା । ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମାସିକ ୨୦୦୦ ଟଙ୍କା । ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀମାନଙ୍କୁ ୬ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ । ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭%ସ୍ଥାନ ସଂରକ୍ଷଣ ବ୍ୟବସ୍ଥା । ଆଦିବାସୀ ଓ ଦଳିତ ବର୍ଗଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର । ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରେସ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ପର୍ଯ୍ୟବେକ୍ଷକ ପ୍ରତିମା ମଲ୍ଲିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ତଥା ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ହେମନ୍ତ କୁମାର ରଥ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିୟମ୍ୱଦା ପାଣି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଜିଲ୍ଲା ସଂଖ୍ୟାଲଘୁ ବିଭାଗ ସଭାପତି ଇମତିଆଜ୍ ଅହମ୍ମଦ ଖାଁ, କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡ଼ ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡା, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ କୁମାର ଜେନା, ନଗର ମହିଳା କଂଗ୍ରେସ ସଭାପତି ମାନସୀ ନନ୍ଦ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ଉପ ସଭାପତି ଲିପୁ ମହାନ୍ତି, କଂଗ୍ରେସ ନେତା ମାନସ ରଥ, ଅବନୀକାନ୍ତ ମହାରଣା, ସୁଦର୍ଶନ ବେହେରା, ସେଖ ସାମସୁଦ୍ଦିନ ଅନନ୍ତ ନାରାୟଣ ମିଶ୍ର, ରାଜକିଶୋର ନାଥ ପ୍ରମୁଖ ଉପସ୍ଥିତ ରହି ଗ୍ୟାରେଣ୍ଟି କାର୍ଡକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ ।

ଏପ୍ରିଲ ୭ରେ ୧୩ ଶମ୍ଭୁ ମିଳନ ସମାରୋହ

ବାଲିଗୁଡା, ନ୍ୟୁଜ ବ୍ୟୁରୋ

ବାଲିଗୁଡା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଡ଼.ରୀନା ପ୍ରଧାନଙ୍କ ଅଧକ୍ଷତାରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ଏପ୍ରିଲ ୭ ତାରିଖରେ ଆୟୋଜିତ ହେବାକୁ ଥିବା ୧୩ ଶମ୍ଭୁ ମିଳନ ସମାରୋହ ନିମନ୍ତେ ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁଲିସ ପ୍ରଶାସନ ତରଫରୁ ଅସ୍ଥାୟୀ ଫାଣ୍ଡି ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଏନଏସି ତରଫରୁ ସହର ପରିମଳ ବ୍ୟବସ୍ଥା, ଦୁଇ ଦୁଇଟି ପୋଖରୀ ସଫେଇ ଆଦି ସହିତ ଅନ୍ୟାନ୍ୟ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ସମୟରେ ଯେଭଳି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ନହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଉପ ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିବା ବେଳେ ପଞ୍ଚୁଦଣ୍ଡ ପରିଚାଳନା କମିଟିର ସଭାପତି କିଶୋର କୁମାର ପାଳ, ଉପସଭାପତି ସୁଜିତ କୁମାର ପାଳ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ଭଗବାନ ପଣ୍ଡା, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡା ଉପଦେଷ୍ଟା ରାଜ କିଶୋର ଦାସ, ସୁରେଶ ମହାନ୍ତି, ଅଧିକାରୀ ଶିବରାମ ପ୍ରଧାନୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ବାଲୁକା କଳା ମାଧ୍ୟମରେ ବିଶ୍ୱ ଆର୍ଥ ଆୱାର ଦିବସର ସଚେତନତା

ପୁରୀ, ନ୍ୟୁଜ ବ୍ୟୁରୋ

ବିଶ୍ୱ ଆର୍ଥ ଆୱାର ଦିବସ ଅବସରରେ ପ୍ରତ୍ୟେକ ଘରେ ଘରେ ରାତି ୮ଟା୩୦ରୁ ୯ଟା୩୦ ପର୍ଯ୍ୟନ୍ତ ପ୍ରାୟ ଏକ ଘଣ୍ଟା ପାଇଁ ଶକ୍ତି ସଞ୍ଚୟ ଉଦ୍ଦେଶ୍ୟରେ ବିଦ୍ୟୁତ କାଟ କରାଯାଏ । ଏହି ମହତ୍ କାର୍ଯ୍ୟକୁ ନେଇ ଜନସଚେତନତା ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ ପୁରୀ ବେଳା ଭୂମିରେ ନିର୍ମାଣ ହୋଇଥିବା ବାଲୁକା କଳା ସୁଦର୍ଶନ ପଟ୍ଟନାୟକ ଓ ତାଙ୍କ ସାଥି କଳାକାରମାନଙ୍କ ଦ୍ୱାରା ସୁନ୍ଦର ବାଲୁକା କଳା ପ୍ରଦର୍ଶନ କରାଯାଇଛି । ।

କେମିକାଲ୍ ଅଭାବରୁ ଅଚଳାବସ୍ଥା: ହୋଇପାରୁନି ଟେଷ୍ଟିଂ

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତି ଗତ ଦୁଇ ମାସ ଧରି ଲାଗି ରହିଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ରସାୟନ ଦ୍ରବ୍ୟ ଅଭାବ ଯୋଗୁଁ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟିଂ ହୋଇପାରୁନାହିଁ । ଯାହାଫଳରେ ଲୋକଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଘରୋଇ ନିଦାନ କେନ୍ଦ୍ର ବା ପାଥୋଲୋଜିକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସୂଚନା ଯୋଗ୍ୟ ଯେ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିସନ ଜରିଆରେ ସହରାଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତିଷ୍ଠା ହୋଇଛି । ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ରହ୍ମପୁର ସହରରେ ବିଭିନ୍ନ ସ୍ଥାନରେ ୭ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ରହିଥିବା ବେଳେ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି କେନ୍ଦ୍ର ଜରିଆରେ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହିତ ନିଦାନ ଭଳି ନିଃଶୁଳ୍କ ରୋଗ ନିରୁପଣ ସେବା ଯୋଗାଇ ଦିଆଯାଇଛି । ଏହି କେନ୍ଦ୍ର ଗୁଡ଼ିକରେ ହେମାଟୋଲୋଜି ବିଭାଗର ୧୧ଟି ମାଇକ୍ରୋ ବାୟୋଲୋଜି ବିଭାଗର ୨୨ଟି, ସେରୋଲୋଜି ବିଭାଗର ୧୧ଟି, ୟୁରିନ୍ ଆନାଲିସିସ୍‌ର ୩ଟି, ଗୋଟିଏ ଷ୍ଟୁଲ୍ ଆନାଲିସିସ୍ ଓ ଅନ୍ୟାନ୍ୟ ୩ ପ୍ରକାରର ଟେଷ୍ଟିଂର ସୁବିଧା ମିଳୁଥିଲା । ଲୋକଙ୍କୁ ହାତପାଆନ୍ତରେ ସମସ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ଚିକିତ୍ସା ତଥା ନିଦାନ ସେବା ଉପଲବ୍ଧ ହେଉଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆଖପାଖ ଅଞ୍ଚଳରୁ ବହୁ ରୋଗୀ ଏପରିକି ଦୈନିକ ଶତାଧିକ ରୋଗୀଙ୍କ ଭିଡ଼ ଜମୁଥିଲା । କେନ୍ଦ୍ରଗୁଡ଼ିକର ବର୍ହିଃବିଭାଗ ପୂର୍ବାହ୍ନ ୮ଟା ଠାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ଖୋଲା ରହୁଥିବାରୁ ଲୋକଙ୍କୁ ଚିକିତ୍ସା ପରାମର୍ଶ ପାଇଁ ମଧ୍ୟ ବେଶ ସୁବିଧା ହେଉଥିଲା । ଏନେଇ ବ୍ରହ୍ମପୁର ମହାନଗର ନିଗମର ଏନ୍‌ୟୁଏଚ୍‌ଏମ୍ ସେଲ୍ ପକ୍ଷରୁ ଗତ ଫେବୃୟାରୀରେ ହୋଇଥିବା ସାଧାରଣ ପରିଷଦ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ତେବେ କେମିକାଲ୍ କ୍ରୟ କରିବା କ୍ଷମତା ବିଏମ୍‌ସିର ନଥିବା ବେଳେ ଏନେଇ ସେଲ୍ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଛି । ଏହାକୁ ନେଇ ସିଡ଼ିଏମ୍‌ଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ଉକ୍ତ ଟେଣ୍ଡରକୁ ଖୋଲାଯାଇପାରୁନଥିବା ଜଣାପଡ଼ିଛି । ଫଳରେ ଏଭଳି ସମସ୍ୟା ଆଗାମୀ ମଇ ମାସ ଶେଷ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ପଣ୍ଡା କହିଛନ୍ତି । କେମିକାଲ୍ସ ନଥିବା କାରଣରୁ କେବଳ ଟେଷ୍ଟିଂ ହୋଇପାରୁନାହିଁ ଏହା ନୁହେଁ ବରଂ ଏଥିପାଇଁ କ୍ରୟ କରାଯାଇଥିବା ଯନ୍ତ୍ରାଂଶଗୁଡ଼ିକ ଅଚଳ ପଡ଼ିରହିବା ସହ ଟେକ୍ନିସିଆନ୍‌ମାନେ ମଧ୍ୟ ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି ।

ଏସ୍‌ସିବିରେ ଚିକିତ୍ସାଧୀନ ବନ୍ଦୀଙ୍କ ମୃତ୍ୟୁ

ଏସ୍‌ସିବି
SCB Medical College and Hospital

କଟକ, ନ୍ୟୁଜ ବ୍ୟୁରୋ

କଟକ ଏସ୍‌ସିବି ମେଡିକାଲରେ ପ୍ରାଣ ହରାଇଛନ୍ତି ଚିକିତ୍ସାଧୀନ ବନ୍ଦୀ । ଜେଲ୍‌ରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି । ଜେଲରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏହି ବିଚାରାଧୀନ କଏଦୀ । ଏହାପରେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ କଟକର ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଏଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ପ୍ରାଣ ହରାଇଛନ୍ତି ବିଚାରାଧୀନ କଏଦୀ । ଅପରପକ୍ଷେ 'ଯୋଜନାବଦ୍ଧ ଭାବେ ମୋ ଭାଇକୁ ମାରି ଦିଆଯାଇଛି, ଜେଲ୍ ଭିତରେ ସୁରକ୍ଷିତ ନାହାନ୍ତି କଏଦୀ' ବୋଲି କେନ୍ଦୁଝରର ବିଚାରଧୀନ କଏଦୀ ଅଜୟ ଦାସଙ୍କ ମୃତ୍ୟୁ ଘଟଣାରେ କିଛି ଏପରି ପ୍ରତିକ୍ରିୟା ରଖିଛନ୍ତି ତାଙ୍କ ଭାଇ । କେନ୍ଦୁଝର ସଦର ଥାନା ଭୋଦବାହାଲି ଗାଁର ୨୫ ବର୍ଷୀୟ ଯୁବକ ଅଜୟ ଦାସ ଦୁଷ୍କର୍ମ ଅଭିଯୋଗରେ ଗତ ୧୧ ମାସ ହେଲା କେନ୍ଦୁଝର କେନ୍ଦ୍ରୀୟ ଜେଲ୍‌ରେ ବିଚାରଧୀନ ବନ୍ଦୀ ଭାବେ ଥିଲେ । ଜେଲ୍ ପାଇଖାନା ଟାଙ୍କି ସହ ସଂଯୋଗ କରିଥିବା ଏକ ପାଇପ୍ ସାହାଯ୍ୟରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଜେଲ୍ ୱାର୍ଡରମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ଭେଷଜ ୱାର୍ଡରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ସନ୍ଧ୍ୟାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

ଭିନ୍ନକ୍ଷମ ଶାନ୍ତିଙ୍କୁ ଟ୍ରାଇ ସାଇକେଲ ଦେଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ତରଫରୁ ଜଣେ ସ୍ନାୟୁ ରୋଗରେ ପୀଡିତାକୁ ଚାଲିବାର ବାଟ ଦେଖାଇବା ସହ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିବା ଜଣାପଡିଛି । ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତ ନିକଟରେ ଥିବା ଏକ ନାଳ ପାଖରେ ଅସହାୟ ଅବସ୍ଥାରେ ବସବାସ କରୁଥିବା ବୃଦ୍ଧ ବେନୁଆ ଭୋଇଙ୍କ ପରିବାରର ଝିଅ ଶାନ୍ତି ଭୋଇ । ଦୀର୍ଘ ୧୦ ବର୍ଷ ହେଲା ଶାନ୍ତି ଭୋଇ ସ୍ନାୟୁ ଜନିତ ରୋଗରେ ପୀଡିତ ହେବାରୁ କୁଡିଆ ଘରେ ଅସହାୟ ଅବସ୍ଥାରେ ବସି ରହୁଥିଲା । ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ଖବର ପାଇ ବେନୁଆ ଭୋଇଙ୍କ ଘରେ ପହଞ୍ଚି ତାଙ୍କ ଝିଅ ଶାନ୍ତିକୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ସଂଜୀବ କୁମାର ତରାଇ, ସିଲୁ କୁମାର ରାଓ, ସୂର୍ଯ୍ୟକାନ୍ତ ପରିଡା, ଗଜେନ୍ଦ୍ର ପରିଡା, ରାଜେଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୨୫।୩।୨୦୨୪, ଚୈତ୍ର ଦ୧୨ନ, ସୋମବାର

ସୂର୍ଯ୍ୟୋଦୟ- ଘ୦୫।୪୭।୧୨ **ଚନ୍ଦ୍ରୋଦୟ- ସଂଘ୬।୦୬।୧୨**

ପୂର୍ଣ୍ଣିମା - ୧୨।୩୧ ପର୍ଯ୍ୟନ୍ତ । ଉତ୍ତରା ଫାଲ୍ଗୁନି ନକ୍ଷତ୍ର - ଦିଘ ୧୦।୩୭ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧୨।୩୧ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୦ ଗତେ ଘ ୭।୨୦ ମଧ୍ୟେ ଦିଘ ୧୦।୪୨ ଗତେ ଘ ୧୧।୦୫ ମଧ୍ୟେ । **ପର୍ବୋତ୍ସବ -** ଦୋଳ ପୂର୍ଣ୍ଣିମା, ବସନ୍ତ ରାସ, ଶ୍ରୀ ଚୈତନ୍ୟ ଜନ୍ମ, ବିଭିନ୍ନ ମଠ ମନ୍ଦିରେ ନୂତନ ପଞ୍ଜିକା ପଠନ । ଗଳ୍ପ ପତ୍ରିକା 'କଥା କଳିକା'ର ଜନ୍ମ ଦିବସ ।

ମେଷ: ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।

ବୃଷ: ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ ।

ମିଥୁନ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

କର୍କଟ: ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ । ଖର୍ଚ୍ଚର ମାତ୍ରା ବଢିପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।

ସିଂହ: ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି । ଅୟ ଯୋଗ ମଧ୍ୟ ।

କନ୍ୟା: ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ । କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବାର ସୂଚନା ।

ତୁଳା: ବ୍ୟବସାୟରୁ ଲାଭବାନ ହେବେ । ପାରିବାରିକ ଜୀବନ ହସିଲା ପୂରିଲା ହେବ । ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

ବିଛା: ଶତ୍ରୁ ପରାସ୍ତ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।

ଧନୁ: ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ଜୀବନ ଶାନ୍ତି ମୟ ହେବ । ଆୟର ପରିମାଣ ବଢିବାର ସୂଚନା ।

ମକର: ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବ୍ୟୟର ପରିମାଣ ଅଧିକ ହେବ । ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।

କୁମ୍ଭ: ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ ।

ମୀନ: ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ ।

ପ୍ରାତଃକାଳୀନ
30 YEARS
ସମ୍ବାଦ କଳିକା

ପୁଣି ବଢ଼ିଲା ପିଆଜ ରପ୍ତାନି କଟକଣା



ଲୋକସଭା ନିର୍ବାଚନ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇ କେନ୍ଦ୍ର ସରକାର ଶନିବାର ପିଆଜ ରପ୍ତାନି ଉପରେ ଲାଗିରହିଥିବା କଟରଣାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢାଇ ଦେଇଛନ୍ତି । ପୂର୍ବରୁ ପିଆଜ ରପ୍ତାନି ଉପରେ ଲାଗିଥିବା କଟକଣାର ଶେଷ ତାରିଖ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। ଏବେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଛି।

କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତିକୁ ଦେଶରେ ହେବାକୁ ଥିବା ଲୋକସଭା ନିର୍ବାଚନ ସହ ଯୋଡ଼ାଯାଉଛି। ସାଧାରଣ ନିର୍ବାଚନ ସମୟରେ ପିଆଜ ଦର ବଢ଼ିବ ବୋଲି କେନ୍ଦ୍ର ସରକାର ଚାହୁଁନାହାନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ କେତେକ ବିଦେଶୀ ବଜାରରେ ପିଆଜ ଦର ଆକାଶଛୁଆଁ ହୋଇପାରେ ।

ଭାରତ ହେଉଛି ପିଆଜର ସବୁଠାରୁ ବଡ଼ ରପ୍ତାନିକାରୀ ଦେଶ। ଦେଶରେ ପିଆଜ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୩ ଡିସେମ୍ବରରେ ଏହାର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏହି ନିଷେଧାଦେଶ ଅବଧି ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। ଏହି କଟକଣା ପରେ ଭାରତରେ ପିଆଜ ଦର ଅଧାରୁ ମଧ୍ୟ କମ୍ ହୋଇଯାଇଛି। ଏଥିସହିତ ଋତୁର ନୂଆ ଫସଲ ମଧ୍ୟ ବଜାରକୁ ଆସିବା ଆରମ୍ଭ ହୋଇଛି। ଏହାପରେ ପିଆଜ ରପ୍ତାନି ଉପରେ ଲାଗିଥିବା କଟକଣାକୁ ହଟାଇ ସରକାର ସେମାନଙ୍କୁ ଖୁସି ଖବର ଦେଇପାରିବେ ବୋଲି ବ୍ୟବସାୟୀମାନେ ଆଶା ରଖିଥିଲେ। ତେବେ ସରକାର ବିପରୀତ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। କେନ୍ଦ୍ର ସରକାର ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପିଆଜ ରପ୍ତାନି ଉପରେ କଟକଣା ଜାରି ରହିବ ବୋଲି ଏଥିରେ କୁହାଯାଇଛି।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

ଉତ୍କଳୀୟ ପରମ୍ପରାରେ ଦୋଳ ଯାତ୍ରା ଓ ହୋଲି

ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧାପକ ଓ ଉପ ବିତ୍ତ ଅଧିକାରୀ)
ajayakumarnanda@gmail.com

ଐତିହ୍ୟ ପରମ୍ପରାକୁ ବଜାଇ ରଖିଥିବା ଦେଶ ଭାରତରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କ ପାଇଁ ବର୍ଷ ତମାମ ପାଳିତ ହୁଏ ଅନେକ ପର୍ବପର୍ବାଣୀ ଓ ଯାନିଯାତ୍ରା। ଲୋକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ବନ୍ଧନ, ସ୍ନେହ, ସମ୍ପର୍କ, ପ୍ରେମ ଓ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ସହିତ ପରସ୍ପର ମଧ୍ୟରେ ଏକତା ବଜାୟ ରଖିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉତ୍ସବ ପାଳନ କରିବା ହିଁ ସାମାଜିକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଯାହା ମଣିଷ ଜୀବନରେ ଆତ୍ମ ତୃପ୍ତି ଆଣିଥାଏ। ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ପାଳିତ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ଓ ଯାନିଯାତ୍ରା ଆଣିଥାଏ ଅଫୁରନ୍ତ ଆନନ୍ଦ ଓ ଉତ୍ସାହ। ବ୍ୟସ୍ତ ବହୁଳ ଜୀବନକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ଋତୁଚକ୍ର ପରିବର୍ତ୍ତନରେ ବିଭିନ୍ନ ଋତୁର ଆଗମନ, ପରିବେଶ ଓ ପ୍ରକୃତିରେ ଆଣିଥାଏ ଅନେକ ପରିବର୍ତ୍ତନ। ଋତୁମାନଙ୍କ ମଧ୍ୟରେ ଋତୁ ରାଜ 'ବସନ୍ତ' ଅପୂର୍ବ ସମ୍ଭାର ଧରି ଧରାପୃଷ୍ଠକୁ ପଦାର୍ପଣ କରେ। ଆମ୍ବ ବଉଳର ସୁମଧୁର ବାସ୍ନା ସହ ଫଗୁଣର ମୃଦୁ ମଳୟ ମଣିଷର ମନ ଓ ଶରୀରରେ ଆଣେ ଅପୂର୍ବ ଉନ୍ମାଦନ। ବିଶେଷ କରି ବସନ୍ତ ଋତୁରେ ବସନ୍ତ ଉତ୍ସବ ବା ଦୋଳ ପର୍ବର ନିଆରା ଅନୁଭୂତି ଯେ କୌଣସି ଲୋକଙ୍କୁ ବିମୋହିତ କରେ। ଏହି ସମୟରେ ପୁରପଲ୍ଲୀ ସମେତ ସହର ବଜାରରେ ଝାଞ୍ଜ, ମୃଦଙ୍ଗ ତାଳେ ତାଳେ ହରିନାମ ସଂକୀର୍ତ୍ତନ ମନରେ ଆଣିଦିଏ ଅପୂର୍ବ ଆନନ୍ଦ ଓ ଶିହରଣ। ଫାଲଗୁନ ମାସ ଶୁକ୍ଳ ଦଶମୀ ବା ଫଗୁ ଦଶମୀ ତିଥିରୁ ଦୋଳ ପର୍ବ ଆରମ୍ଭ ହୋଇ ଦୋଳପୂର୍ଣ୍ଣମୀ ଦିନ ସମ୍ପୂର୍ଣ୍ଣ ହୋଇଥାଏ ଯାହାକୁ ରାଜଦୋଳ କୁହାଯାଏ। ଅନେକ ସ୍ଥାନରେ ପୂର୍ଣ୍ଣିମା ପରେ ପାଞ୍ଚ ଦିନ ପାଳନ ହେଉଥିବା ଦୋଳ ପର୍ବକୁ "ପଞ୍ଚୁଦୋଳ" ସାତଦିନ ପର୍ଯ୍ୟନ୍ତ ପାଳନ ହେଉଥିବା ଦୋଳ ପର୍ବକୁ "ସପ୍ତଦୋଳ" ଓ ଦଶ ଦିନ ପର୍ଯ୍ୟନ୍ତ ପାଳନ ହେଉଥିବା ଦୋଳ ପର୍ବକୁ "ଦଶଦୋଳ" ବୋଲି କୁହାଯାଏ। ପୁରାଣ ତଥ୍ୟ ଅନୁଯାଇ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ, ମେତ୍ର ନାମକ ମହାପ୍ରତାପୀ ରାକ୍ଷସକୁ ବଦ୍ଧ କରି ବୃନ୍ଦାବନରେ ଶାନ୍ତି ଫେରେଇ ଆଣିଥିଲେ, ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଦୋଳ ବିମାନରେ ଶ୍ରୀକୃଷ୍ଣଙ୍କୁ ବସାଇ, ଲୋକମାନେ ପରସ୍ପର ମଧ୍ୟରେ ଆନନ୍ଦ ଉଲ୍ଲାସ ସହ ବିଭିନ୍ନ ରଙ୍ଗରେ ରଙ୍ଗାୟିତ ହୋଇ ନଗର ପରିକ୍ରମା କରିଥିଲେ। ଦୋଳ ପର୍ବ ହେଉଛି ଲୀଳାମୟ ଶ୍ରୀକୃଷ୍ଣଙ୍କ ଦ୍ୱାପର ଯୁଗରେ ବସନ୍ତ ରାସ ସମ୍ବଳିତ ଏକ ମହାନ ପରମ୍ପରା। ଏହି ପରମ୍ପରାକୁ ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ବଜାରରେ ମହାସମାରୋହରେ 'ଦୋଳ ପର୍ବ' ରୂପେ ପାଳନ କରାଯାଏ। ବିଶେଷକରି ପୁରପଲ୍ଲୀରେ ସୁସଜ୍ଜିତ ଦୋଳ ବିମାନରେ ଦୋଳ ଗୋବିନ୍ଦ ବା ରାଧା କୃଷ୍ଣଙ୍କ ଯୁଗଳବନ୍ଦୀ ମୂର୍ତ୍ତିକୁ ନଗର ପରିକ୍ରମା କରାଯିବା ସହିତ ଅବିର ସେବା ପୂର୍ବକ ଦୁଆର ଭୋଗ କରାଯାଏ। ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ବିମାନରେ ଗ୍ରାମ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ, ଘଣ୍ଟ, ମୃଦଙ୍ଗ, ଖୋଳ, କାହାଳି, ହରିବୋଲ, ହୁଳହୁଳି, ବିଭିନ୍ନ ବାଦ୍ୟ ସହ ଆଳଟ ଚାମର ସେବା କରି ମେଳଣ ପଡିଆରେ ଠାକୁରଙ୍କୁ ସାକର, ଚଣା, ଖଇ କୋରା, ପଇଡ଼, ଆମ୍ବ କଷି ଆଦି ନୈବେଦ୍ୟ ଅର୍ପଣ କରାଯାଏ, ଯାହା ଭକ୍ତର ଭଗବାନଙ୍କ ପ୍ରତି ଅପୂର୍ବ ସମର୍ପିତ ଭାବନା। ଦୋଳ ପର୍ବର ଅନ୍ୟ ଏକ ବିଶେଷତ୍ୱ ହେଲା, ଭକ୍ତ ସବୁବେଳେ ଭଗବାନ ପାଖକୁ ଯାଇ ପୂଜାର୍ଚ୍ଚନା କରିବା ସହ ନିଜର ସୁଖ ଦୁଃଖ ପ୍ରଭୁଙ୍କ ଜଣାଇଥାଏ କିନ୍ତୁ ଦୋଳଉତ୍ସବରେ ପ୍ରଭୁ ନିଜେ ଭକ୍ତର ଦୁଆରକୁ ବିଜେ କରି ତା ସୁଖ ଦୁଃଖରେ ସାମିଲ ହୋଇ ତା'ଠାରୁ ପୂଜାର୍ଚ୍ଚନା ଓ ଭୋଗ ନୈବିଦ୍ୟ ଗ୍ରହଣ କରନ୍ତି। ଦୋଳ ପର୍ବ ଅନ୍ତିମ ଦିନ ଅର୍ଥାତ ଦୋଳ ପୂର୍ଣ୍ଣମାରେ ପଞ୍ଜିକାରମାନେ ଦୋଳବେଦୀରେ ନୂତନ ବର୍ଷ ପଞ୍ଜିକା ପଠନ କରି ଆଗାମୀ ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇ ଥାନ୍ତି। କେଉଁ ରାଶିରେ କେତେ ଆୟ, ବ୍ୟୟ, ସ୍ଥିତି ଅନୁପାତ ସହ ବର୍ଷା, ମରୁଡି କେତେ ଭାଗ ଶୁଣିବା ପାଇଁ ଆବାଳ ବୃଦ୍ଧ ବନିତା ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ଚାଷୀ ଭାଇ ମଧ୍ୟ ପଞ୍ଜିକାରଙ୍କ ପରାମର୍ଶ ଅନୁଯାୟୀ ଆଗାମୀ ଚାଷ ପାଇଁ ରଣ କୌଶଳ ନିର୍ଦ୍ଧାରଣ କରିଥାନ୍ତି। ବିଭିନ୍ନ ଗ୍ରାମର ଠାକୁରଙ୍କୁ ପାଟ ପଟୁଆର, ରୋଷଣୀ ବାଦ୍ୟ ସଙ୍ଗୀତ ସହ ସୁସଜ୍ଜିତ ବିମାନରେ ମେଳଣ ପଡିଆରେ ଏକତ୍ରୀତ ହୁଅନ୍ତି ଏହାକୁ ଜମାଣ ବୋଲି କୁହାଯାଏ। ମେଳଣ ପଡିଆର ବିଭିନ୍ନ ରକମର ଦୋକାନ ବଜାର ଓ ମନୋହରୀ ଦୋକାନ ସହ ଅପେରା ପାର୍ଟି ଦ୍ୱାରା ଯାତ୍ରା ପରିବେଷଣ ହୋଇଥାଏ ଯାହାକୁ ସ୍ଥାନୀୟ ଲୋକମାନେ ବେଶ୍ ଉପଲବ୍ଧ କରିଥାନ୍ତି। ଉତ୍କଳୀୟ ପରିମ୍ପରାରେ ଦୋଳପର୍ବ ବିଶେଷକରି ଉପକୂଳ ଅଞ୍ଚଳରେ ବେଶ୍ ଧୁମ୍ ଧାମ୍‌ରେ ପାଳନ ହୋଇଥାଏ। ବିଶ୍ୱ ତଥା ଉତ୍କଳର ଆରାଧ ଠାକୁର ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଦୋଳ ଯାତ୍ରା ଅନ୍ୟତମ ଯାହାକୁ ଚାଚେରୀ ଯାତ୍ରା ବୋଲି କୁହାଯାଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ, ସରସ୍ୱତୀ ସହିତ ଶ୍ରୀଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳ ମୋଚନ ଆଦି ପଞ୍ଚ ଦେବଙ୍କ ଗହଣରେ ଜଗନ୍ନାଥବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇ ସେଠାରେ ପରସ୍ପର ଅବିର ଖେଳି, ଚାଚେରୀ ଭୋଗରେ ଆପ୍ୟାୟିତ ହୋଇଥାନ୍ତି। ବିଭିନ୍ନ ମଠ ତରଫରୁ ପାରମ୍ପରିକ ରୀତି ମତେ ଠାକୁରଙ୍କ ପାଇଁ ପଂକ୍ତି ଭୋଗର ଆୟୋଜନ ହୋଇଥାଏ। ଫଗୁ ଦଶମୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଗର୍ଭଗୃହରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବା ସହିତ ପୂର୍ଣ୍ଣମୀ ଦିନ ମହାପ୍ରଭୁ ଅପୂର୍ବ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବର୍ଷକ ମଧ୍ୟରେ ଯେଉଁ ପାଞ୍ଚୋଟି ସୁନାବେଶ ହୁଏ ତନ୍ମଧ୍ୟରୁ ଗୋଟିଏ ଆଷାଢ ଶୁକ୍ଳ ଏକାଦଶୀରେ ରଥଉପରେ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟ ଚାରୋଟି ସୁନା ବେଶ ଗର୍ଭଗୃହରେ ଯଥାକ୍ରମେ ବିଜୟା ଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଶେଷଟି ଦୋଳ ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଥାଏ। ଦୋଳପର୍ବ ବିଶେଷକରି ଗୋପାଳ ସମ୍ପ୍ରଦାୟଙ୍କ ଏକ ପ୍ରମୁଖ ପର୍ବ, ଗୃହର ପ୍ରତ୍ୟେକ ସଦସ୍ୟ ନୂଆ ପୋଷାକ ପରିଧାନ କରିବା ସହିତ ଅନେକ ପ୍ରକାରର ପିଠା ପଣା କରିଥାନ୍ତି। ଗୋପାଳମାନେ ଗାଈ ଗୋରୁଙ୍କୁ ପୂଜା କରିବା ସହିତ ହାତରେ ଲମ୍ବା ବାଡି ଓ ମୁଣ୍ଡରେ ଜାମୁଡାଳ ବାନ୍ଧି ଲଉଡ଼ି ଖେଳିଥାନ୍ତି ଯାହା ଅତ୍ୟନ୍ତ ମନୋରମ। ଦୋଳପୂର୍ଣ୍ଣିମା ପରିଦିନ ରଙ୍ଗର ପର୍ବ ହୋଲି ପାଳନ କରାଯାଏ। ପରସ୍ପର ମଧ୍ୟରେ ବାଦ ବିବାଦ ଭୁଲି ଅବିର ଖେଳି ଭାଇଚାରାରେ ସେତୁ ବନ୍ଧୁଭୂଜ କରିଥାନ୍ତି। ଅବିର ବା ଫଗୁ ହେଉଛି ସ୍ନେହ ସଦିଚ୍ଛାର ପ୍ରତୀକ। ଦୋଳଯାତ୍ରାର ଅନ୍ୟ ଏକ ବିଶେଷତ୍ୱ ହେଲା ଦୋଳପୂର୍ଣ୍ଣମୀ ପରଦିନ ରଙ୍ଗର ପର୍ବ ହୋଲିରେ ବିଭିନ୍ନ ରଙ୍ଗର ଅବିର ବା ଫଗୁରେ ରଙ୍ଗାୟାତ ହୋଇ ମନକୁ ରଙ୍ଗମୟ କରିବା ସହିତ ପରସ୍ପର ମଧ୍ୟରେ ଶାନ୍ତି, କ୍ଷମା, ପ୍ରେମ, ଭ୍ରାତୃତ୍ୱ, ସୁସ୍ଥ, ଶାନ୍ତି, ନିରାମୟ କାମନା କରନ୍ତି ଯାହା ଅନ୍ୟ କୌଣସି ପର୍ବରେ ଉପଲବ୍ଧି ହୋଇ ନଥାଏ। ଶ୍ରୀହର୍ଷ ରତ୍ନାବଳୀ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି 'ଦୋଳ ଚ ଦୋଳ ଗୋବିନ୍ଦଂ, ଚାପେ ଚ ମଧୁସୂଦନଂ। ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନଃ ଜନ୍ମ ନବିଦ୍ୟତେ।' ଅର୍ଥାତ୍ ଦୋଳରେ ଦୋଳଗୋବିନ୍ଦ, ଜଳକ୍ରୀଡାରେ ମଧୁସୂଦନ ରଥରେ ବାମନ (ଜଗନ୍ନାଥ)ଙ୍କୁ ଦର୍ଶନ କଲେ ମଣିଷର ପୁନର୍ଜନ୍ମ ହେବନାହିଁ। ସୁତରାଂ ଆଧ୍ୟାତ୍ମିକ ଚେତନା ମଣିଷକୁ ଭଗବତ ପ୍ରାପ୍ତି ସହ ପରମ ଆନନ୍ଦ ପାଇଁ ପଥ ସୁଗମ କରିଥାଏ। ସେଥିପାଇଁ କଥାରେ ଅଛି "ଫଗୁଣ ମାସରେ ଦୋଳଗୋବିନ୍ଦ, ଫଗୁ ଖେଳୁଛନ୍ତି ପରମାନନ୍ଦ"। ଚାଲନ୍ତୁ ଅବିର ଖେଳି ମନକୁ ରଙ୍ଗମୟ କରିବା ସହିତ ରସାୟନ ରଙ୍ଗରୁ ଯଥା ସମ୍ଭବ ଦୂରେଇ ହୋଲି ପର୍ବକୁ ସାର୍ଥକ କରିବା।

ରଙ୍ଗର ପର୍ବ 'ହୋଲି'

ବିଶ୍ୱବିଜୟୀ ଦାଶ
ସମ୍ପାଦକ
ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ- ୬୩୭୦୨୦୮୪୨୮

ପ୍ରାଚୀନ କାଳରୁ ଓଡ଼ିଶା କଳା , ସାହିତ୍ୟ , ସଂସ୍କୃତି , ବୀରତ୍ୱ , ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ଆସିଛି । ଏହି ସ୍ୱାତନ୍ତ୍ର୍ୟ ମଧ୍ୟ ତା'ର ପରିଲକ୍ଷିତ ହୁଏ , ପର୍ବପର୍ବାଣି ପାଳନ କ୍ଷେତ୍ରରେ ।ପର୍ବପର୍ବାଣିକୁ ବାଦ ଦେଲେ ଓଡ଼ିଶାର ସାମାଜିକ , ସାଂସ୍କୃତିକ , ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ସୁତରାଂ ଚିନ୍ତାଶୀଳ, ଅଭିଜ୍ଞ , ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ, ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି। ଏଇଥିପାଇଁ ପର୍ବପର୍ବାଣିର ରାଜ୍ୟ ଓଡ଼ିଶା । ଲୋକଙ୍କ ତୁଣ୍ଡରୁ ଶୁଣାଯାଏ,'ବାର ମାସରେ ତେର ପର୍ବ'।

ଓଡ଼ିଶା ତଥା ଭାରତ ବର୍ଷର ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ହୋଲି। ଏହା ଆନନ୍ଦ ଓ ରଙ୍ଗର ପର୍ବ ଭାବେ ବେଶ୍ ଜଣାଶୁଣା। ଚୈତ୍ର ମାସ ପ୍ରତିପଦା ଏବଂ ଫାଲଗୁନ୍ ମାସ ପୂର୍ଣ୍ଣିମା 'ଦୋଳ ପୂର୍ଣ୍ଣିମା' ପରଦିନ ହୋଲି ପର୍ବ ପାଳନ କରାଯାଇଥାଏ। ଏହି ପର୍ବରେ ଜନସାଧାରଣ ପ୍ରଭୁ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ଭ୍ରମଣ କରାଇଥାନ୍ତି ।ଏହି ଅବସରରେ ଠାକୁରଙ୍କ ଅବିର ଖେଳ ମଧ୍ୟ ହୋଇଥାଏ ।ହୋଲି ପର୍ବକୁ ସବୁଠି ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ପରସ୍ପରକୁ ରଙ୍ଗ ଲଗାଇ ହୋଲି ଉତ୍ସବ ପାଳିଥାନ୍ତି ଜନସାଧାରଣ।

ହିନ୍ଦୁ ଧର୍ମ ବିଶ୍ୱାସ କରେ ଯେ ହିରଣ୍ୟକାଶ୍ୟପ ନାମକ ଜଣେ ଶୟତାନ ରାଜା ଥିଲେ। ତାଙ୍କର ପ୍ରହ୍ଲାଦ ନାମକ ଏକ ପୁଅ ଏବଂ ହୋଲିକା ନାମକ ଏକ ଭଉଣୀ ଥିଲେ। ବିଶ୍ୱାସ କରାଯାଏ ଯେ, ଶୟତାନ ରାଜା ଭଗବାନ ବ୍ରହ୍ମାଙ୍କ ଆଶୀର୍ବାଦ ପାଇଥିଲେ ।ଏହି ଆଶୀର୍ବାଦର ଅର୍ଥ କୌଣସି ମନୁଷ୍ୟ, ପଶୁ କିମ୍ବା ଅସ୍ତ୍ର ତାଙ୍କୁ ହତ୍ୟା କରିପାରିବ ନାହିଁ। ଏହି ଆଶୀର୍ବାଦ ତାଙ୍କ ପାଇଁ ଅଭିଶାପରେ ପରିଣତ ହେଲା କାରଣ ସେ ବହୁତ ଅହଂକାରୀ ଥିଲେ। ସେ ନିଜ ରାଜ୍ୟକୁ ପରମେଶ୍ୱରଙ୍କ ପରିବର୍ତ୍ତେ ତାଙ୍କୁ ଉପାସନା କରିବାକୁ ଆଦେଶ ଦେଲେ, ନିଜ ପୁତ୍ରକୁ ରକ୍ଷା କଲେ ନାହିଁ। ଏହାପରେ ତାଙ୍କ ପୁତ୍ର ପ୍ରହ୍ଲାଦଙ୍କ ବ୍ୟତୀତ ସମସ୍ତ ଲୋକ ତାଙ୍କୁ ପୂଜା କରିବା ଆରମ୍ଭ କଲେ। ପ୍ରଭୁ ବିଷ୍ଣୁଙ୍କର ପ୍ରକୃତ ବିଶ୍ୱାସୀ ହୋଇଥିବାରୁ ଭଗବାନଙ୍କ ବଦଳରେ ତାଙ୍କ ପିତାଙ୍କୁ ପୂଜା କରିବାକୁ ମନାକରି ଦେଇଥିଲେ। ତାଙ୍କର ଅବମାନନା ଦେଖି ଶୟତାନ ରାଜା ନିଜ ଭଉଣୀ ସହିତ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେ ତାଙ୍କୁ ପୁଅ ସହିତ କୋଳରେ ନିଆଁରେ ବସାଇଲା, ଯେଉଁଠାରେ ହୋଲିକା ଜଳି ଯାଇଥିଲେ ଏବଂ ପ୍ରହ୍ଲାଦ ନିରାପଦରେ ବାହାରକୁ ଆସିଥିଲେ। ଏହା ସୂଚାଇ ଦେଇଛି ଯେ, ତାଙ୍କର ଭକ୍ତି ହେତୁ ସେ ତାଙ୍କ ପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ ଥିଲେ। ଏହିପରି ଲୋକମାନେ ହୋଲିକୁ ମନ୍ଦ ଉପରେ ଭଲର ବିଜୟ ଭାବରେ ପାଳନ କରିବା ଆରମ୍ଭ କଲେ। ଭାରତବର୍ଷର ଜନସାଧାରଣ ହୋଲି ପର୍ବକୁ ଅତି ଉତ୍ସାହର ସହିତ ପାଳନ କରନ୍ତି। ପରସ୍ପରକୁ ଫଗୁ ଓ ଅବିର ଲଗାଇ ଖୁସି ମନାନ୍ତି, ପିଲାମାନେ ପିଚ୍‌କାରି ମାରି ହୋଲି ପର୍ବ ପାଳନ କରନ୍ତି। ଉତ୍ତର ଭାରତରେ ହୋଲିର ଗୋଟିଏ ଦିନ ପୂର୍ବରୁ ଜନସାଧାରଣ 'ହୋଲିକା ଦାହାନ୍' ନାମକ ଏକ ରୀତିନୀତି କରନ୍ତି।

ହୋଲି ପାଳନ ମଧ୍ୟରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ରାସାୟନିକ ରଙ୍ଗ ନୁହେଁ ପ୍ରାକୃତିକ ରଙ୍ଗ ବା ହର୍ବାଲ ହୋଲିରେ ରଙ୍ଗ ଖେଳିବା ଜରୁରୀ। ଏଥିସହ କେତେକ ସାବଧାନତା ମଧ୍ୟ ଜରୁରୀ। ହୋଲି ଖେଳିବା ପୂର୍ବରୁ ଶରୀରରେ ନଡ଼ିଆ କିମ୍ବା ସୋରିଷ ତେଲ ଲଗାଇବା ଆବଶ୍ୟକ। ଶୁଷ୍କ ଶରୀର ରାସାୟନିକ ରଙ୍ଗ ଉପରେ ଖରାପ ପ୍ରଭାବ ପକାଉଥିବାରୁ ତୈଳାକ୍ତ ତ୍ୱଚା ଉପରେ ପ୍ରଭାବ ପକାଇବାରେ ବିଳମ୍ବ ଘଟିଥାଏ। ସନସ୍କ୍ରିନ ଲୋସନ ଲଗାନ୍ତୁ। ଖରାରେ ହୋଲି ଖେଳା ଯାଇଥିବାକୁ ଏହା ସିଧାସଳଖ ଅଲଟ୍ରା ଭାଓଲେଟ ରଶ୍ମିର ପ୍ରଭାବକୁ କମ କରିଥାଏ। ହୋଲି ଖେଳିବା ସମୟରେ ଚଷମା ନିଶ୍ଚୟ ପିନ୍ଧନ୍ତୁ। ଆଖି ଶରୀରର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ। ରଙ୍ଗ ପଡ଼ି ଆଖି ଜଳାପୋଡ଼ା, ଲାଲ୍ ହେବା, ଇନଫେକସନରୁ ଏହାକୁ ସୁରକ୍ଷା ଦିଅନ୍ତୁ। ହୋଲି ଖେଳିସାରିବା ପରେ ଆଖିକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଆଖିରେ କୌଣସି ଅସୁବିଧା ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଶରୀରରେ କୌଣସି ଆଘାତ ଲାଗିଥିଲେ, ରଙ୍ଗରୁ ତାକୁ ଯଥାସମ୍ଭବ ସୁରକ୍ଷା ଦିଅନ୍ତୁ। ଘା'କୁ ଘୋଡ଼େଇ ରଖନ୍ତୁ। ହୋଲି ଖେଳି ସାରି ପୋଷାକ ବଦଳାଇଦିଅନ୍ତୁ। ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧନ୍ତୁ ନାହିଁ।

ହୋଲି ପର୍ବ ପ୍ରେମ ଓ ଭାଇଚାରା ବିସ୍ତାର କରେ। ଏହା ଦେଶରେ ସମନ୍ୱୟ ଓ ସୁଖ ଆଣିଥାଏ। ଭାରତର ଜନସାଧାରଣ ଏହି ଦିନ ଅତ୍ୟନ୍ତ ଆନନ୍ଦର ପର୍ବ ପାଳନ କରନ୍ତି। ହୋଲି ପର୍ବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ମାଧୁର୍ଯ୍ୟ ଭକ୍ତି ରସର ମହୋତ୍ସବ –'ବସନ୍ତ ରାସ'

କୁନଲତା ତ୍ରିପାଠୀ
କଟକ
ମୋ–୮୩୩୯୦୫୧୧୭୩



ଆନନ୍ଦ-ବ୍ରହ୍ମରୁ ସୃଷ୍ଟ ସମସ୍ତ ଜୀବ ସର୍ବଦା ଆନନ୍ଦ ପ୍ରାପ୍ତ ହେବା ପାଇଁ ପ୍ରୟାସ କରିଥାନ୍ତି । ତନ୍ମଧ୍ୟରୁ ସର୍ବୋତ୍କୃଷ୍ଟ ଜୀବ- ଦିବ୍ୟ ଜ୍ଞାନଯୁକ୍ତ ମନୁଷ୍ୟ ସାଂସାରିକ ସୁଖ ସହିତ ଆଧ୍ୟାତ୍ମିକ ଭାବ ଧାରାର ସମ୍ମିଶ୍ରଣ ଘଟାଇ, ଭକ୍ତି ରସର ଏକ ସାଗର ପ୍ରବାହମାନ କରାଇ ନିଜକୁ ତଲ୍ଲିନ ରଖେ । ଏହା ହିଁ ଭକ୍ତ-ଭଗବାନଙ୍କର ଅଭେଦ୍ୟ –ଅନନ୍ୟ ଲୀଳା। ଆତ୍ମା-ପରମାତ୍ମାଙ୍କର ଅପୂର୍ବ ମିଳନର ପର୍ବ । ଏହି ମିଳନ ଦ୍ୱାରା ସ୍ରଷ୍ଟା ଓ ସୃଷ୍ଟି ଏକାକାର ହୋଇଯାନ୍ତି । ଅପ୍ରାକୃତ ପ୍ରେମର ଉଦ୍ଗିରଣ ଘଟେ । କବି ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ମାତା ରାଧାରାଣୀ ଓ ପ୍ରଭୁ କୃଷ୍ଣଚନ୍ଦ୍ରଙ୍କ ମାଧୁର୍ଯ୍ୟଭରା ପ୍ରେମ ସମ୍ପର୍କକୁ ଏକ ଅଭିନବ ଢଙ୍ଗରେ ବୈଷ୍ଣବୀୟ ଭାବଧାରାରେ ରସାଣିତ କରି ରୂପାୟିତ କରିଛନ୍ତି –'ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟ ରାଧେ ହରି । ଅବ୍ୟକ୍ତ ଲୀଳାକୁ ବ୍ୟକ୍ତକର ଅବତରି' । ଏହି ପ୍ରେମ ପ୍ରାକୃତ ନୁହେଁ । ଏହି ପ୍ରେମ ଦେହରୁ ଦେହାତୀତ । ଭୂମିରୁ ଭୂମାକୁ ସ୍ପର୍ଶକରେ ଯାହାର ସ୍ପନ୍ଦନ । ଭଗବାନଙ୍କ ପ୍ରତି ଯେତେବେଳେ ଭକ୍ତ ସର୍ବୋତଭାବେ ସମର୍ପିତ ହୋଇଯାଏ ଏହି ମାଧୁର୍ଯ୍ୟ ଭକ୍ତି ରସର ପ୍ରାବଲ୍ୟରେ ସେ ତାର ତନୁ ମନରେ ବୁଡ ପକାଇ ଦିଏ । ଭକ୍ତ ସହିତ ଲୀଳାକରିବା ପାଇଁ ଅରୂପରୁ ଭଗବାନ ସ୍ୱରୂପଟିଏ ଧାରଣକରନ୍ତି । ନିର୍ଗୁଣରୁ ଗୁଣଯୁକ୍ତହୋଇଯାନ୍ତି । ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ସର୍ବୋପରି ମାଧୁର୍ଯ୍ୟ ଭକ୍ତି ରସ ବର୍ଷଣ ମୁଖର ହୋଇ ଭକ୍ତକୁ ପ୍ରୀତି ଫଗୁଣର ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଧ କରି ଭିଜାଇ ଦିଏ । ଯୁଗେ ଯୁଗେ ସେଇ ଇଚ୍ଛାମୟଙ୍କର ଇଚ୍ଛାରେ ଏମିତି ମାନବୀୟ ଲୀଳାମାନ ସଂଗଠିତ ହୁଏ । ସତରେ ଭକ୍ତକୁ ବିମୋହିତକରି ସ୍ୱୟଂ 'ଆନନ୍ଦ' ମୂର୍ତ୍ତିମନ୍ତ ହୋଇଉଠନ୍ତି।

ଦ୍ୱାପର ଯୁଗରେ କୃଷ୍ଣଚନ୍ଦ୍ର –' କଳାକୁ ଷୋଳ କଳା କରି , ଗୋପେ ବିହରେ ନରହରି' । ସେଇ ମହାନ କଳାକାର ବ୍ରଜବିହାରୀ ଶ୍ରୀକୃଷ୍ଣ ବ୍ରଜବାସୀମାନଙ୍କୁ ଆନନ୍ଦ ବିତରଣ କରିବା ପାଇଁ ମଧୁ ମାସରେ ଏହି ରଙ୍ଗ ମହୋତ୍ସବରେ ଆନନ୍ଦାମୃତ ଝରାଇ ଦେଇଥିଲେ । ନୀଳ, ସବୁଜ, ପିତ, କୃଷ୍ଣ ଓ ଲୋହିତ ଇତ୍ୟାଦି ଅବିର ଓ ପିଚକାରୀ ମାଧ୍ୟମରେ ପରସ୍ପର ପରସ୍ପରକୁ ରଙ୍ଗାୟିତକରି ଛବିଳ ଛଇଳ ଛଟାରେ ବିମୋହିତକରି ଆତ୍ମାନନ୍ଦରେ ବିଭୋର ହେଉଥିଲେ । ଗୋ-ଗୋଷ୍ଠରେ ଧେନୁମାନେ ମଧ୍ୟ ଏଥିରେ ସାମିଲ ଥିଲେ । ଗୋପ-ବାଳକମାନଙ୍କୁ ସଙ୍ଗରେ ନେଇ ଏ ଅପୂର୍ବ ଲୀଳା ସଂଗଠିତ ହୋଇଥିଲା । ବୃଷଭାନୁ ନନ୍ଦିନୀ ଶ୍ରୀରାଧା ସେମାନଙ୍କ ଅଷ୍ଟ ସଖୀ ଯଥା – ଲଳିତା, ବିଶାଖା, ଚମ୍ପାକଲତା ଇତ୍ୟାଦି ଗୋପୀ ମାନଙ୍କ ସହିତ ତାଙ୍କ ପ୍ରିୟତମ କୃଷ୍ଣ ଚନ୍ଦ୍ରଙ୍କ ସହିତ ଏହି ରଙ୍ଗ ମହୋତ୍ସବରେ ବ୍ରଜରେ ଆନନ୍ଦ ବିତରଣ କରୁଥିଲେ । ବୃନ୍ଦାବନ କାନନ, ଗିରି ଗୋବର୍ଦ୍ଧନ, କାଳନ୍ଦିତୀର, ଯମୁନା କୂଳ, କଦମ୍ବ ମୂଳ, ଗୋପ ଦାଣ୍ଡ ଇତ୍ୟାଦି ସମଗ୍ର ବ୍ରଜ ମଣ୍ଡଳ ଉତ୍ସବ ମୁଖର । ରସ ସାଗର ନାଗର, ରସିକେନ୍ଦ୍ରମୌଳିଙ୍କର ପୁଣ୍ୟ ରାସ ମହୋତ୍ସବ । ଋତୁ ରାଜ ବସନ୍ତ କାଳ । ଫାଲ୍ଗୁନ ଶୁକ୍ଳ ପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତଥା ତା ପରଦିନ ରଙ୍ଗ ମହୋତ୍ସବ ହୋଲି ଦିନ ଏହାର ପରିସମାପ୍ତି ଘଟେ । ଏହି ସମୟକୁ ବସନ୍ତ ରାସ କୁହାଯାଏ । ଅଖଣ୍ଡ ଆନନ୍ଦର ପ୍ରବାହ । ଉତ୍କଳୀୟ କବି କଣ୍ଠରେ ଶତମୁଖର ହୋଇ ଗୋପାଳ ଓଗାଳ ସଂଗୀତ ମାଧ୍ୟମରେ ଲଉଡି ବଜାଇ ଯାଦବମାନଙ୍କର ନୃତ୍ୟ ସହିତ ସଂଗୀତ ପରିବେଷଣ ଜନମାନସକୁ ସ୍ପର୍ଶକରି ଏ ପର୍ବ ବିଷୟ ବୈଭବ ସହିତ ଆଧ୍ୟାତ୍ମିକ ସତ୍ତାରେ ଅନୁପ୍ରାଣିତ କରେ। ଶ୍ରୀଚୈତନ୍ୟ ମହାପ୍ରଭୁ ବୈଷ୍ଣବୀୟ ଭାବ ଝରରେ ଯେଉଁ ଆଧ୍ୟାତ୍ମିକ ସରସୀଟିଏ ପ୍ରବାହମାନ କରାଇ ଦେଇଥିଲେ, 'ହରେକୃଷ୍ଣ--- ମହାମନ୍ତ୍ରର ମହାନ ସ୍ରୋତରେ ଭକ୍ତମାନେ ଆକର୍ଷିତ ହୋଇ ବିନ୍ଦୁରେ ସିନ୍ଧୁକୁ ଉପଲବ୍ଧି କରନ୍ତି ।

'ଫାଲ୍ଗୁନେ ମାସି କୁର୍ବୀତ
ଦୋଳାରୋହଣମୁତ୍ତମମ
ଯତ୍ର କ୍ରୀଡତି ଗୋବିନ୍ଦ
ଲୋକାନୁଗ୍ରହଣାୟବୈ' ।

ଅର୍ଥାତ, ଫାଲ୍ଗୁନ ମାସରେ ଏହି ଉତ୍ତମ ଦୋଳ ଆରୋହଣ ଉତ୍ସବ କରାଯାଏ । ଯେଉଁ ଯାତ୍ରାରେ ଭଗବାନ ଗୋବିନ୍ଦ ମନୁଷ୍ୟମାନଙ୍କ ପ୍ରତି ଅନୁଗ୍ରହ ପ୍ରକାଶ ନିମନ୍ତେ ଦୋଳାରୋହଣ କ୍ରିଡା କରିଥାନ୍ତି । ଯୁଗଳ ମୂର୍ତ୍ତି ଦୋଳ ବିମାନରେ ଘର ଘର ବୁଲି ଭୋଗ ଖାଇଥାନ୍ତି । 'ତ୍ୱଦୀୟ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେତ' । ପ୍ରକୃତ ପକ୍ଷେ ସ୍ରଷ୍ଟା ପରମାତ୍ମା ପରମେଶ୍ୱର ତାଙ୍କ ସୃଷ୍ଟି ପ୍ରତି ପ୍ରୀତିର ପରାକାଷ୍ଠା ନିଭାଇ ସ୍ୱର୍ଗୀୟ ଆନନ୍ଦର ମନ୍ଦାକିନୀ ଧାରା ଝରାଇ ଦେଇ, ଏ 'ଦୁଃଖାଳୟ ଅଶାଶ୍ୱତ' ସଂସାରର ଜ୍ୱାଳାରେ ଦଗ୍ଧିଭୂତ ଜୀବକୁ ନାନା ଲୀଳା ମାଧ୍ୟମରେ ଆନନ୍ଦରୂପକ ଶୀତଳତା ପ୍ରଦାନକରିଥାନ୍ତି । ଅକାରଣରେ ଯେ କରୁଣାକରିପାରନ୍ତି ସେ ହିଁ ତ ଭଗବାନ ।

ଶାସ୍ତ୍ର ସମ୍ମତ –

'ଦୋଳେ ଚ ଦୋଳଗୋବିନ୍ଦମ
ଚାପେ ଚ ମଧୁସୂଦନମ
ରଥେ ତୁ ବାମନମ ଦୃଷ୍ଟ୍ୱା ପୁନର୍ଜନ୍ମ
ନବିଦ୍ୟତେ' । ।

ପ୍ରକୃତରେ ମୁକ୍ତିପ୍ରଦ ଭବ୍ୟ ବିଚିତ୍ର ଚତୁର୍ବର୍ଗ ଫଳ ପ୍ରଦାନକାରୀ ଏହି ଦିବ୍ୟ ଲୀଳା କଲ୍ୟାଣ ପ୍ରଦହେଉ । ବିଭିନ୍ନ କାରଣ ନେଇ ପ୍ରତି ମୂହୁର୍ତ୍ତରେ ମନୁଷ୍ୟ ମନରେ, ଯେଉଁ ବିଦ୍ୱେଷ ଭାବ ଉତ୍ପନ୍ନ ହେଉଛି , ତାହା ଦୂରୀଭୂତ ହେଉ । ଆନନ୍ଦ ବ୍ରହ୍ମରୁ ସୃଷ୍ଟ ଏ ଜୀବ ଜଗତ ମାଧୁର୍ଯ୍ୟ ଭକ୍ତି ରସ'ର ସରସୀରେ ଅବଗାହନକରି ତା ତନୁ –ମନରେ ଲେପୀ ହୋଇଥିବା କଳୁଷକାଳିମାକୁ ପରିମାର୍ଜିତ କରୁ, ଏହା ହିଁ କାମନା ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ମାର୍ଚ୍ଚ ୨୦୨୪ ସୋମବାର

ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା କାଠ ପୋଲ ଏବେ ପରିତ୍ୟକ୍ତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ କେନ୍ଦ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ବିପୁଳ ଅର୍ଥ ବ୍ୟୟରେ ଇକୋ ରିଟ୍ରିଟ୍ ସେଣ୍ଟର ବେଳାଭୂମି ଯିବା ନିମନ୍ତେ ନିର୍ମିତ କାଠ ପୋଲ ପ୍ରାୟ ୯ ମାସ ହେଲା ବନ୍ଦ ରଖାଯାଇଥିବାରୁ ପର୍ଯ୍ୟଟକମାନେ ନିରାଶ ହେଉଛନ୍ତି । ଇକୋ ରିଟ୍ରିଟ୍ ସେଣ୍ଟର ମଧ୍ୟ ପର୍ଯ୍ୟଟକଙ୍କ ବ୍ୟବହାର ନିମନ୍ତେ ଖୋଲା ଯାଉନଥିବାରୁ ସେଣ୍ଟର ପରିସରରେ ରହିଥିବା ଦୋକାନ ଗୃହ, କଟେଜ୍, ଆଲୋକ ବ୍ୟବସ୍ଥା ସମେତ ପରିସରରେ ଥିବା ସୁଇମିଙ୍ଗ ପୁଲ୍ ନଷ୍ଟ ହେବାକୁ ବସିଲାଣି । ୨୦୧୭ରେ ୬ କୋଟି ବ୍ୟୟରେ ନିର୍ମାଣ କରାଯାଇଥିବା ଇକୋ ରିଟ୍ରିଟ୍ ସେଣ୍ଟର ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରୁନାହିଁ । ଏହା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କାଠ ପୋଲଟି ଏବେ ପରିତ୍ୟକ୍ତ ହୋଇ ପଡ଼ିରହିଛି । ଫଳରେ ପୋଲଟି ଖତ ଖାଉଛି । ପୂର୍ବରୁ ଗୋପାଳପୁର ବେଳାଭୂମି ବୁଲିବାକୁ ଆସୁଥିବା ଆଖପାଖ ଅଞ୍ଚଳବାସୀ ସମେତ ପର୍ଯ୍ୟଟକଙ୍କ ଠାରୁ ଜଣ ପିଛା ୧୦ ଟଙ୍କା ଲେଖାଏଁ ଟିକଟ ଆଦାୟ କରି କାଠ ପୋଲର ମଜା ନେବାକୁ ଛଡ଼ାଯାଉଥିଲା । ଫଳରେ ପର୍ଯ୍ୟଟକମାନେ କାଠ ପୋଲରେ ନିଜ ପରିବାର ସହ ବୁଲିବାର ମଜା ନେଉଥିଲେ । କିନ୍ତୁ ଜୁଲାଇ ମାସରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାଠ ପୋଲ ବ୍ୟବହାର ପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଥିଲା । ବର୍ତ୍ତମାନ କାଠ ପୋଲଟି ନଷ୍ଟ ହେବାକୁ ଯାଉଥିବା ବେଳେ କିଛି ମାସ ହେବ ଏହାର ନିର୍ମାଣ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ନିର୍ମାଣ କାମ କଚ୍ଛପ ଗତିରେ ଚାଲିଥିବାରୁ ଏହା ଏବେ ଅବ୍ୟବହୃତ ହୋଇ ପଡ଼ି ରହିଛି । ଏବେ ପ୍ରଶାସନ ପକ୍ଷରୁ କାଠ ପୋଲ ଅସୁରକ୍ଷିତ ବୋଲି ଏକ ସୂଚନା ଫଳକ ଲଗାଯାଇଥିବା ସହ କେତେକ ସୁରକ୍ଷା କର୍ମୀଙ୍କୁ ସେଠାରେ ନିୟୋଜିତ କରାଯାଇ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି । ତୁରନ୍ତ କାଠପୋଲକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି ।

ପୁରୁଣା ପଥରରେ ଚାଲିଛି ନଦୀବନ୍ଧ ମରାମତି

ଧାମନଗର, ନ୍ୟୁଜ୍ ବ୍ୟୁରୋ

ସରକାର ନଦୀ ବନ୍ଧବାଡ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତଳ ସ୍ତରର ନଦୀବନ୍ଧ ମରାମତି ଆଳରେ କୋଟି କୋଟି ଟଙ୍କାର ଅର୍ଥ ବାଟମାରଣା କରୁଛନ୍ତି । ପ୍ରକାଶ ଥାଉକି ଧାମନଗର ଜଳସେଚନ ବିଭାଗ ପକ୍ଷରୁ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ମହାନ୍ତିସାହି ସ୍ଥିତ ଗେଙ୍ଗୁଟି ନଦୀବନ୍ଧ ପ୍ରତିବର୍ଷ ମରାମତି ହୁଏ । ନାମକୁ ମାତ୍ର କାମ କରି ମରାମତି ଅର୍ଥ ହରିଲୁଟ୍ କରିନିଅନ୍ତି । ତେବେ ମହାନ୍ତିସାହି ଠାରେ ନଦୀବନ୍ଧ ଗତ ବର୍ଷ ଧଶି ଥିବା ବେଳେ ଏବେ ସେଠାରେ ନଦୀବନ୍ଧ ମରାମତି ଚାଲି ଥିବାବେଳେ ବିନା ସୂଚନା ଫଳକରେ କାମ ହେଉଛି । ସବୁଠାରୁ ବଡ କଥା ହେଲାକି ଗତ ବର୍ଷର ପୁରୁଣା ପଥରକୁ ଲଗାଇବା ସହ କିଛି ଗୁଣ୍ଡି ପଥର ଲଗାଯାଇ କାମ ହେଉଛି । କାମ ପାଖରେ ବିଭାଗୀୟ କର୍ମଚାରୀ ରହୁନଥିବାରୁ କାମର ସ୍ଥାୟିତ୍ୱ ନେଇ ସନ୍ଦେହ ଉଠିଛି । ଛୋଟ ଛୋଟ ପଥର ବ୍ୟବହାର ହେଉଥିବା ବେଳେ ବନ୍ୟା ପାଣିକୁ ଏହା ପ୍ରତିହତ କରିବା ସମ୍ଭବ ହେବନାହିଁ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି । ପ୍ରକାଶ ଥାଉକି ଉକ୍ତ ସ୍ଥାନରେ ଯେଉଁ ମରାମତି କାମ ହେଉଛି ତାହା ଅତି ନିମ୍ନମାନର । କାରଣ ନଦୀ ଗର୍ଭରୁ ପଥର ପ୍ୟାକିଂ କରାନଯାଇ ନଦୀ କୂଳରୁ କାମ କରାଯାଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଜଳସେଚନ ବିଭାଗର ଏସଡିଓ ବିଜୟ ସେଠୀ କହିଛନ୍ତି । ଘଟଣା ତଦନ୍ତ ପରେ ଯାହା ନିଷ୍ପତ୍ତି ନିଆଯିବ । ତେବେ ଏଦିଗରେ କାର୍ଯ୍ୟ ଠିକ୍ ଭାବରେ କରାନଗଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

ଅଙ୍ଗନୱାଡ଼ି ସହ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ରାଜସ୍ୱ ଗ୍ରାମର ଗ୍ରାମବାସୀ ମାନେ ଜଣାଇଛନ୍ତି ଯେ, ତାଙ୍କ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ସେଠାରୁ ୩ କି.ମି ଦୂର ଅନ୍ୟ ଏକ ରାଜସ୍ୱ ଗ୍ରାମ ବିଷ୍ଣୁଦାସପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁମାନେ ଯିବା ଆସିବା ଅତି କଷ୍ଟକର ହେଉଛି । ଦ୍ରୁତଗାମୀ ଗାଡି ଯିବା ଆସିବା କରିବା ସହିତ ବାଟରେ ବଜାର ଓ ବହୁ ଗଡିଆ ପୋଖରୀ ଥିବାରୁ ଶିଶୁ ମାନଙ୍କର ଯିବା ଆସିବା ବିପଦ ଜନକ ହୋଇଛି । ତେଣୁ କୁତରଙ୍ଗ ରାଜସ୍ୱ ଗ୍ରାମର ଅଙ୍ଗନୱାଡି ସହ କେନ୍ଦ୍ର ନିର୍ମାଣ କରିବାକୁ ଦିପ୍ତିମୟୀ ସ୍ୱାଇଁ, ସବିତା ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ନୀଳମଣି ଜେନା, ତୃପ୍ତିମୟୀ ଲେଙ୍କା, ଲକ୍ଷ୍ମୀପ୍ରଭା ଜେନା, ପ୍ରମିଳା ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ଅସହାୟ କର୍କଟ ଆକ୍ରାନ୍ତଙ୍କ ଅସ୍ତ୍ରୋପଚାର

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର କର୍କଟ ରୋଗରେ ଆକ୍ରାନ୍ତ ହୋଇ ଘରେ ପଡ଼ିଥିବା ସ୍ଥାନୀୟ ରଟରା ଗ୍ରାମର ରାଜେନ୍ଦ୍ର ମହାନ୍ତିଙ୍କ ଗୋଡ଼ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପରେ ଅସ୍ତ୍ରୋପଚାର କରାଯାଇଛି । ରାଜେନ୍ଦ୍ରର ଡ଼ାହାଣ ଗୋଡ଼ ଆଙ୍ଗୁଠି ପାଖରେ ଖଣ୍ଡିଆ ହୋଇଥିଲା । ଧିରେ ଧିରେ ତାହା ଘା ହୋଇ ପାଦର କିଛି ଅଂଶକୁ କଳା ପକାଇ ଦେଇଥିଲା । ପରେ କର୍କଟ ରୋଗରେ ପରିଣତ ହୋଇଥିଲା । ଭଙ୍ଗା କୁଡିଆ ଘରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ଛଟପଟ ହେଉଥିଲେ । ନିକଟରେ ଖବରପାଇ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ବିଜେନ୍ଦ୍ର ଦାସ ପ୍ରମୁଖ ତାଙ୍କ ଘରେ ପହଞ୍ଚିଥିଲେ । ରାଜେନ୍ଦ୍ରଙ୍କ ଏହିପରି ଅବସ୍ଥା ଦେଖି ସଂଗଠନର ସଭାପତି ଶ୍ରୀ ବେହେରା ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ । ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିଛି ଦିନ ଚିକିତ୍ସା ପରେ ରାଜେନ୍ଦ୍ରଙ୍କ ଅସ୍ତ୍ରୋପଚାର କରାଯାଇ କଳା ପଡିଯାଇଥିବା ଗୋଡ଼ର କିଛି ଅଂଶକୁ କାଟି ଦିଆଯାଇଛି । ରାଜେନ୍ଦ୍ର ଏବେ ସୁସ୍ଥ ଅଛନ୍ତି ।

ପାନୀୟଜଳ ଯୋଗାଣ ବନ୍ଦ:ପାଣି ପାଇଁ ଲୋକେ ଡହକ ବିକଳ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସମସ୍ୟା । ଏ ସମସ୍ୟା ଗୋଟେ କି ଦୁଇଟା ଗାଁର ନୁହେଁ । ବୌଦ୍ଧ ବ୍ଲକର ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମର ଦୃଶ୍ୟ । ବୌଦ୍ଧ ବ୍ଲକ ଓ ହରଭଙ୍ଗା ବ୍ଲକର ୩୮୪ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବୌଦ୍ଧବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଠାରେ ୨୦୧୯ ମସିହାରେ ସ୍ଥାନୀୟ ବିଧାୟକ ତଥା ବର୍ତ୍ତମାନ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭୂମି ପୂଜନ ଓ ଶିଳାନ୍ୟାସ କରିଥିଲେ । ଏବଂ ଏହି ପ୍ରକଳ୍ପର ଦାୟିତ୍ୱ ଏଲଆଣ୍ଡଟି କମ୍ପାନୀକୁ ଦିଆଯାଇଥିଲା । ଯାହାର ଅଟକଳ ପରିମାଣ ଥିଲା ୧୮୯ କୋଟି । ତେବେ ୧୯/୩/୨୦୧୯ ମସିହାରୁ ଆରମ୍ଭ ହୋଇ ୧୪/୯/୨୦୨୩ ରେ ସରିବା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିବାବେଳେ କିନ୍ତୁ ଅବଧିର ୬ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାତ୍ର ୮୦ ପ୍ରତିଶତ କାମ ହୋଇଥିବା ଜଣାପଡ଼ିଛି । ଏହି ପ୍ରକଳ୍ପ ଦ୍ୱାରା ୭୨ଟି ଓଭର ହେଡ ଟାଙ୍କି ଦ୍ୱାରା ୩୮୫ଟି ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା ଥିବାବେଳେ ଏ ପର୍ଯ୍ୟନ୍ତ ଓଭରହେଡ ଟାଙ୍କି ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ ଅନେକ ଗାଁକୁ ପାଇପ୍ ଲାଇନ୍ ପଡ଼ିନାହିଁ । ଆଉ କେତେକ ଗାଁକୁ ଷ୍ଟାଣ୍ଡ ପୋଷ୍ଟ ବସିଥିଲେ ମଧ୍ୟ ଜଳ ଯୋଗାଣ ହେଉନାହିଁ । ତେବେ ଯେଉଁ ଗାଁରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଅସ୍ଥାୟୀ ଭାବେ ଜଳ ଯୋଗାଣ ହେଉଛି । ଫଳରେ ଲୋକେ ପାନୀୟ ଜଳ ସମସ୍ୟାରୁ ମୁକ୍ତ ହୋଇଥିଲେ । କିନ୍ତୁ ମଝିରେ ମଝିରେ ଅପରେଟରଙ୍କ ବିଭିନ୍ନ ସମସ୍ୟା ଦେଖାଇ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା । ତେବେ ୪ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁଁ ତେଲିବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ଖୁଣ୍ଟବନ୍ଧ, ବଡ଼ିଗାଁ, ମୁଣ୍ଡାପଡ଼ା ଆଦି ପଞ୍ଚାୟତର ଗ୍ରାମ ଗୁଡିକରେ ଜଳଯୋଗାଣ ବନ୍ଦ ଯୋଗୁଁ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଠାରେ ପ୍ରଶ୍ନ ଉଠେ ଯେ ଯଦି ସଫେଇ କାର୍ଯ୍ୟକ୍ରମ ହେବାର ଥିଲା ପୂର୍ବରୁ ଉପଭୋକ୍ତାଙ୍କୁ ସୂଚନା ଦେବାର କଥା । ଫଳରେ ଉପଭୋକ୍ତା ଆଗୁଆ ପ୍ରସ୍ତୁତ ହୋଇଥାନ୍ତେ । ତେବେ ଜଳ ଯୋଗାଣ ଯଦି ଶୀଘ୍ର ନହୁଏ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ।

କାମରେ ଆସୁନି ଉଜ୍ଜ୍ୱଳ ଆଲୋକୀକରଣ ଯୋଜନା

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଞ୍ଚାୟତରେ ଉଜ୍ଜ୍ୱଳ ଆଲୋକୀକରଣ ଯୋଜନା କାମରେ ଆସୁନଥିବାର ଅଭିଯୋଗ ହୋଇଛି । ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ବାବୁଜଙ୍ଗ ଗ୍ରାମପଞ୍ଚାୟତକୁ ଉଜ୍ଜ୍ୱଳ ଆଲୋକୀକରଣ ଯୋଜନାରେ ସାମିଲ କରାଯିବା ନିମନ୍ତେ କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରାୟ ୨୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ । ସେହିପରି ଭାବେ ବାବୁଜଙ୍ଗ ଗ୍ରମାପଞ୍ଚାୟତ ତରଫରୁ ଏହି ଯୋଜନାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇଛି । ଏହି ଟଙ୍କାରେ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିମ୍ନମାନର ବିଦ୍ୟୁତ୍ ବଲ୍‌ବ ଓ ଖୁଣ୍ଟ ବିନିଯୋଗ ହୋଇଥିଲା । ଏପରିକି ବିଦ୍ୟୁତ୍ ତାର ଗୁଡିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାର ଅଭିଯୋଗ ହୋଇଛି । ଉଜ୍ଜ୍ୱଳ ଆଲୋକୀକରଣ ଯୋଜନା ଉଦ୍‌ଘାଟନର ମାତ୍ର ଅଳ୍ପ ଦିନ ପରେ ବଲ୍‌ବ ଗୁଡିକ ଅଚଳ ହୋଇପଡିଥିବାର ଅଭିଯୋଗ ହୋଇଛି । ଏପରିକି କେତେକ ସ୍ଥାନରେ ଖୁଣ୍ଟ ଥିଲାବେଳେ ବଦ୍ୟୁତ୍ ବଲ୍‌ବ ନଥିବାର ଦେଖିବାକୁ ମିଳିଥିଲା । ସମ୍ପ୍ରତି ଗ୍ରାମପଞ୍ଚାୟତର ଅଧିକାଂଶ ସ୍ଥାନରେ ଏହି ଯୋଜନାର ସଫଳ ରୂପାୟନ ନହେବା କାରଣରୁ ଗ୍ରାମ ଗୁଡିକ ଅନ୍ଧାରରେ ରହିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେବେ ଏହି ଯୋଜନାରେ ପ୍ରାୟ ୩୦ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲା ବେଳେ ବିନା ଟେଣ୍ଡରରେ ଠିକାଦାର ଚୟନ କରାଯାଇଥିବାର ଅଭିଯୋଗ ହୋଇଛି । ଠିକାଦାରଙ୍କ ସହ ଅସାଧୁ ମେଣ୍ଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ କଟକ ସଦର ବିଧାୟକ ପୁନର୍ବାର ଏହି ପଞ୍ଚାୟତକୁ ଉଜ୍ଜ୍ୱଳ ଆଲୋକୀ କରଣ ଯୋଜନାରେ ୭ ଲକ୍ଷ ଟଙ୍କା ଯୋଗାଇ ଦେବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଫରୱାର୍ଡ଼ ବ୍ଲକ ରାଜ୍ୟ କମିଟି ବୈଠକ:ନେତାଜୀଙ୍କ ଆଦର୍ଶରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍, ଓଡ଼ିଶା ରାଜ୍ୟ କମିଟିର ଜରୁରୀ ବୈଠକ ଗୁରୁବାର ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ୟୁନିଟ୍–୬ ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟ କମିଟି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧି ନିଷ୍ପତି, ବେକାରୀ, ଋଷୀ ଓ ଶ୍ରମଜୀବୀ ଜନତାଙ୍କ ସମସ୍ୟା ସଂକ୍ରାନ୍ତରେ ବ୍ୟାପକ ଭାବରେ ଆଲୋଚନା କରାଯାଇ ଏଥି ଜନିତ ସୃଷ୍ଟ ଜନ ଅସନ୍ତୋଷକୁ ଆୟୁଦ୍ଧ କରି ନେତାଜୀ ସୁଭାଷଙ୍କ ଆଦର୍ଶରେ ଆସନ୍ତା ସାଧାରଣ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହି କ୍ରମରେ ପାର୍ଟିର ବିଭିନ୍ନ ଜିଲ୍ଲା କମିଟିର ସୁପାରିସ ଆଧାରରେ ଚୟନ ହୋଇଥିବା ବିଭିନ୍ନ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଉକ୍ତ ନିର୍ବାଚନ ମଣ୍ଡଳୀରେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ପ୍ରଥମ ପର୍ଯ୍ୟାୟରେ ଦୁଇ ଗୋଟି ଲୋକସଭା ଏବଂ ଦଶଗୋଟି ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀମାନଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା । ବ୍ରହ୍ମପୁର ଲୋକସଭା ଆସନରୁ ଫରୱାର୍ଡ଼ ବ୍ଲକ ଗଞ୍ଜାମ ଜିଲ୍ଲା କମିଟିର ସାଧାରଣ ସମ୍ପାଦକ ସନ୍ତୋଷ ସାହୁ, ବଲାଙ୍ଗିର ଲୋକସଭା ଆସନରୁ ଯୁବ ଶ୍ରମିକ ନେତା ସୁଶିଲ ଥାନପତିଙ୍କୁ ପ୍ରାର୍ଥୀ କରାଯିବା ପାଇଁ ଆଜିକାର ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଅନୁରୂପ ଭାବରେ ଚିକିଟି ବିଧାନସଭା ଆସନରୁ ଫରୱାର୍ଡ଼ ବ୍ଲକ୍‌ର ଗଞ୍ଜାମ ଜିଲ୍ଲା ସଭାପତି ବିଭୁଧେନ୍ଦ୍ର ପାଢ଼ୀ, ପାରାଳଖେମୁଣ୍ଡି ଆସନରୁ ଯୁବ ନେତା ପାୟଲା ମୁରଲିକ୍ରିଷ୍ଣା, ବାଲେଶ୍ୱର ବିଧାନସଭା ଆସନରୁ ଏସ୍.କେ ଅବ୍‌ଦୁଲ ତାଲିବ୍, ପାଟଣାଗଡ଼ ଆସନରୁ ଚୈତନ ବାଗ, ଜୁନାଗଡ଼ ଆସନରୁ ଆଡ଼ଭୋକେଟ ରାଜେନ୍ଦ୍ର ବୈଠାରୁ, ଲାଞ୍ଜିଗଡ଼ ଆସନରୁ ଉଦ୍ଧବ ନାୟକ, କୋରାପୁଟ ଆସନରୁ ଧନୁର୍ଜୟ ହନ୍ତାଳ, ତାଳଚେର ଆସନରୁ ମନୋଜ କୁମାର ଜେନା, କାକଟପୁର ଆସନରୁ ରବିନ୍ଦ୍ର କାଣ୍ଡି ଏବଂ ନିମାପଡ଼ା ବିଧାନସଭା ଆସନରୁ ପାର୍ଟିର ରାଜ୍ୟ ନେତା ଜିତେନ୍ଦ୍ରୀୟ ବେହେରାଙ୍କୁ ଫରୱାର୍ଡ଼ ବ୍ଲକ ପକ୍ଷରୁ ପ୍ରାର୍ଥୀ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ପୂର୍ବରୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶିଦାର ଦଳ ଭାବରେ ଥିବାବେଳେ ନିର୍ବାଚନୀ ମେଣ୍ଟ ସଂକ୍ରାନ୍ତରେ କଂଗ୍ରେସ ଦଳର କାଳକ୍ଷେପଣ ନୀତି ଯୋଗୁଁ ଗତ ଫେବୃଆରୀ ମାସରେ ଅନୁଷ୍ଠିତ ପାର୍ଟିର ରାଜ୍ୟ କମିଟି ବୈଠକରେ ଇଣ୍ଡିଆ ମେଣ୍ଟରୁ ଓହରିଯାଇ ନିଜସ୍ୱ ଭାବରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି କ୍ରମରେ ଆଜି ରାଜ୍ୟ କମିଟି ବୈଠକରେ ଆଲୋଚନା କରାଯାଇ ବାର ଗୋଟି ଆସନରେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ନାମ ତାଲିକା ଘୋଷଣା କରାଯାଇଥିବା ବେଳେ ଦୋଳ ଛୁଟି ପରେ ଅନ୍ୟାନ୍ୟ ବିଧାନସଭା ଏବଂ ଲୋକସଭା ଆସନ ନିମନ୍ତେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ତାଲିକା ଉପରେ ରାଜ୍ୟ କମିଟିରେ ଆଲୋଚନା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଫରୱାର୍ଡ଼ ବ୍ଲକ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରସ୍ତୁତି ବୈଠକ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ୩୯ ଗୋଟି ବରପୁତ୍ର ସ୍ଥାପନା, ଶୁଭେଚ୍ଛା ବାର୍ତ୍ତା –ମୁଖ୍ୟ ଶାସନ ସଚିବ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସାଂସ୍କୃତିକ ସଚିବ, ଶିକ୍ଷା ବିଭାଗ ସଚିବ ପ୍ରମୁଖ ସ୍ଥିନିତ ହେବାର ସ୍ଥିରୀକୃତ ହୋଇଛି । ତତ୍ ସଙ୍ଗେ ସଙ୍ଗେ ସ୍ମରଣିକା ସଂଗ୍ରାମୀ ପୁସ୍ତକ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି । ନୂତନ ବର୍ଷ ଏପ୍ରିଲ–୧୪ ତାରିଖରେ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ଜଷ୍ଟିସ ଉପସ୍ଥିତ ରହିବା ପାଇଁ କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥି ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଭିତ୍ତିକ ବିଷୟ ବସ୍ତୁ ଉପରେ ସର୍ବ ଦଳୀୟ ବୈଠକ ରଖାଯାଇ ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ପ୍ରସାଦ ରାଓ ପୃଷ୍ଟି, ରାମଚନ୍ଦ୍ର ବାଡ଼ତିୟା, ବିଜୟ କୁମାର ବିଶ୍ୱାଳ, ବାଳକୃଷ୍ଣ ମହାରଣା, ଗୋପାଳ କୃଷ୍ଣ ସେନାପତି, ଗୋକୁଳ ଚନ୍ଦ୍ର ନାହାକ, ଉମେଶ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ଅଭିମନ୍ୟୁ ସାହୁ, ଦେବୀପ୍ରସାଦ ମହାପାତ୍ର, ଚନ୍ଦ୍ର ଶେଖର ନାୟକ, ଅମୂଲ୍ୟ କୁମାର ସେନାପତି, ମସ୍ତଜୀବୀ ନେତା ଭୀମସେନ ବେହେରା, ରାଜକିଶୋର ପତି, ସୁବାସ ଚନ୍ଦ୍ର ସୁବୁଦ୍ଧି, ମହେନ୍ଦ୍ର କୁମାର ସେନାପତି ସମେତ ବହୁ ମାନ୍ୟଗଣ୍ୟ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ ।

ଆୟବା ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଞ୍ଚାୟତର ଆୟବା ଗ୍ରାମରେ ପ୍ରସିଦ୍ଧ ଶୈବ ପୀଠ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଚତୁର୍ଥ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ମହାଯଜ୍ଞର ଶୁଭାରମ୍ଭରେ ଅଙ୍କୁରା ରୋପଣ, କଳସ ଯାତ୍ରା, ଗୁରୁ, ସୂର୍ଯ୍ୟ ଓ ୧ ଗୋ–ପୂଜା ସହ ଷୋଡ଼ଶ ଉପଚାର ପୂଜା ସହ ଗୀତା ପାଠ, ଚଣ୍ଡୀ ଯଜ୍ଞ ସମେତ ଅଷ୍ଟମ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞର ପୂର୍ଣ୍ଣାହୂତି ପରେ ସବୁ ବର୍ଷ ଭଳି ସପ୍ତାହ ବ୍ୟାପି ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ ଭଜନ ପରିବେଷଣ ସହ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ଶ୍ରଦ୍ଧାଳୁ ମାନଙ୍କୁ ଆକର୍ଷିତ କରିଥିଲା । ଆୟବା ଗ୍ରାମର ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କଣ୍ଢେଇ ଦିବସ ପାଳିତ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ କଣ୍ଢେଇ ଦିବସ ଅନୁଷ୍ଠିତ ହୋଇଯାଇଛି । ଅଭିଭାବିକା ତଥା ପୂର୍ବତନ ଛାତ୍ରୀ ସୁଜାତା କୁମାରୀ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କଣ୍ଢେଇ ମେଳର ଉଦ୍ଦେଶ୍ୟ ଓ ଶିଶୁଙ୍କ ମନରେ କୌତୁହଳ ସୃଷ୍ଟି କରିବାରେ କଣ୍ଢେଇର ଆବଶ୍ୟକତା ରହିଛି ବୋଲି ଅଭିବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ, ଶିଶୁ ବାଟିକା ପ୍ରମୁଖ ପ୍ରବାସିନୀ ତରାଇ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କଣ୍ଢେଇ ଶିଶୁ ମନରେ ଉତ୍ସାହ ଓ ଉଦ୍ଦିପନା ଜାଗ୍ରତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗୁରୁମା ରଶ୍ମିତା ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଗୁରୁମା ପ୍ରସନ୍ନ ବେହେରା କୃତଜ୍ଞତା ଜ୍ଞାପନ କରିଥିଲେ । ତତ୍ ସହିତ କଣ୍ଢେଇ ଷ୍ଟଲ୍ ପରିବେଷଣ କରି ସାମିଲ ହୋଇଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ କିଛି ମାର୍ଗ ଦର୍ଶନ ଦେଇଥିଲେ । ଶିବିରକୁ ପରିଚାଳନାରେ ଗୁରୁଜୀ ରିଷ୍ଟୁ ପ୍ରଧାନ, ରବୀନ୍ଦ୍ର ମହାରଣା, କୈଳାସ ଚନ୍ଦ୍ର ନାୟକ, ବି ପ୍ରକାଶ ପାତ୍ର, ଗୁରୁମା ରୀନା ମାନସିଂହ, ରଶ୍ମିତା ତରାଇ ଓ ଅଭିଭାବକ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

ଗ୍ରାମ୍ୟ ରାସ୍ତାର ଦୁରବସ୍ଥା:ପଥଚାରୀଙ୍କ ହିନସ୍ତା

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ସରକାର ଗ୍ରାମାଞ୍ଚଳରେ ଗମନା ଗମନର ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ହଳଧରପୁର–କଣ୍ଟିବାଙ୍କ ଗ୍ରାମ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ କଣ୍ଟିବାଙ୍କ ଓ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ହଳଧରପୁର ଗ୍ରାମକୁ ହଳଧରପୁର ଓ କଣ୍ଟିବାଙ୍କ ଗ୍ରାମ୍ୟରାସ୍ତା ସଂଯୋଗ କରୁଅଛି । ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଏହି ରାସ୍ତାକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା । ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଟିକିଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି । ସେହିପରି ଭାବେ ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଥିବାରୁ ବହୁ ସମୟରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ଦୈନନ୍ଦିନ ଶହ ଶହ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଓ ସାଧାରଣ ଲୋକେ ନିର୍ଭର କରିଥାନ୍ତି । ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଲୋକେ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡିଥାନ୍ତି । ସେହିପରି ଭାବେ ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁନାହିଁ । ଫଳରେ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥାନ୍ତି । ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

ଅଁଳାଝୁଲି ପ୍ରାଥମିକ ବିଦ୍ୟାଳୟ ଜମିକୁ ହାତେଇବା ନେଇ ଏସଏମସିର ଅଭିଯୋଗ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ ଅଁଳାଝୁଲି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟିର ସଭ୍ୟସଭ୍ୟା ମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ କାର୍ଯ୍ୟାଳୟକୁ ଆସିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୦୯ ମସିହାରେ ଅଁଳାଝୁଲି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା । ସରକାରଙ୍କ ତରଫରୁ ବିଦ୍ୟାଳୟର କୋଠା ନିର୍ମାଣ ହୋଇ ସ୍କୁଲରେ ପାଠପଢା ଚାଲୁଛି । ସରକାରଙ୍କ ନିୟମ ଅନୁସାରେ ଛାତ୍ରଛାତ୍ରୀ ମଧ୍ୟ ଅଛନ୍ତି । ଏହି ସ୍କୁଲକୁ ୨୦୨୨ ମସିହାରେ ଖାତା ନଂ ୪୪ ପ୍ଲଟ୍ ନଂ ୫୬, ୫୭ ଦୁଇଟି ପ୍ଲଟ୍ ମିଶି ମୋଟ ୯୬ ଡ଼େସିମିଲ ଜମିକୁ ଓଡ଼ିଶା ସରକାର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାର ଅଁଳାଝୁଲି ସ୍କୁଲ ନାମରେ ପଟ୍ଟା ପ୍ରଦାନ କରିଛନ୍ତି । କିନ୍ତୁ ସେଠାରେ ସେହି ଗ୍ରାମର ଜଣେ ବ୍ୟକ୍ତି ସ୍କୁଲ ପରିସରରେ ଘର ତିଆରି କରି ରହିବା ପାଇଁ ପ୍ରୟାସ କରୁଛନ୍ତି । ଏତଦ୍‌ବ୍ୟତୀତ ଗତ ୧୭ ତାରିଖରେ ସ୍କୁଲ୍ ପରିସରରେ ଥିବା ବଡ଼ ବଡ଼ ଗଛ ସବୁ କାଟି ଦେଇଛନ୍ତି । ସ୍କୁଲ୍ କମିଟି ବାରଣ କରିବାକୁ ସେମାନଙ୍କୁ ଧମକ ଚମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି । ପ୍ରଶାସନକୁ ଏନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ସେହି ସ୍ଥାନରୁ ତାଙ୍କୁ ସ୍ଥାନାନ୍ତରିତ କରାଯାଉନାହିଁ । ଯାହା ଫଳରେ ସେଠାରେ ସ୍କୁଲ ପରିଚାଳନାରେ ଅସୁବିଧା ହେବାସହ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି । ତେଣୁ ତୁରନ୍ତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲା ପ୍ରଶାସନକୁ ଭେଟିବାକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି ।

ମୁଖ ଗହ୍ୱର ନେଇ ସଚେତନତା

ବିଶ୍ୱ ମୁଖଗହ୍ୱର ଦିବସ – ୨୦୨୪

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ପୁରୁଣା) ସମ୍ମିଳନୀ କକ୍ଷରେ ବିଶ୍ୱ ମୁଖ ଗହ୍ୱର ଦିବସ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, ଏଡିଇଓ ସୁରମା ମହାପାତ୍ର, ଡାକ୍ତର ସୌମ୍ୟ ରଞ୍ଜନ ଦାସ, ପ୍ରଶାସନିକ ଅଧିକାରୀ ଅଳୀ ତରାଇ, ଡାକ୍ତର ଦିବ୍ୟଜ୍ୟୋତି ସ୍ୱାଇଁଙ୍କ ସମେତ ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଭାରେ ଉପସ୍ଥିତ ଥିବା ଏଏନଏମ ର ଛାତ୍ରୀ, ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀମାନେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥି ସହିତ ମୁଖ ଗହ୍ୱର ସଂପର୍କରେ ସଚେତନ କରାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏନ୍‌ଏମ୍‌ର ଅଧକ୍ଷ ଭାରତୀ ସ୍ୱାଇଁ, ଶ୍ୟାମ ସୁନ୍ଦର ବିଶ୍ୱାଳ, ଶିବ ଶଙ୍କର ସିଂହ, ଚିନ୍ମୟୀ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିଙ୍ଗ

ସୁପରଫ୍ଲପ୍ ହେଲେ ୨୪.୭୫ କୋଟି ଟଙ୍କାର ଖେଳାଳି

କୋଲକାତା

କୋଲକାତା ନାଇଟ ରାଇଡର୍ସ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ରୋମାଞ୍ଚକର ମ୍ୟାଚ୍‌ରେ ଜିତିବାରେ ସଫଳ ହୋଇଛି। ଶ୍ରେୟସ ଆୟରଙ୍କ ଦଳ ୪ ରନ୍‌ରେ ମ୍ୟାଚ୍ ଜିତିଥିଲା। କିନ୍ତୁ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ସନରାଇଜର୍ସ ହାଇଦ୍ରାବାଦର ବ୍ୟାଟ୍ସମ୍ୟାନ୍‌ମାନେ ବହୁ ରନ ସଂଗ୍ରହ କରିଥିଲେ। ମିଚେଲ ଷ୍ଟାର୍କ ୪ ଓଭରରେ ୫୩ ରନ ସଂଗ୍ରହ କରିଥିଲେ ମଧ୍ୟ ଏହି ଦ୍ରୁତ ବୋଲରଙ୍କୁ ସଫଳତା ମିଳି ନ ଥିଲା। କୋଲକାତା ନାଇଟ ରାଇଡର୍ସ ପାଇଁ ୧୯ତମ ଓଭର ବୋଲିଂ କରିବାକୁ ଆସିଥିବା ମିଚେଲ ଷ୍ଟାର୍କଙ୍କ ଓଭରରେ ୪ଟି ଛକା ମାରିଥିଲେ। ନିକଟରେ ଆଇପିଏଲ ନିଲାମରେ କୋଲକାତା ନାଇଟ ରାଇଡର୍ସ ୨୪.୭୫ କୋଟିରେ ମିଚେଲ ଷ୍ଟାର୍କଙ୍କୁ କିଣିଛନ୍ତି। ଏହିପରି ଭାବରେ ମିଚେଲ ଷ୍ଟାର୍କ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। କିନ୍ତୁ ସେ ସିଜିନର ପ୍ରଥମ ମ୍ୟାଚ୍‌ରେ ସୁପର୍‌ଫ୍ଲପ ହୋଇଥିଲେ। ଏହା ପରେ କ୍ରିକେଟ ପ୍ରଶଂସକମାନେ ସୋସିଆଲ ମିଡିଆରେ ନିଜର କ୍ରୋଧ ପ୍ରକାଶ କରିଥିଲେ। ଯଦି ଆମେ ଏହି ମ୍ୟାଚ୍ ବିଷୟରେ କଥା ହେବା, ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୭ ୱିକେଟରେ ୨୦୮ ରନ ସ୍କୋର କରିଥିଲେ। ଏହାର ଜବାବରେ ସନରାଇଜର୍ସ ହାଇଦ୍ରାବାଦ ଦଳ ୨୦ ଓଭରରେ ୭ ୱିକେଟରେ ମାତ୍ର ୨୦୪ ରନ ସ୍କୋର କରିପାରିଥିଲା। ଏହିପରି ଭାବରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସ ଏକ ବିଜୟ ସହିତ ସିଜିନ୍ ଆରମ୍ଭ କରିଥିଲା।

ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୨୦ ରନ୍‌ରେ ହରାଇଲା ରାଜସ୍ଥାନ ରୟାଲ୍ସ

ଜୟପୁର

ରବିବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୪ର ଚତୁର୍ଥ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଉଭୟ ବ୍ୟାଟିଂ ଓ ବୋଲିଂ କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ବିଜୟୀ ହୋଇଛି। ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୨୦ ରନ୍‌ରେ ହରାଇଛି। ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିନେଇଛି।

ଲକ୍ଷ୍ନୌ ପାଇଁ ନିକୋଲାସ୍ ପୁରନ୍ ସର୍ବାଧିକ ଓ ଅପରାଜିତ ୬୪ ରନ୍ ସଂଗ୍ରହ କରିଥିଲେ। ସେ ୪୧ଟି ବଲ୍ ଖେଳି ୪ଟି ଚୌକା ଓ ୪ଟି ଛକା ମାରିଥିଲେ। ଅଧିନାୟକ କେଏଲ୍ ରାହୁଲ ୪୪ଟି ବଲ୍ ଖେଳି ୪ଟି ଚୌକା ଓ ୨ଟି ଛକା ବଳରେ ୫୮ ରନ୍ ସଂଗ୍ରହ କରିଥିଲେ। ସେହିପରି ଦୀପକ ଚହର ୧୩ଟି ବଲ୍ ଖେଳି ୨ଟି ଚୌକା ଓ ୨ଟି ଛକା ସହାୟତାରେ ୨୬ ରନ୍ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ରାଜସ୍ଥାନ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୨ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ନନ୍ଦ୍ରେ ବୁରଗେଲ, ରବିଚନ୍ଦ୍ରନ ଅଶ୍ୱିନ, ଯୁଜବେନ୍ଦ୍ର ଚହଲ ଓ ସନ୍ଦୀପ ଶର୍ମା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ୍ କରିଥିଲେ।

ସ୍ଥାନୀୟ ସାଇ ମାନସିଂହ ଷ୍ଟାଡ଼ିୟମରେ ରବିବାର ସଞ୍ଜୁ ସାମସନ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୧୯୩ ରନ୍ ସଂଗ୍ରହ କରିଥିଲା। ଫଳରେ ଲକ୍ଷ୍ନୌକୁ ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଟସ୍ ଜିଣି ଘରୋଇ ରାଜସ୍ଥାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଯୁବବ୍ୟାଟର ଯଶସ୍ୱୀ ଜୟସ୍ୱାଲ (୨୪ ରନ୍) ଓ ଜୋସ୍ ବଟଲର (୧୧ରନ୍) ପାଳି ଆରମ୍ଭ କରିଥିଲେ। ଉଭୟ ଖେଳାଳି ଆଉଟ୍ ହୋଇ କ୍ରିଜ୍ ଛାଡ଼ିବା ପୂର୍ବରୁ ରାଜସ୍ଥାନ ୪୯ ରନ୍ ସଂଗ୍ରହ କରିଥିଲା। ଦଳ ୧୩ ରନ୍‌ରେ ପ୍ରଥମ ୱିକେଟ୍ ଭାବେ ବଟଲରଙ୍କୁ ହରାଇଥିଲା।

ରାଜସ୍ଥାନ ପାଇଁ ସଞ୍ଜୁ ସାମସନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୨ଟି ବଲ୍ ଖେଳି ୩ଟି ଚୌକା ଓ ୬ଟି ଛକା ବଳରେ ଅପରାଜିତ ରହି ୮୨ ରନ୍ ସଂଗ୍ରହ କରିଥିଲେ। ସେହିପରି ରିୟାନ ପରାଗ ୨୯ଟି ବଲ୍ ଖେଳି ଗୋଟିଏ ଚୌକା ଓ ୩ଟି ଛକା ବଳରେ ୪୩ ରନ୍ ଯୋଡ଼ିଥିଲେ। ସିମରନ୍ ହେଟ୍‌ମେୟର ୭ଟି ବଲ୍‌ରୁ ୫ ରନ୍ ସଂଗ୍ରହ କରିଥିଲେ। ଧ୍ରୁବ ଜୁରେଲଙ୍କ ବ୍ୟାଟ୍‌ରୁ ୨୦ ରନ୍ ସଂଗୃହୀତ ହୋଇଥିଲା। ଏଥିରେ ଗୋଟିଏ ଚୌକା ଓ ଗୋଟିଏ ଛକା ସାମିଲ ଥିଲା।

ଜାତୀୟ ପାରା ଅସିଚାଳନା

ରମେଶ, ପୂଜାସ୍ୱିନୀ, ମାଳତୀ, ଶୀଲାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ହ୍ୱିଲ୍‌ଚେୟାର ଅସିଚାଳନା ପ୍ରତିଯୋଗିତାର ତୃତୀୟ ଦିନରେ ଓଡ଼ିଆ ଖେଳାଳି ଭି. ରମେଶ ରାଓ, ପୂଜାସ୍ୱିନୀ ନାୟକ, ମାଳତୀ ପାନୁରେ ଓ ଶୀଳା ମନ୍ତ୍ରୀ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ଇପି-ଏ ରେ ମାଳତି ପାନାଉର୍ ନିଜ ରାଜ୍ୟର ଶୀଳା ମନ୍ତ୍ରୀଙ୍କୁ ୧୫-୦୯ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ମହିଳା ଫଏଲ-ଏରେ ଶୀଲାମନ୍ତ୍ରୀ ଏହାର ପ୍ରତିଶୋଧ ନେଇ ମାଳିତଙ୍କୁ ୧୫-୦୯ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଅକ୍ତିଆର କରିନେଇଥିଲେ। ବ୍ୟକ୍ତିଗତ ମହିଳା ଇପି-ବିରେ ପୂଜାସ୍ୱିନୀ ନାୟକ ୧୫-୭ରେ ଛତିଶଗଡ଼ର ରୋହିଣୀ ସାହୁଙ୍କୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମିଫାଇନାଲ୍‌ରେ ଆଶା ସିଂହ ୧୪-୧୫ରେ ପୂଜାସ୍ୱିନୀ ନାୟକଙ୍କଠାରୁ ହାରି କାଂସ୍ୟ ପଦକ ପାଇଛନ୍ତି। ବ୍ୟକ୍ତିଗତ ପୁରୁଷ ଫଏଲ୍-ଏ ରେ ଭି. ରମେଶ ରାଓ ୧୫-୧୩ରେ ହରୟାଣାର ସୁଧୀର ସିଂହଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ରମେଶ ଇପିରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ସେମିଫାଇନାଲ୍‌ରେ ରମେଶଙ୍କଠାରୁ ହାରି ରାଖାଲ କୁମାର ସେଠୀ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ବ୍ୟକ୍ତିଗତ ପୁରୁଷ ଫଏଲ-ବିରେ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ୯-୧୫ରେ ହରିୟାଣାର ସୁନୀଲ ଫୋଗଟଙ୍କଠାରୁ ହାରି ରୌପ୍ୟ ପଦକ ଜିତିଛନ୍ତି। ସେମିଫାଇନାଲ୍‌ରେ ସୁନୀଲଙ୍କଠାରୁ ହାରିଥିବା ଓମ୍ ପ୍ରକାଶ ବେହେରା କାଂସ୍ୟ ପାଇଛନ୍ତି। ତୃତୀୟ ଦିନରେ ଓଡ଼ିଶା ୪ ସ୍ୱର୍ଣ୍ଣ ସହିତ ୩ ରୌପ୍ୟ ଓ ୩ କାଂସ୍ୟ ପଦକ ଜିତିଛନ୍ତି।

ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ୍ : ଦୀପ ରଂଜନଙ୍କୁ ରୌପ୍ୟ

ଭୁବନେଶ୍ୱର

ଜାମସେଦ୍‌ପୁରଠାରେ ଶେଷ ହୋଇଥିବା ଷଷ୍ଠ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଛି। ପୁରୁଷ ଯୁଗଳ ସେମିଫାଇନାଲରେ ଦୀପରଞ୍ଜନ ବିଶୋଇ ଉତ୍ତରାଖଣ୍ଡର ମନୋଜ ସରକାରଙ୍କୁ ସାଥୀ କରି ଉତ୍ତରପ୍ରଦେଶ-ତାମିଲନାଡୁ ଯୋଡ଼ି ନିହାଲ ଗୁପ୍ତା-ନବୀନ ଶିବକୁମାରଙ୍କୁ ୧୭-୨୧, ୨୧-୧୫, ୨୧-୧୭ରେ ପରାସ୍ତ କରି ଫାଇନାଲ ଆସିଥିଲେ। କିନ୍ତୁ ଟାଇଟଲ ମୁକାବିଲାରେ ଦୀପ-ମନୋଜ ଯୋଡ଼ି ଆହତ ହେବାରୁ ରୌପ୍ୟ ପାଇଛନ୍ତି। ହରିୟାଣା ତରୁଣ ଓ ନୀତେଶ କୁମାର ଯୋଡ଼ି ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ଓଡ଼ିଶାରୁ ୧୨ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଘରୋଇ ମାଟିରେ ଇତିହାସ ରଚିଲା ଓଡ଼ିଶା ଏଫ୍‌ସି

IWL
2023-24
IT'S TIME FOR FOOTBALL FEVER
INDIAN WOMEN'S LEAGUE 2023-24
CHAMPIONS

ଭୁବନେଶ୍ୱର

ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ କର୍ଣ୍ଣାଟକ କିକ୍‌ଷ୍ଟାର୍ଟ ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି ଓଡ଼ିଶା ଏଫ୍‌ସି। ଏହି ମ୍ୟାଚ୍ ଜିତିବା ସହିତ ଆଇଡବ୍ଲ୍ୟୁଏଲ୍ ଇତିହାସରେ ପ୍ରଥମ ଟାଇଟଲ ହାସଲ କରିଛି। ରବିବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫସି ଘରୋଇ ପରିବେଶର ଫାଇଦା ନେଇ କିକ୍‌ଷ୍ଟାର୍ଟକୁ ୬-୦ ଗୋଲରେ ପରାସ୍ତ କରିଥିଲା।

ଛକା ମାରିବାରେ ଗେଲ୍‌ଙ୍କୁ ପଛରେ ପକାଇଲେ ରସେଲ

କୋଲକାତା

କୋଲକାତାର ଇଡେନ ଗାର୍ଡେନ୍ସରେ ଚଳିତ ଆଇପିଏଲ୍‌ର ତୃତୀୟ ମ୍ୟାଚ୍ କୋଲକାତା ନାଇଟ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୪ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଆନ୍ଦ୍ରେ ରସେଲ ଏକ ସୁନ୍ଦର ପାଳି ଖେଳିବା ସହିତ ନିଜ ନାଁରେ ଏକ ରେକର୍ଡ ଯୋଡ଼ିଥିଲେ।

ଆଇପିଏଲ୍‌ରେ ୨୦୦ଟି ଛକା ମାରିବାରେ ରସେଲ ପାଲଟି ଯାଇଛନ୍ତି ଦ୍ରୁତତମ ବ୍ୟାଟର। ୩୫ ବର୍ଷୀୟ ରସେଲ ଆଇପିଏଲ୍‌ରେ ୧୩୨୨ଟି ବଲ୍ ଖେଳି ୨୦୦ଟି ଛକା ମାରିଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାଁରେ ଥିଲା। ସେ ୧୮୧୧ଟି ବଲ୍ ଖେଳି ୨୦୦ଟି ଛକା ମାରିଥିଲେ। ଶନିବାର ଇନିଂସର ୧୯ତମ ଓଭରରେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଏକ ଛକା ମାରି ରସେଲ ଏହି ରେକର୍ଡ ହାସଲ କରିଥିଲେ। ସେ ଅପରାଜିତ ରହି ୨୫ଟି ବଲ୍‌ରୁ ୬୪ ରନ କରିଥିଲେ। ତା ମଧ୍ୟରେ ଥିଲା ୭ଟି ଛକା ଓ ୩ଟି ଚୌକା।

ଆଇପିଏଲ୍‌ରେ ୨୦୦ ଛକା ମାରିଥିବା ତାଲିକାରେ ଆହୁରି ବହୁତ ଖେଳାଳି ଅଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ରସେଲଙ୍କ ଭଳି ଏତେ କମ୍ ବଲରୁ ୨୦୦ ଛକା ମାରି ନାହାନ୍ତି। କିରଣ ପୋଲାର୍ଡ ୨୦୫୫ ବଲ ଖେଳି ୨୦୦ ଛକା ମାରିଥିବା ବେଳେ ଏବି ଡି ଭିଲିୟର୍ସ ୨୭୯୦, ମହେନ୍ଦ୍ର ସିଂହ ଧୋନି ୩୧୨୬ ଓ ରୋହିତ ଶର୍ମା ୩୭୯୮ ବଲ୍‌ରୁ ୨୦୦ ଛକା ମାରିଛନ୍ତି। ସେହିଭଳି ବିରାଟ କୋହଲି, ଡାଭିଡ ୱାର୍ଣ୍ଣର ଓ ସୁରେଶ ରାଇନା ଆଇପିଏଲ୍‌ରେ ୨୦୦ ଛକା ମାରିଛନ୍ତି।

କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହଣ୍ଡ୍ରେଡ୍-୨୦୨୪ ଖେଳିବେ ଓପନର ସ୍ମୃତି ମାନ୍ଧାନା ଓ ୱିକେଟକିପର ରିଚା ଘୋଷ

ନୂଆଦିଲ୍ଲୀ

ଇଂଲଣ୍ଡରେ ଆୟୋଜନ ହେବ ୧୦୦ ବଲ୍ ବିଶିଷ୍ଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହଣ୍ଡ୍ରେଡ୍। ଏଥିରେ ମହିଳା ବର୍ଗରେ ୨ ଭାରତୀୟ ଓପ୍‌ନର ସ୍ମୃତି ମାନ୍ଧାନା ଓ ୱିକେଟ ରକ୍ଷକ ବ୍ୟାଟର ରିଚା ଘୋଷ ସ୍ଥାନ ପାଇଛନ୍ତି। ମାନ୍ଧାନା ସଦର୍ଣ୍ଣ ବ୍ରେଭ୍ ଦଳ ପାଇଁ ଏବଂ ରିଚା ବର୍ମିଂହାମ ଫିନିକ୍ସ ଦଳ ପାଇଁ ଖେଳିବେ। ଡବ୍ଲ୍ୟୁପିଏଲ୍ ପରି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଦେଶର ମହିଳା ଖେଳାଳି ଭାଗନେବେ। ଗତ ଡବ୍ଲ୍ୟୁପିଏଲ୍‌ରେ ମାନ୍ଧାନା ଓ ରିଚା ଭଲ ପ୍ରଦର୍ଶନ କରିବାରୁ ସେମାନଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଡବ୍ଲ୍ୟୁପିଏଲ୍ ଚାମ୍ପିଅନ ହୋଇଥିଲା। ମହିଳା ହଣ୍ଡ୍ରେଡ୍‌ରେ ଭାରତୀୟଙ୍କୁ ଖେଳିବା ପାଇଁ ବିସିସିଆଇ ଅନୁମତି ଦେଇଥିବା ବେଳେ ପୁରୁଷ ଖେଳାଳିଙ୍କୁ ଏଥିରେ ଖେଳିବାର ଅନୁମତି ନାହିଁ। ମହିଳାଙ୍କ ପରି ପୁରୁଷ ହେଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ତାଲିକା ମଧ୍ୟ ବିଭିନ୍ନ ଦଳ ଘୋଷଣା କରିଛନ୍ତି।

ଜେଏସ୍‌ପି ପକ୍ଷରୁ ପରିବେଶୀୟ ସଚେତନତା କାର୍ଯ୍ୟକ୍ରମ 'ଆର୍ଥ ଆୱାର୍' ପାଳିତ

ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ପରିବେଶୀୟ ସଚେତନତା କାର୍ଯ୍ୟକ୍ରମ ଆର୍ଥ ଆୱାର -୨୦୨୪ ଅନୁଗୁଳ କମ୍ପାନୀ ପରିସରରେ ଉତ୍ସାହର ସହ ପାଳିତ ହୋଇଯାଇଛି। ଅନୁଗୁଳ ୟୁନିଟ୍‌ର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲ୍‌ହାନ, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଜିନ୍ଦଲ ନଗର ବାସିନ୍ଦା ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସମୁଦାୟଙ୍କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ବିଶ୍ୱ ପରିବେଶର ସୁରକ୍ଷା ନେଇ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ସନ୍ଧ୍ୟା ୮:୩୦ ମିନିଟ୍‌ରୁ ରାତି ୯:୩୦ ମିନିଟ ପର୍ଯ୍ୟନ୍ତ ଜିନ୍ଦଲ ନଗରର ସମସ୍ତ ବିଜୁଳି ଆଲୋକକୁ ବନ୍ଦ ରଖାଯାଇଥିଲା ଏବଂ ପରିବେଶ ସୁରକ୍ଷା କର୍ମୀମାନେ ହାତରେ ମହମବତୀ ଧରି ଦିବ୍ୟ ସରୋବର ଠାରୁ ଦେବ ଭୂମିଁ ପର୍ଯ୍ୟନ୍ତ ଯାଇଥିଲେ।

ଏହି କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାମାନେ ଅତ୍ୟନ୍ତ ଉତ୍ସାହର ସହ ଭାଗ ନେଇ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସେମାନେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ହେତୁ ପୃଥିବୀକୁ ଦେଖାଦେଉଥିବା ବିପଦ ଏବଂ ଏହାର ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ଏକ ସ୍ପଟ୍ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ଅବସରରେ ପରିବେଶ ପରିଚାଳନା ବିଭାଗ ପକ୍ଷରୁ ପହଲ ନାମକ ଯୋଜନାର ଶୁଭାରମ୍ଭ କରାଯାଇ ଜିନ୍ଦଲ ନଗରର ପ୍ରତିଟି ବାସିନ୍ଦାଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରା ଯାଇଥିଲା ଏବଂ ଏକକ ଉପଯୋଗ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। ନିଜ ଅଞ୍ଚଳକୁ ସ୍ୱଚ୍ଛ ସବୁଜ ରଖିବା ପାଇଁ ଜିନ୍ଦଲନଗର ବାସୀ ଏଣିକି ଏକକ ଉପଯୋଗ ପ୍ଲାଷ୍ଟିକ ବ୍ୟାଗ୍ ବା ପଲିଥିନ ଜରି ବର୍ଜନ କରିବା ସହ କପଡ଼ା ବ୍ୟାଗ୍ ବ୍ୟବହାର କରିବାକୁ ଶପଥ ନେଇଥିଲେ।

ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ମାମଲା : ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ, ନ୍ୟୁଜ୍‌ବ୍ୟୁରୋ

ଆଠଗଡ଼ ଡାଲୁଆ ଗାଁରେ ଦେଶୀ ମଦ ଭାଟି ଉପରେ ଚଢ଼ଉ ବେଳେ ଅବକାରୀ ବିଭାଗକୁ ଆକ୍ରମଣ ଘଟଣାରେ ମଦ ବ୍ୟବସାୟୀ ରବୀନ୍ଦ୍ର ସ୍ୱାଇଁଙ୍କୁ ଗିରଫ କରିଛି ପୋଲିସ। ଦେଶୀ ମଦ ଭାଟି ଉପରେ ଚଢ଼ଉ କରିବା ପାଇଁ ପହଞ୍ଚିଥିଲା ଅବକାରୀ ବିଭାଗ। ଏହି ସମୟରେ ଗାଁର କିଛି ଲୋକ ଏହାକୁ ବିରୋଧ କରି ଅବକାରୀ ବିଭାଗକୁ ଆକ୍ରମଣ କରିଥିଲେ। ପୂର୍ବରୁ ମଧ୍ୟ ଅବକାରୀ ବିଭାଗ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଦଶରୁ ଅଧିକ ଚୋରା ଦେଶୀ ମଦ ମାଫିଆ ଠେଲାପେଲା ସହିତ ଗାଳି ଗୁଲଜ ଓ ଗାଡ଼ି ଭଙ୍ଗାରୁଜା କରିଥିଲେ। ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନାରେ ଏତଲା ଦିଆଯାଇଥିଲା। ସେପଟେ ଗିରଫ ପ୍ରତିବାଦରେ ଡାଲୁଆ ଗ୍ରାମର ମହିଳାମାନଙ୍କ ପକ୍ଷରୁ ଆଠଗଡ଼ ଅବକାରୀ କାର୍ଯ୍ୟାଳୟ ଘେରାଉ କରାଯାଇଛି। ୫୦ରୁ ଅଧିକ ମହିଳା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦଶନ କରିଛନ୍ତି। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା ଜାରି ରଖିଛି।

'କଂଗ୍ରେସ କ୍ଷମତାକୁ ଆସିଲେ ୧୦ଦଫା ଗ୍ୟାରେଣ୍ଟିକୁ କାର୍ଯ୍ୟକାରୀ କରିବ'

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ଇସ୍ତାହାର କମିଟି ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟିକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଜିଲ୍ଲା ସଭାପତି ଲୋକନାଥ ମହାରଥୀ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ପାଟକୁରା ନେତା ରତୀକାନ୍ତ କାନୁନ୍‌ଗୋ, ପ୍ରଫୁଲ୍ଲ ଦାସ, ରତୀକାନ୍ତ ସାମଲ, ସିଦ୍ଧାର୍ଥ ସ୍ୱରୂପ ଦାସ, ସତ୍ୟପ୍ରିୟ ସାମଲ ପ୍ରମୁଖ ଉପସ୍ଥିତ ରହି ଦଳ ପକ୍ଷରୁ ଦିଆଯାଇ ଥିବା ୯ ଦଫା ଗ୍ୟାରେଣ୍ଟି ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ ୩ ହଜାର ଟଙ୍କା, କୃଷକମାନଙ୍କୁ ମାସିକ ୨ ହଜାର ଟଙ୍କା ପେନଶନ, ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼, ୫ ଲକ୍ଷ ଯୁବକ, ଯୁବତୀଙ୍କୁ ନିଯୁକ୍ତି, ୩ ହଜାର ବେକାରୀ ଭତ୍ତା, ଘରର ପ୍ରତ୍ୟେକ ମହିଳାଙ୍କୁ ଗୃହଲକ୍ଷ୍ମୀ ଯୋଜନାରେ ୨ ହଜାର ଲେଖାଁଏ ଭତ୍ତା, ପ୍ରତି ପରିବାରକୁ ମାସକୁ ୫୦୦ ଟଙ୍କାରେ ସିଲିଣ୍ଡର, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତା ମାସିକ ୨ ହଜାର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟ ରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ୯ଦଫା ଗ୍ୟାରେଣ୍ଟିରେ ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଏହି ୯ଦଫା ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିବ ବୋଲି ବରିଷ୍ଠ ନେତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କୁ ପିସିସି ଉପ ସଭାପତି ଦାୟିତ୍ୱ ମିଳିଥିବାରୁ ସମ୍ବର୍ଦ୍ଧିତ କରାଯିବା ସହ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ ରେଯୋଗ ଦେଇଥିବା ଯୁବନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

ଜିଲ୍ଲାସାଧାରଣ ସଂପାଦକ ନିଯୁକ୍ତି ପରେ କୃତଜ୍ଞତା ଜ୍ଞାପନ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ବିଜୁ ଜନତାଦଳର ବରିଷ୍ଠକର୍ମୀଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ କୁମାର ସ୍ୱାଇଁଙ୍କୁ ଦଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରୁ ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ବିଧିବଦ୍ଧ ଭାବେ ନାମ ଘୋଷଣା କରାଯାଇଛି। ନାମ ଘୋଷଣା ହେବା ପରେ ଜିଲ୍ଲା ସାଧାରଣ ସଂପାଦକ ଶ୍ରୀ ସ୍ୱାଇଁ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି. କେ ପାଣ୍ଡିଆନ, ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଜେଡ଼ି ଜିଲ୍ଲା ସଭାପତି ରବିନାରାୟଣ ଜେନାଙ୍କୁ ଶ୍ରୀ ସ୍ୱାଇଁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି। ସମସ୍ତ ସରପଞ୍ଚ ସଭ୍ୟ ଦଳୀୟ କର୍ମକର୍ତ୍ତାମାନେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ସ୍ୱାଇଁଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

ଜାତୀୟ ସଂହତି ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ

ବାଲେଶ୍ୱର, ନ୍ୟୁଜ୍

ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ୱାଟର ପାର୍କ ପରିସରରେ ଆୟୋଜିତ ଜାତୀୟ ସଂହତି ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ସମେତ ଭାରତର ୨୦ଟି ରାଜ୍ୟରୁ ୨୩୬ ଜଣ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ୩୨ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଶିବିରରେ ସାତ ଦିନ ମଧ୍ୟରେ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଆଲୋଚନା ହେବା ସହ ନୃତ୍ୟ, ସଙ୍ଗୀତ, ତର୍କ, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ଚାନ୍ଦିପୁର ସ୍ଥିତ ଡ଼ି.ଆର. ଡି.ଓ, ଇମାମି ଜଗନ୍ନାଥ ମନ୍ଦିର ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୬ଟି ସଂଗ୍ରହାଳୟ ପ୍ରଭୃତି ସ୍ଥାନକୁ ସ୍ୱେଚ୍ଛାସେବୀମାନେ ଭ୍ରମଣରେ ଯାଇ ବାସ୍ତବ ଜ୍ଞାନ ସଂଗ୍ରହ କରିଥିଲେ। ଉକ୍ତ ଶିବିରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏନ୍.ଏସ୍.ଏସ. ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଯୁବ ଅଧିକାରୀ ଅଜିତ କୁମାର ଖୁସ୍ୱୁଆ, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପ୍ରଫେସର ବିଷ୍ଣୁ ପ୍ରସାଦ ଦାସ, ଡି. ଆର. ଡି. ଓ.ର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ନିଳାଦ୍ରୀ ରାୟ, ଡ଼ଃ ସ୍ମୃତିରଞ୍ଜନ ଦାସ, ଡ଼ଃ ଜଗବନ୍ଧୁ ମିଶ୍ର, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳା କାନ୍ତ ଓଝାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

ଉଦଯାପନୀ ଉତ୍ସବରେ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍, ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲାର ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଜଗବନ୍ଧୁ ମିଶ୍ର, ପଦ୍ମାବତୀ ୱାଟର ପାର୍କର ପରିଚାଳନା ନିର୍ଦ୍ଦେଶକ ମୌସମ ସିଂହ, କବି ଅଳକାରାଣୀ ସିଂହ ଓ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ଜାତୀୟ ସଂହତି ସୃଷ୍ଟି କରିବା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ମାର୍ଗଦର୍ଶନ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ଼ଃ ପ୍ରତାପ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରିବା ସହିତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀ ମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରତିମା ପ୍ରଧାନ, ଡ଼ଃ ଜଗନ୍ନାଥ ବେହେରା, ଶ୍ରୀହରିଶଙ୍କର ପାଣିଗ୍ରାହୀ, ଡଃ ଅନାମ ଚରଣ ରାଉଳ, ଡ଼ଃ ଲେଖାରାଣୀ ଦାସ, ରସାନନ୍ଦ ବାଗ, ମାନସ କୁମାର ପଣ୍ଡା, ଜେମାମଣି ସାହୁ, ଫାର୍ମାସୀ ଅଫିସର ଅଶ୍ରୁମୋଚନ ବାରିକ, ନିଖିଲ ପାଣିଗ୍ରାହୀ, ଅଫିସ ସହାୟକ ପ୍ରଦୀପ କୁମାର ମୁଦୁଲି, ତାପସ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନିର୍ବାଚନ ପାଇଁ କଂଗ୍ରେସର ୧୦ ଗ୍ୟାରେଣ୍ଟି

ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ଘୋଷଣା ହୋଇଛି। ବିଜେପି ଶାସନରେ ଯାହା ହୋଇନାହିଁ ତାହା କଂଗ୍ରେସ କରି ଦେଖାଇବ ବୋଲି କୁହାଯାଇଛି। ଏନେଇ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଂଗ୍ରେସ ଗ୍ୟାରେଣ୍ଟିକୁ ଉନ୍ମୋଚନ କରିଥିଲେ। ବୋନସ ସହ ଧାନର ବିକ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩ ହଜାର ଟଙ୍କା, କୃଷିଋଣ ଛାଡ଼ ସହ କୃଷକମାନଙ୍କ ପାଇଁ ମାସିକ ୨ ହଜାର ପେନସନ, ପ୍ରତ୍ୟେକ ଘରୋଇ ଉପଭୋକ୍ତାମାନଙ୍କ ପାଇଁ ୨୦୦ ୟୁନିଟ୍ ବିଦ୍ୟୁତ ଦେୟ ଛାଡ଼, ମାସିକ ୩ ହଜାର ଟଙ୍କାର ବେକାରୀ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଋଣ ଛାଡ଼, ପ୍ରତ୍ୟେକ ଘରର ମୁଖ୍ୟ ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ପ୍ରତି ପରିବାରକୁ ମାସିକ ୫ଶହ ଟଙ୍କାରେ ସିଲିଣ୍ଡର, ବାର୍ଦ୍ଧକ୍ୟ ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୨ହଜାର ସହ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଓ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୫ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି, ଚିଟଫଣ୍ଡ ଜମାକାରୀଙ୍କୁ ୬ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଆଦିବାସୀ ଓ ଦଳିତଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସଂପୂର୍ଣ୍ଣ ଅଧିକାର ଏବଂ ଶହେ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବାକୁ ଗ୍ୟାରେଣ୍ଟି କାର୍ଡରେ ପ୍ରତିଶ୍ରୁତି ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ନୂତନ ଭାବେ ନିଯୁକ୍ତ ପିସିସି ସାଧାରଣ ସଂପାଦକ ସନ୍ତୋଷ ନନ୍ଦ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ଦେଓ, ପିସିସି ସଂପାଦକ ସୁଦିପ କର, ଭାସ୍କର ମହାନ୍ତି, ଅଜୟ ସାମଲ, ବିଭୂତି ମହାପାତ୍ର, ଆଦିତ୍ୟ ମହାନ୍ତି, ବଳଭଦ୍ର ଦାସ, ଅକ୍ଷୟ ଜେନା, ବିଳାସ ରାଉତ, ନାରାୟଣ ସାମନ୍ତ, କିଷାନ ପଣ୍ଡା, ଗଦାଧର ଦାସ, ଅଞ୍ଚଳ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ପ୍ରମୋଦ ଦାସ, ମହେଶ୍ୱର ଦାସ, ଅନିଲ ମହାନ୍ତି, ପ୍ରଫୁଲ ରାୟ, ଅମରେଶ ପରିଡ଼ା, ମନୋଜ ଦାସ, ମଧୁସ୍ମିତା ଆଚାର୍ଯ୍ୟ, ବିଦ୍ୟାଧର ମହାନ୍ତି, କନକ ମଲ୍ଲିକ, କନକ ରାଉତ, ରାଇଚରଣ ମହାନ୍ତି, ରାଜୀବ ମହାପାତ୍ର, ଚନ୍ଦ୍ର ଶେଖର ଧଳ, ନିକୁଞ୍ଜ ସାମଲ, ଭରତ ବେହେରା, ଅକ୍ଷୟ ଶତପଥୀ, ହୃଷିକେଶ ଜେନା, ମନୋଜ ଦାସ,ପ୍ରଶାନ୍ତ ସାହୁ ବିଜୟ ମହାପାତ୍ର ପ୍ରମୁଖ ବିଭିନ୍ନ ବ୍ଲକରୁ ନେତୃମଣ୍ଡଳୀମାନେ କଂଗ୍ରେସର ଗ୍ୟାରେଣ୍ଟି ଘୋଷଣା ସମୟରେ ଉପସ୍ଥିତ ଥିଲେ।

ଓଡ଼ିଶାର ୧୮ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି

- ■ସମ୍ବଲପୁରରୁ ଧର୍ମେନ୍ଦ୍ର, ପୁରୀରୁ ସମ୍ବିତ, ଭୁବନେଶ୍ୱରରୁ ଅପରାଜିତା ଓ ବ୍ରହ୍ମପୁରରୁ ଲଢ଼ିବେ ପ୍ରଦୀପ
- ■କେନ୍ଦ୍ର ମନ୍ତ୍ରୀ ଟୁଡୁଙ୍କ ସମେତ ଚାରି ଜଣ ସାଂସଦଙ୍କ ଟିକେଟ କଟିଲା

ନୂଆଦିଲ୍ଲୀ, ୨୪/୦୩

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ରବିବାର ପଞ୍ଚମ ପର୍ଯ୍ୟାୟରେ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ଓଡ଼ିଶାର ୧୮ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଏହି ଘୋଷଣା କରିଛି। କଟକ, କନ୍ଧମାଳ ଓ ଯାଜପୁର ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ।

ବିଜେପି ପକ୍ଷରୁ ଘୋଷଣା କରାଯାଇଥିବା ପ୍ରାର୍ଥୀ ତାଲିକା ଅନୁସାରେ ସମ୍ବଲପୁର ପାଇଁ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପାଇଁ ଅପରାଜିତା ଷଡ଼ଙ୍ଗୀ ଓ ବ୍ରହ୍ମପୁର ପାଇଁ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଛି । ସେହିପରି ବଲାଙ୍ଗୀରରେ ସଂଗୀତା କୁମାରୀ ସିଂହଦେଓ, ସୁନ୍ଦରଗଡ଼ରେ ଜୁଏଲ ଓରାମ, ଢେଙ୍କାନାଳରେ ରୁଦ୍ର ପାଣି, ପୁରୀରେ ସମ୍ବିତ ପାତ୍ର, କେନ୍ଦ୍ରାପଡ଼ାରେ ବୈଜୟନ୍ତ ପଣ୍ଡା, ବାଲେଶ୍ୱରରେ ପ୍ରତାପ ଷଡ଼ଙ୍ଗୀ, ଭଦ୍ରକରେ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରିଛି। ସେହିପରି କଳାହାଣ୍ଡିରେ ମାଳବିକା କେଶରୀ ଦେଓ, ନବରଙ୍ଗପୁରରେ ବଳଭଦ୍ର ମାଝୀ, ଜଗତସିଂହପୁରରେ ବିଭୁ ତରାଇ, ବରଗଡ଼ରେ ପ୍ରଦୀପ ପୁରୋହିତ, କେନ୍ଦୁଝରରେ ଅନନ୍ତ ନାୟକ, ମୟୂରଭଞ୍ଜରେ ନବ ମାଝୀଙ୍କୁ ପ୍ରାର୍ଥୀ କରିଛି।

କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ସୁରେଶ ପୁଜାରୀ, ବସନ୍ତ ପଣ୍ଡା, ନୀତିଶ ଗଙ୍ଗଦେବଙ୍କ ଟିକେଟ କଟା ଯାଇଛି ।

ହୀରାକୁଦରେ ଝାଡ଼ାବାନ୍ତିଜନିତ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି

ସମ୍ବଲପୁର, ନ୍ୟୁଜ ବ୍ୟୁରୋ

ହୀରାକୁଦରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭୦ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। କିଛି ଆକ୍ରାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଝାଡ଼ାବାନ୍ତି କବ୍‌ଜାରେ ହୀରାକୁଦ ସହରର କାଳୁପଡ଼ା, ଗୁରୁସଦ୍ୱାରପଡ଼ା, ଗୌଡ଼ପଡ଼ା, ମାଛପଡ଼ା, ନିୟୁ ମାର୍କେଟ କଲୋନୀ ପ୍ରମୁଖ ପଡ଼ା ରହିଛି। ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଏବଂ ତାଙ୍କ ଟିମ୍ ଗତକାଲି ଠାରୁ ହୀରାକୁଦରେ ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । ହୀରାକୁଦର ଗୌଡ଼ପଡ଼ା, କାଳୋପଡ଼ା, ଗୁରୁଦ୍ୱାରା ପଡ଼ା, ନ୍ୟୁମାର୍କେଟ ଅଂଚଳ ସଂକ୍ରମିତ ହୋଇଛି । ସ୍ୱାସ୍ଥ୍ୟ ବିଭାଗର ମୋବାଇଲ ୟୁନିଟ୍ ଜରିଆରେ ସଂକ୍ରମିତ ଅଂଚଳର ଘରଓ୍ୱାରି ଅନୁଧ୍ୟାନ ସହିତ ଅନ୍ୟ ସଂକ୍ରମିତମାନଙ୍କୁ ଚିହ୍ନଟ, ଜଳ ବିଶୋଧନ ପାଇଁ ବଟିକା ବିତରଣ ଏବଂ ପିଇବା ପାଣିକୁ ବିଶୁଦ୍ଧ କରି ବ୍ୟବହାର କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ହୀରାକୁଦର ୪ଟି ସ୍ଥାନରୁ ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ସକାଶେ ପରୀକ୍ଷାଗାରକୁ ପଠାଯାଇଛି ।

ଅପରପକ୍ଷରେ ରବିବାର ଭୁବନେଶ୍ୱରରୁ ଆରଆରଟିର ଡା. ସୁରଜିତ ଗରାବଡୁ ଓ ସଂକ୍ରମଣ ବିଶେଷଜ୍ଞ ଡା. ସୁନିତା ଜେନାଙ୍କ ଏକ ଦୁଇ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଂଚି ରୋଗୀ ଓ ସେମାନଙ୍କ ପରିଜନମାନଙ୍କ ସହ ସାକ୍ଷାତ କରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାସହ ଏଠାରେ ନିୟୋଜିତ ଚିକିତ୍ସକ ଓ ସ୍ୱାସ୍ଥ୍ୟସେବୀଙ୍କ ସହ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା କରିଛନ୍ତି। ସେମାନେ ଏଡିଏମଓ ଡା. ଅଶୋକ ଦାଶ ଓ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ସଂକ୍ରମିତ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଜଳଯୋଗାଣ ହେଉଥିବା ପାଇପରେ ଫାଟ କିମ୍ବା ଅବିଶୋଧିତ ପାଣି ବ୍ୟବହାର ଯୋଗୁଁ ଝାଡ଼ାବାନ୍ତି ବ୍ୟାପିଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ । କିଛି ବର୍ଷ ପୂର୍ବରୁ ମଧ୍ୟ ହୀରାକୁଦର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିବାରୁ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଉପକୂଳ ଅପେକ୍ଷା...

କିନ୍ତୁ ବାକି ଓଡ଼ିଶାର ଜିଲ୍ଲା ଗୁଡିକରେ ପାଗ ଶୁଖିଲା ରହିବା ସହ ତାତି ଅନୁଭୁତ ହେବ। ୨୭, ୨୮, ୨୯ ଏବଂ ୩୦ ତାରିଖରେ ସାରା ରାଜ୍ୟରେ ଅସମ୍ଭାଳ ତାତି ନେଇ ଆକଳନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ପାଗ ଶୁଖିଲା ରହିଥିଲେ ମଧ୍ୟ ରାଜ୍ୟକୁ ପ୍ରବେଶ କରୁଥିବା ପ୍ରଚୁର ପରିମାଣର ସାମୁଦ୍ରିକ ପବନ ପ୍ରଭାବରେ ତାତି ଯେତିକି ବୃଦ୍ଧି ହେବା କଥା ତାହା ହେଉନାହିଁ।

ଚନ୍ଦ୍ରଯାନ-୩...

ଅଗଷ୍ଟ ୨୩, ୨୦୨୩ରେ ଚନ୍ଦ୍ରଯାନ-୩ ଅଭିଯାନ ଚନ୍ଦ୍ର ପୃଷ୍ଠରେ ସଫଳ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ରଚିଥିଲା। ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ଭାରତ ଏବେ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଅଜ୍ଞାତ ଦକ୍ଷିଣ ମେରୁ ନିକଟରେ ପହଞ୍ଚିଛି। ଗତ ସପ୍ତାହରେ ଚନ୍ଦ୍ରଯାନ-୩ ଅଭିଯାନରେ ସଫଳତା ପାଇଁ ଇସ୍ରୋକୁ ସମ୍ମାନଜନକ ଏଭିଏସନିକ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

କେଜ୍ରିୱାଲଙ୍କ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଜନତା ପାର୍ଟି ଏବଂ ଏନଡିଏ ସରକାର ବିରୋଧରେ ବିରୋଧୀ ଦଳ ଶକ୍ତି ପ୍ରଦର୍ଶନ କରିବେ। ବାସ୍ତବରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଛତ୍ରବାଦୀ ଶାସନ କରୁଛନ୍ତି। ଆଉ ଏହା ବିରୋଧରେ ମାର୍ଚ୍ଚ ୩୧ରେ ସେମାନେ ରାମଲିଲା ମଇଦାନରେ ଏକ ମହାସମାବେଶ ଆୟୋଜନ କରିବାକୁ ଯାଉଛନ୍ତି । ସେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନକୁ ଭଲ ପାଆନ୍ତି ସେମାନେ ଏହି ସବୁ କାମକୁ ଘୃଣା କରନ୍ତି। ଦେଶର ପ୍ରଧାନମନ୍ତ୍ରୀ କେନ୍ଦ୍ରୀୟ ଏଜେନ୍ସିଗୁଡିକର ଅପବ୍ୟବହାର କରୁଛନ୍ତି। ବର୍ତ୍ତମାନ ସମଗ୍ର ବିରୋଧୀଙ୍କୁ ହଟାଇବା ଏବଂ କିଣିବା ପାଇଁ ଉଦ୍ୟମ କରାଯାଉଛି। ଗୋପାଳ ରାୟ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ନକଲି ମାମଲା ରୁଜୁ ହୋଇଛି। ଆପର କର୍ମୀଙ୍କୁ ଅପରାଧୀଙ୍କ ପରି ବ୍ୟବହାର କରାଯାଉଛି । କଂଗ୍ରେସ ଦଳର ଆକାଉଣ୍ଟକୁ ମଧ୍ୟ ସିଲ୍ କରାଯାଇଛି ଏବଂ ଏହି କାରଣରୁ ସେମାନେ ପ୍ରଚାର ବି କରିପାରୁ ନାହାନ୍ତି । ଆଜି ଯେତେବେଳେ ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇପାରୁଛି ସେତେବେଳେ ଏହି ଲୋକମାନେ ସବୁକିଛି କରିପାରିବେ।

ଆତଙ୍କବାଦୀ ସଙ୍ଗଠନରେ...

ପରେ ଜଣାପଡ଼ିଥିଲା କି ଉକ୍ତ ଛାତ୍ର ଜଣକ ନିଖୋଜ ହୋଇଯାଇଥିବା ସହିତ ତାଙ୍କ ଫୋନ ବି ବନ୍ଦ ରହିଛି। ଗିରଫ ହୋଇଥିବା ଛାତ୍ର ଜଣକ ଚତୁର୍ଥ ବର୍ଷର ଛାତ୍ର ଥିବା ବେଳେ ସେ ଦିଲ୍ଲୀର ଓଖଲାରେ ବସବାସ କରେ। ସେ ରହୁଥିବା ହଷ୍ଟେଲରେ ଇସଲାମିକ ହସ୍ତପୁସ୍ତକ ସଦୃଶ ଏକ କଳା ପତାକା ଲଗାଇଥିଲା, ଯାହାକୁ ଜବତ କରି ନିଆଯାଇଛି। ପୁଲିସ ଉକ୍ତ ଛାତ୍ରର ହଷ୍ଟେଲରୁ କିଛି ସାମଗ୍ରୀ ଜବତ କରି ଯାଞ୍ଚ କରୁଛି।

ରାଜ୍ୟରେ ବୁଧବାର...

ବିଭାଗ ଏବଂ ପୁଲିସ ପ୍ରଶାସନ ଜୋରସୋରରେ ଧରପଗଡ଼ ଜାରି ରଖୁଛନ୍ତି। ସପ୍ତାହର ପ୍ରତି ମଙ୍ଗଳବାର ଦିନ ଶୂନ୍ୟ ସହନଶୀଳ ଦିବସ ପାଳନ ପୂର୍ବକ ଯାନବାହନ ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ପରିବହନ ବିଭାଗ ନିର୍ଦ୍ଦେଶ ଜାରି କରିଥିଲା । କିନ୍ତୁ ପରିସ୍ଥିତିରେ ସୁଧାର ଆସିପାରିଲା ନାହିଁ । ଏହାକୁ ନେଇ ବିଭାଗ ତର୍ଜମା ଆରମ୍ଭ କରିଥିଲା। ସପ୍ତାହର କେଉଁଦିନ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି, ତାହା ଅନୁଧ୍ୟାନ କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବୁଧବାର ଦିନ ସର୍ବାଧିକ ଦୁର୍ଘଟଣା ଘଟିଛି। ତେଣୁ ମଙ୍ଗଳବାର ବଦଳରେ ବୁଧବାର ଦିନ ଶୂନ୍ୟ ସହନଶୀଳତା ଦିବସ ପାଳନ ପାଇଁ କୁହାଯାଇଛି। ଏହି ଦିନ ପୁଲିସ ଓ ଆରଟିଓ କର୍ମଚାରୀ ଦ୍ରୁତ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା, ହେଲମେଟ ଓ ସିଟ୍‌ବେଲ୍ଟ ବ୍ୟବହାର ନକରିବା, ଭୁଲ ସାଇଡରେ ଗାଡ଼ି ଚଳାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ବିରୋଧରେ ଯାଞ୍ଚ ଅଭିଯାନ ଆରମ୍ଭ କରିବେ। ଅପରପକ୍ଷେ ରାଜ୍ୟରେ ପ୍ରାୟ ଏକ-ତୃତୀୟାଂଶ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତ ହାର ଅଧିକ ରହୁଥିବା ଜଣାପଡ଼ିଛି। ତେଣୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ବ୍ୟବସ୍ଥା କରିବା ଲାଗି ପରିବହନ ବିଭାଗ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୁଲିସ ରିପୋର୍ଟ ଅନୁସାରେ, ପୂର୍ବବର୍ଷ ତୁଳନାରେ ୨୦୨୩ରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହାର ୪% ବୃଦ୍ଧି ପାଇଛି । ୨୦୨୧ ଓ ୨୦୨୨ରେ ମୃତ୍ୟୁ ହାର ଯଥାକ୍ରମେ ୭.୨% ଏବଂ ୭.୬% ରହିଥିଲା। ୨୦୨୨ରେ ୫୪୬୭ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୨୩ରେ ଏହା ୫୬୯୬କୁ ବୃଦ୍ଧି ପାଇଥିଲା । ୨୦୨୦ ଏବଂ ୨୦୨୧ରେ ଯଥାକ୍ରମେ ୪୭୩୮ ଏବଂ ୫୦୮୧ ଜଣ ପ୍ରାଣ ହରାଇଥିଲେ। ଗତବର୍ଷ କଟକ, ଢେଙ୍କାନାଳ, ଭଦ୍ରକ, ବୌଦ୍ଧ, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, ସମ୍ବଲପୁର ଓ ସୋନପୁରରେ ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିଲା।

ହୋଲି ପାଇଁ ସଜାଗ ...

ରୋଡ ରୋମିଓଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହୋଲି ନାଁରେ କମର୍ସିଆଲ ପାର୍ଟି କରୁଥିଲେ ସମସ୍ତ ତଥ୍ୟ ସ୍ଥାନୀୟ ପୋଲିସକୁ ଦେବାକୁ ପଡ଼ିବ । ପାର୍ଟିରେ ନିଶା କାରବାର ଉପରେ ମଧ୍ୟ କଡ଼ା ନଜର ରହିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ନବୀନ ପଟ୍ଟନାୟକ...

ମୁଖ୍ୟମନ୍ତ୍ରୀ ନବୀନଙ୍କ ମୁହଁରୁ ଏହି ସନ୍ଦେଶ ବାର୍ତ୍ତା ପ୍ରକୃତରେ ଓଡ଼ିଶାର ପ୍ରତ୍ୟେକଟି ଲୋକର ମନ ଓ ହୃଦୟକୁ ଛୁଇଁ ପାରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆହୁରୀ ମଧ୍ୟ ଅନେକ ସମୟରେ ନବୀନ ତାଙ୍କ ମନ୍ତ୍ରୀ ମଣ୍ଡଳର ସହଯୋଗୀ, ଦଳ (ବିଜେଡି)ର କର୍ମକର୍ତ୍ତା, ବିଧାୟକ, ସାଂସଦ ଏପରିକି କର୍ମୀମାନଙ୍କୁ 'ଲୋକଙ୍କ ସେବା କର, ସେବକ ହୁଅ, ସେମାନଙ୍କ ଅଭାବ ଅସୁବିଧା ଓ ସମସ୍ୟା ବୁଝ ଓ ତା'ର ସମାଧାନ ପାଇଁ କାମ କର' ବୋଲି ପରାମର୍ଶ-ନିର୍ଦ୍ଦେଶ ଓ ଆହ୍ୱାନ ଦେଇଛନ୍ତି। ଯାହାକୁ କି ମନ୍ତ୍ରୀ, ବିଧାୟକ, ସାଂସଦ, ନେତା, କର୍ମକର୍ତ୍ତା ଓ କର୍ମୀମାନେ ଅକ୍ଷରେ ଅକ୍ଷରେ ପାଳନ କରିବାରେ ଲାଗି ପଡିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ନବୀନ ଓଡ଼ିଶାବାସୀଙ୍କୁ କେତେ ଭଲ ପାଆନ୍ତି ଓ ସେମାନଙ୍କ ଉନ୍ନତି ପାଇଁ କେତେ ପ୍ରାଥମିକତା ଦେଇଥାଆନ୍ତି। ଭାରତୀୟ ରାଜନୀତିରେ ଏଭଳି କ୍ୱଚିତ୍ ରାଜନେତା ମିଳନ୍ତି ଯେଉଁମାନେ ସାଧାରଣ ଲୋକଙ୍କ କାମ କରିବାରେ ଓ ସେବାରେ ନିଜକୁ ସମର୍ପିତ କରିଥାଆନ୍ତି। ସେହିପରି ଜଣେ ସମର୍ପିତ ମନୋଭାବ ସମ୍ପନ୍ନ ରାଜନେତା ହେଉଛନ୍ତି ନବୀନ, ଯିଏକି ଆରମ୍ଭରୁ ସ୍ୱଚ୍ଛ, ସରଳ ଜୀବନଶୈଳୀକୁ ଆପଣେଇ ନିଜକୁ ପରିଚାଳିତ କରି ଆସୁଛନ୍ତି। ସମାଜର ତଳସ୍ତରରେ ରହୁଥିବା ବିଶେଷ କରି ଗାଁ ଗହଳର ଗରିବ ଲୋକମାନଙ୍କ ପାଇଁ ସବୁ ପ୍ରକାର ମୌଳିକ ସେବା ଓ ସୁବିଧା ଯୋଗାଇଦେବା କ୍ଷେତ୍ରରେ ନବୀନ ସରକାର ଆଗରେ ରହିଛନ୍ତି ବୋଲି ଆକଳନରୁ ଜଣାପଡିଛି। ଏବେ ନିର୍ବାଚନର ସମୟ ଆସିଯାଇଛି। ସାରା ଦେଶକୁ ନିର୍ବାଚନର ବାତାବରଣ ଆଚ୍ଛାଦିତ କରିଦେଲାଣି। ଜାତୀୟ ନେତାଙ୍କ ଠାରୁ ଆରମ୍ଭ କରି ରାଜ୍ୟ ନେତାମାନେ ଏହି ମହାନ ପର୍ବରେ ସାମିଲ ହୋଇ ସେମାନଙ୍କ ରାଜନୈତିକ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଲାଗିପଡିଲେଣି। ଏପରିକି ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପରେ ମାତିଗଲେଣି। ହେଲେ ଏସବୁକୁ ଓଡ଼ିଶାର ଲୋକେ ବିଶେଷ କରି ଭୋଟରମାନେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ କି ଦେଉ ମଧ୍ୟ ନାହାଁନ୍ତି। ଓଡ଼ିଶା ଲୋକେ ଭଲ ଭାବେ ବୁଝିସାରିଛନ୍ତି ଓ ଜାଣିସାରିଛନ୍ତି -କିଏ, କେଉଁ ଦଳ ଓ କେଉଁ ସରକାର ସେମାନଙ୍କପାଇଁ କାମକରିଛନ୍ତି। କ'ଣ କ'ଣ ସବୁ ବିକାଶ କାମ ହେଇଛି, ହେଉଛି ଆଉ ଆଗକୁ ହେବାର ସମ୍ଭାବନା ରହିଛି, ତାହାର ଟିକିନିଖି ଖବର ଲୋକଙ୍କ ପାଖରେ ରହିଛି। ଠିକ୍ ସମୟରେ ଲୋକେ ତାହା ସେମାନଙ୍କର ମତାଧିକାର ସାବ୍ୟସ୍ତ କଲାବେଳେ ଜଣାଇଦେବେ। ଏଥିରେ କୌଣସି ସନ୍ଦେହ ନାହିଁ। ମାତ୍ର ସ୍ୱାଭାବିକ ଢଙ୍ଗରେ, ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପାଇଁ ଭୋଟ ହେଲେ ତା'ର ସୁଫଳ ଲୋକେ ହିଁ ପାଇବେ। ନିର୍ବାଚନର ଗୁରୁତ୍ୱ ଏବେ ସବୁ ଦଳ ଓ ଲୋକଙ୍କ ପାଇଁ ରହିଛି। 'ଯୋ ଜିତା ଓ୍ୱହି ସିକନ୍ଦର' ନ୍ୟାୟରେ ସବୁ ନେତା ଏବେ ନିର୍ବାଚନୀ ବୈତରଣୀ ପାରିହେବାକୁ ଆପ୍ରାଣ ଉଦ୍ୟମ ଆରମ୍ଭ କରିଦେଲେଣି। ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କିନ୍ତୁ ନିର୍ବିକାର ଚିତ୍ତରେ ଅବିଚଳିତ ଭାବେ ଓଡ଼ିଶାବାସୀଙ୍କ ସେବାରେ ଲାଗି ପଡିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଗଭୀର ଆସ୍ଥା ଓ ଭକ୍ତି ସମର୍ପିତ ଭାବନାରେ ବିଶ୍ୱାସୀ ନବୀନ ଯେପରି ନିବରଚ୍ଛିନ୍ନ ଭାବେ ପଞ୍ଚମ ପାଳିର ଶାସନକାଳ ପୂରଣ କରିବାକୁ ଯାଉଛନ୍ତି ଠିକ୍ ସେହିପରି ଷଷ୍ଠପାଳିରେ ମଧ୍ୟ ନବୀନ ଓ ତାଙ୍କ ଦଳ ଓଡ଼ିଶାର ଶାସନଭାର ସମ୍ଭାଳିବେ ସେ କଥା ତାଙ୍କର ଅଗାଧ ବିଶ୍ୱାସ ରହିଛି। ଏପର୍ଯ୍ୟନ୍ତ ହୋଇସାରିଥିବା ଜାତୀୟ ସ୍ତରର ସମସ୍ତ ସର୍ଭେ ରିପୋର୍ଟ କହୁଛି- ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ଦେଶର ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଏବଂ ଲୋକାଭିମୁଖୀ -ଦକ୍ଷ ପ୍ରଶାସକ। ନବୀନଙ୍କ ନିର୍ମଳ ଭାବମୂର୍ତ୍ତି, ଦୃଢ ନେତୃତ୍ୱ ଓ ସ୍ୱଚ୍ଛ ଶାସନ ପାଇଁ ସେ କେବଳ ଭାରତ ବର୍ଷରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ ହୋଇପାରିଛନ୍ତି। ଏହାଛଡା ଓଡ଼ିଶାରେ ଏପର୍ଯ୍ୟନ୍ତ ନବୀନଙ୍କର ସମକକ୍ଷ ହେଲାଭଳି କୌଣସି ଜଣେ ହେଲେ ବିକଳ୍ପ ନେତା ବାହାରି ପାରି ନାହାଁନ୍ତି। ଏହା ହିଁ ନବୀନଙ୍କର ଏକମାତ୍ର ମେରିଟ୍, ପ୍ଲସ ପଏଣ୍ଟ, ଦକ୍ଷତା ଓ ଯୋଗ୍ୟତା ବୋଲି ବିବେଚନା କରାଯାଉଛି। କୌଣସି ରାଜନୈତିକ ସଂଘର୍ଷ ଭିତରୁ ଆସିନଥିବା ନବୀନ ସିଧାସଳଖ ରାଜନୀତିରେ ପ୍ରବେଶ କଲାପରଠୁ ଏଯାବତ୍ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳ ମଧ୍ୟରେ ଯେଉଁ ସବୁ ଗରିବ କଲ୍ୟାଣକାରୀ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହା ହିଁ ତାଙ୍କର ସଫଳତା ଓ ଲୋକପ୍ରିୟତାର ପ୍ରମାଣ ଦେଉଛି। ଏହି ସବୁ କାରଣରୁ ଓଡ଼ିଶାରେ ପୁଣି ଥରେ ନବୀନ ଏବଂ ତାଙ୍କ ଦଳ ବିଜେଡି ପୁନର୍ବାର ବାଜିମାତ୍ କରିବା ସହ ରାଜ୍ୟରେ ସରକାର ଗଢ଼ିବା କ୍ରମଶଃ ସ୍ପଷ୍ଟ ହୋଇ ଆସୁଛି। ନବୀନଙ୍କ 'କଥା କମ୍ କାମ ବେଶୀ' ନୀତିକୁ ଲୋକେ କେବଳ ଗ୍ରହଣ କରିନାହାଁନ୍ତି ପସନ୍ଦ ମଧ୍ୟ କରିଛନ୍ତି। ଅନ୍ୟ ରାଜନୈତିକ ଦଳର ବଡ଼ ବଡ଼ ନେତାମାନେ ମଧ୍ୟ ନବୀନଙ୍କର ଏହି ବିଶେଷ ଗୁଣକୁ ସ୍ୱୀକାର କରିବାକୁ ପଛାଉ ନାହାଁନ୍ତି। ଏହାହିଁ ଏବେ ରାଜନୈତିକ ମହଲରେ ବହୁଳ ଭାବେ ପ୍ରଚାରିତ ବା ଭାଇରାଲ ହେବାରେ ଲାଗିଥିବା ଜଣାପଡିଛି।

ନିର୍ବାଚନ ପ୍ରସ୍ତୁତି: ବିଜୁ ଛାତ୍ର ଜନତା ଦଳକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନିର୍ବାଚନ ତାରିଖ ଘୋଷଣା ପରେ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଜୋରସୋରରେ ଚଳାଇଛନ୍ତି । ଏହି କ୍ରମରେ ରାଜ୍ୟରେ ବିଜେଡି ଦୁଇ ବିରୋଧୀ ଦଳ ବିଜେପି ଓ କଂଗ୍ରେସଠାରୁ ଢେର ଆଗରେ ରହିଛି। ବିଜେଡି ସୁପ୍ରିମୋ ତଥା ନବୀନ ପଟ୍ଟନାୟକ ନବୀନ ନିବାସରେ ସଂସଦୀୟ କ୍ଷେତ୍ରର ସମୀକ୍ଷା କରୁଛନ୍ତି। ଏପଟେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକ ହୋଇଯାଇଛି । ଏହି ବୈଠକରେ ବିଜୁ ଛାତ୍ର ଜନତା ଦଳକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାମ କରିବାକୁ ପ୍ରଣବ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଯୋଜନା ଗୁଡିକୁ ତୃଣମୂଳ ସ୍ତରରେ ପକାଇବାକୁ ବୈଠରେ ଆହ୍ୱାନ ଦିଆଯାଇଛି । ଏହାସହ ସ୍କୁଲ, କଲେଜ ରୂପାନ୍ତରଣ ରାଜ୍ୟର ଯୁବବର୍ଗଙ୍କ ପାଖରେ ପହଞ୍ଚାଇବାକୁ ପ୍ରଣବ କହିଛନ୍ତି। ପୁଞ୍ଜି ନିବେଶ ଯୋଗୁଁ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିଛି। ଏହି ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ତୃଣମୂଳ ସ୍ତରରେ କାମ କରିବାକୁ ପଡ଼ିବ । ସେହିପରି ଚଳିତ ନିର୍ବାଚନରେ ପ୍ରଥମ ଥର ଭୋଟ ଦେବାକୁ ଥିବା ସାଢେ ୭ ଲକ୍ଷ ଭୋଟରଙ୍କୁ ନବୀନ ପଟ୍ଟନାୟକଙ୍କ ପ୍ରତି ଅନୁପ୍ରାଣିତ କରିବାକୁ ହେଲେ ଛାତ୍ର ବିଜେଡିକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡିବ । ଆଉ ଏଥିପାଇଁ ବିଜେଡି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ସୋସିଆଲ ମିଡ଼ିଆକୁ ମଧ୍ୟ ବ୍ୟବହାର କରାଯିବା ସହ ୨୦୩୬ ସୁଦ୍ଧା ସଶକ୍ତ, ସମୃଦ୍ଧ ଓ ନବୀନ ଓଡ଼ିଶା ପାଇଁ ଭିତ୍ତି ପକାଯିବ। ଏଥିପାଇଁ ଯୁବଶକ୍ତିଙ୍କୁ ସଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ବୈଠକରେ କୁହାଯାଇଛି ।

ହୀରାକୁଦରେ ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର , ନ୍ୟୁଜ ବ୍ୟୁରୋ

ସମ୍ବଲପୁର ଜିଲ୍ଲାର ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣକୁ ରୋକିବା ପାଇଁ ରବିବାର ପ୍ରଭାବିତ ଅଞ୍ଚଳରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ବିଷୟରେ ଗଭୀର ଚିନ୍ତାପ୍ରକଟ କରିବା ସହ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ହୀରାକୁଦ ଅଞ୍ଚଳରେ ଡାଇରିଆ ସଂକ୍ରମଣ ବୃଦ୍ଧି ପାଇବା କାରଣରୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଇଛି । ଡାଇରିଆକୁ ନିୟନ୍ତ୍ରଣ କରିବା ସହ ତୁରନ୍ତ ପ୍ରତିଷେଧକମୂଳକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡିଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ଏହି ରୋଗରେ ଶତାଧିକ ଲୋକମାନେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ପାନୀୟ ଜଳ ସଂକ୍ରମଣ ହୋଇଥିବା କାରଣରୁ ଏହି ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଥିବା ବେଳେ ନିମ୍ନମାନର ପାଣି ପାଇପ୍ ଫାଟି ଏହି ରୋଗ ବ୍ୟାପୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି । ଏହି ଘଟଣା ଜନସାଧାରଣ ବିଶେଷ ଭାବରେ ଶିଶୁ ଓ ବୟସ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ବଡ ବିପଦ ଦେଖାଯାଇଛି ।

ତେଣୁ ଜନସାଧାରଣଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟବସ୍ଥା ସମୟରେ ଡାଇରିଆ ଆକ୍ରାନ୍ତଙ୍କୁ ଅବିଳମ୍ବେ ଆବଶ୍ୟକ ମେଡିକାଲ ସହାୟତା ଯୋଗାଇଦେବା ପାଇଁ ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ । ଡାଇରିଆର ମୂଳ କାରଣକୁ ଚିହ୍ନଟ କରିବା ସହ ସଂକ୍ରମିତ ଅଞ୍ଚଳରେ ଡାଇରିଆ ନିରାକରଣ ପାଇଁ 'ବ୍ୟାପକ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ' ଆରମ୍ଭ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀ ପ୍ରଧାନ ଶ୍ରୀ ମାଣ୍ଡଭୀୟଙ୍କୁ ପରାମର୍ଶ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଶନିବାର ଶ୍ରୀ ପ୍ରଧାନ ଆକ୍ରାନ୍ତଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ସମ୍ବଲପୁର ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସହ କଥା ହୋଇଥିଲେ ।

ଶ୍ରୀମନ୍ଦିର ନୀଳଚକ୍ର ବାନା ନାମରେ ଠକେଇ ଅଭିଯୋଗ



ପୁରୀ, ନ୍ୟୁଜ ବ୍ୟୁରୋ

ଜଣେ ବ୍ୟକ୍ତି ଅନ୍ ଲାଇନ୍ ମାଧ୍ୟମରେ ଶ୍ରୀମନ୍ଦିର ନୀଳଚକ୍ର ବାନା ମଗାଇଥିଲେ କିନ୍ତୁ, ଶ୍ରୀମନ୍ଦିର ବାନା ବଦଳରେ ତାଙ୍କ ପାଖରେ ପହଞ୍ଚିଛି ରାଜନୈତିକ ଦଳ ବିଜେପିର ପତକା । ଆମାଜନ୍ କମ୍ପାନୀ ମାଧ୍ୟମରେ ଏହି ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଠକେଇର ଶିକାର ହୋଇଛନ୍ତି ପୁରୀ ବାସେଳି ସାହିର ଭଗବାନ ମହାପାତ୍ର ।

କିଛି ଦିନ ତଳେ ଆମାଜନ୍ କମ୍ପାନୀ ମାଧ୍ୟମରେ ଶ୍ରୀମନ୍ଦିର ବାନା ବିକ୍ରୀ କରାଯାଉଥିବା ନେଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଭାଇରାଲ୍ ହୋଇଥିଲା । ଏହା ଜାଣିବା ପରେ ଶ୍ରୀ ମହାପାତ୍ର ଗତ ୧୫ ତାରିଖରେ ଶ୍ରୀମନ୍ଦିର ନୀଳଚକ୍ର ବାନା ଅର୍ଡର କରିଥିଲେ । ବିକ୍ରୀ ହେଉଥିବା ଏହି ବାନାର ମୂଲ୍ୟ ୯୯୯ ଟଙ୍କା ବୋଲି ଉଲ୍ଲେଖ ରହିଥିଲା । ତେବେ ୧ ପ୍ରତିଶତ ରିହାତି ହିସାବରେ ସେ ୯୮୯ ଟଙ୍କା ଦେଇ ଅର୍ଡର କରିଥିଲେ । ୧୯ ତାରିଖ ଦିନ ଏହି ଅର୍ଡ଼ର ତାଙ୍କ ନିକଟରେ ଆସି ପହଞ୍ଚିଥିଲା । ହେଲେ ଏଥିରେ ବିଜେପିର ପତାକା ଥିବା ସେ ଦେଖିବାକୁ ପାଇଥିଲେ । ରବିବାର ଶ୍ରୀ ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆଇନଜୀବୀ ଓ ଚୁନରା ସେବକଙ୍କ ସମ୍ମୁଖରେ ଆମାଜନ୍‌ରୁ ଆସିଥିବା ଏହି ପ୍ୟାକେଟ୍‌କୁ ଦେଖାଇବା ପରେ ସମସ୍ତେ ଚକିତ ହୋଇପଡିଥିଲେ । ତେବେ ଶ୍ରୀମନ୍ଦିର ବାନା ନାମରେ ଏଭଳି ବାନା ବିକ୍ରୀ ବେଆଇନ ବୋଲି ଚୁନରା ସେବକଙ୍କ ପକ୍ଷରୁ କୁହାଯାଇଛି । ଏହି ଠକେଇ ବିରୋଧରେ ଶ୍ରୀ ମହାପାତ୍ର ଖାଉଟି ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ମାଧ୍ୟମରେ ଯକ୍ଷ୍ମାକୁ ରୋକାଯାଇପାରିବ ।

ବିଶ୍ୱ ଯକ୍ଷ୍ମା ଦିବସରେ, ଆସନ୍ତୁ ଏହି ରୋଗକୁ ସଂପୂର୍ଣ୍ଣ ରୂପେ ଦୂର କରିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ ଏବଂ ଯକ୍ଷ୍ମା ମୁକ୍ତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ।

ବାଲିଗୁଡାରେ କାନ୍ଦୁଲ ଯାତ୍ରା ପର୍ବ ଅନୁଷ୍ଠିତ

ବାଲିଗୁଡା, ନ୍ୟୁଜ ବ୍ୟୁରୋ

ବାଲିଗୁଡାରେ କାନ୍ଦୁଲ ଯାତ୍ରା ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ମା' ପାଟଖଣ୍ଡା ଦୁର୍ଗା ପୁଜା ସମିତି ତରଫରୁ ପାଳନ କରିବାକୁ ପସ୍ତୁତି କରାଯାଇଛି। ମା'ପାଟଖଣ୍ଡା କାନ୍ଦୁଲ ଯାତ୍ରା ଭେଟଘାଟର ଆୟୋଜନ କରାଯାଇଛି । ମନ୍ଦିରରେ ମା'ଙ୍କ ପାଖରେ ଭୋଗ ଲାଗିବା ସହ କାନ୍ଦୁଲ ଭଜା ଓ ଝଟା ଭଜାକୁ ରିତିନିତିପ୍ରକାରେ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ସମିତି ତରଫରୁ ଦୁଇ ରାଜ୍ୟକୁ ମିଳନ ବା ଭେଟଘାଟ କରାଇବା କାର୍ଯ୍ୟକ୍ରମ ରହିଛି ଓ ଅଞ୍ଚଳର ବୟସ୍କ ଓ ସମ୍ମାନସ୍ପଦ ବ୍ୟକ୍ତି ବିଶେଷ ଓ ପୁରାତନ କମିଟି କର୍ମକର୍ତ୍ତାଙ୍କୁ ସମ୍ମାନୀତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶେଷରେ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ରଖାଯାଇଛି । ସମିତିର ସଭାପତି ଲଳିତ ପାତ୍ର, ଉପସଭାପତି ଭିମସେନ ବିଷ୍ଣାଣୀ, ସମ୍ପାଦକ ଶିବରାମ ପ୍ରଧାନୀ, ଯୁଗ୍ମସମ୍ପାଦକ ନେତାଜୀ ଖଣ୍ଡଗିରି, ଅର୍ଜୁନ ନାୟକ, କୋଷାଦକ୍ଷ ଅଶୋକସାହୁ, ଓ ସମସ୍ତ ସଦସ୍ୟ ଏଥିରେ ନିୟୋଜିତ ରହିଛନ୍ତି ।

୩୩ ପେଟି ଆସ୍କା-୪୦ ମଦ ଜବତ : ଜଣେ ଗିରଫ

ବାରଙ୍ଗ, ନ୍ୟୁଜ ବ୍ୟୁରୋ

ବେଆଇନ୍ ଭାବେ ନିଜ ଘର ବାରଣ୍ଡାରେ ଆସ୍କା-୪୦ ମଦ ବିକ୍ରି କରୁଥିବା ବେଳେ ବାରଙ୍ଗ ପୋଲିସ ଚଡ଼ଉ କରି ୩୩ ପେଟି ଆସ୍କା-୪୦ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ପ୍ରମୋଦ ବେହେରା (୪୨)। ସୂଚନା ମୁତାବକ ଶନିବାର ସନ୍ଧ୍ୟା ସମୟରେ ବାରଙ୍ଗ ଥାନା ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅରିଲୋ ଗ୍ରାମର ପ୍ରମୋଦ କୁମାର ବେହେରା ନାମକ ଜଣେ ବ୍ୟକ୍ତି ତା'ଘର ବରଣ୍ଡାରେ ବେଆଇନ ଭାବେ ଆସ୍କା-୪୦ ମଦ ବିକ୍ରି କରୁଛି। ଖବର ପାଇ ଏଏସଆଇ ଆଦିତ୍ୟ ରଞ୍ଜନ ଦାଶ ଉକ୍ତ ସ୍ଥାନକୁ ଯାଇ ପ୍ରମୋଦ ବେହେରାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ତେବେ ବେପାରୀ ଜଣକ କୌଣସି ବୈଧ ଲାଇସେନ୍ସ ଦେଖାଇ ପାରିନଥିଲେ। ପରେ ତାଙ୍କ ଘରେ ଚଡ଼ଉ କରି ତାଙ୍କ ଘରୁ ୩୩ଟି ପେଟିରେ ଥିବା ପ୍ରାୟ ୧୬୫ ଲିଟର ଆସ୍କା-୪୦ ମଦ ଜବତ କରିଥିଲେ। ଏ ସଂକ୍ରାନ୍ତରେ ବାରଙ୍ଗ ପୋଲିସ କେସ ନଂ ୧୩୫/ ୨୪ରେ ତାଙ୍କୁ ଗିରଫ କରି ରବିବାର ଦିନ ଅଦାଲତ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

ଘରୋଇ ହସ୍ପିଟାଲର ପଞ୍ଜିକରଣ ପ୍ରକ୍ରିୟା ସରଳ କରିବାକୁ ଦାବି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଘରୋଇ ହସ୍ପିଟାଲକୁ ରାଜ୍ୟ ସରକାରଙ୍କର ନାହିଁ ପ୍ରୋତ୍ସାହନ। ଆଜି ମଧ୍ୟ ବାକି ପଡ଼ିଛି ବିଏସକେଓ୍ୱାଇ ଅର୍ଥ । ଏଭଳି ଅଭିଯୋଗ ଆଣିଛି ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ । ରବିବାର ଅଲ୍ ଓଡିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ବିଭିନ୍ନ ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି । ଘରୋଇ ମେଡ଼ିକାଲଗୁଡ଼ିକର ପଞ୍ଜିକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ଦାବି ହୋଇଛି । ୧୯୯୨ ମସିହାର ଓଡ଼ିଶାରେ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନ ଆସିବା ପରଠାରୁ ଘରୋଇ ହସ୍ପିଟାଲଗୁଡିକ ସରକାରଙ୍କର ବିଭିନ୍ନ ପରିବର୍ତ୍ତନ ନୀତି ଫଳରେ ପଞ୍ଜୀକରଣ ପାଇଁ ପ୍ରତିବର୍ଷ ଅଧିକରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତାହାର କାରଣ ହେଉଛି ସରକାରଙ୍କର ଦୂରଦୃଷ୍ଟିର ଅଭାବ ବୋଲି କହିଛି ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିଶମେଣ୍ଟ ଫୋରମ । ସେହିପରି ସଂଘ କହିଛି ଯେ, ସରକାରୀ ଡାକ୍ତରଖାନାଗୁଡିକୁ ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଶୃଙ୍ଖଳିତ ଅଗ୍ନି ନିରାପତ୍ତା ନିୟମ ଏବଂ ପ୍ରଦୂଷଣ ନିୟମ ଅନୁସାରେ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଭାବରେ ପଞ୍ଜିକରଣ କରୁନାହାନ୍ତି । ପ୍ରଦୂଷଣ କିମ୍ବା ଅଗ୍ନି ନିରାପତ୍ତା ନିୟମ ଆସିଲେ ବେସରକାରୀ ଡାକ୍ତରଖାନାଗୁଡିକକୁ ଯୋଗ୍ୟ ହେବାକୁ ଅନେକ ବର୍ଷ ଲାଗୁଛି । ଏହାରି ଭିତରେ ବେସରକାରୀ ଡାକ୍ତରଖାନାରେ ଜୁଲମ୍ ସହିବାକୁ ପଡୁଛି । ଯଦି ଏହି ନିୟମରେ ସରଳୀକରଣ ଆସିପାରନ୍ତା, ତାହାଲେ ଘରୋଇ ଡାକ୍ତରଖାନାଗୁଡ଼ିକର



ପଞ୍ଜିକରଣରେ ଅନେକ ସୁବିଧାରେ ହୋଇପାରନ୍ତା । ସେପଟେ ଲୋକାଭିମୁଖୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ସରକାର ନିଜ ସରକାରୀ ଡାକ୍ତରଖାନା ଭିତରେ ସୀମିତ ରଖିପାରିବାର ଶକ୍ତି ରହିଛି । ତେବେ ପୁଣି ବେସରକାରୀ ଡାକ୍ତରଖାନାଗୁଡିକ ସହିତ ଏମଓୟୁ କାହିଁକି ବୋଲି ପ୍ରଶ୍ନ କରିଛି ସଂଘ । ଯଦି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବେସରକାରୀ ଡାକ୍ତରଖାନାଗୁଡିକ ରଖାଯାଇଛି, ତାହାଲେ କାହିଁକି 'ରେଫରାଲ' ବୋଲି ଗୋଟିଏ ଅସୁବିଧାଜନକ ସର୍ତ୍ତ ରଖାଯାଇଛି ବୋଲି ପ୍ରଶ୍ନ କରିଛି ସଂଘ । ସରକାରୀ ଡାକ୍ତରଖାନାର ସିଡିଏମଓ ରେଫର୍ କଲେ ଜଟିଳ ରୋଗୀର ଚିକିତ୍ସା ବେସରକାରୀ ଡାକ୍ତରଖାନାରେ କରାଯିବ । ବରଂ ସରକାର ସେହି ରେଫରାଲ୍ ସିଷ୍ଟମ୍ ଉଠାଇ ନିଜେ ସରକାରୀ ଡାକ୍ତରଖାନାରେ ଜରୁରୀ ଚିକିତ୍ସା କରାଇ ପାରିବେ ବୋଲି କହିଛି ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିଶମେଣ୍ଟ ଫୋରମ । ସେପଟେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବେସରକାରୀ ଡାକ୍ତରଖାନାଗୁଡିକ ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ଆଜି ପର୍ଯ୍ୟନ୍ତ ମିଳିପାରି ନଥିବା ଅଭିଯୋଗ କରିଛି ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୫ ମାର୍ଚ୍ଚ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଶ୍ରୀମନ୍ଦିରରେ ମେଣ୍ଢା ପୋଡ଼ି ନୀତି ସମ୍ପନ୍ନ

ପୁରୀ, ୨୪/୦୩ ନ୍ୟୁଜ ବ୍ୟୁରୋ



ଶ୍ରୀମନ୍ଦିରର ଓ ଶ୍ରୀଜଗନ୍ନାଥଙ୍କ ରୀତିନୀତି ମଧ୍ୟରୁ ମେଣ୍ଢା ପୋଡ଼ି ନୀତି ଅନ୍ୟତମ। ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ନୀତି ଅନୁଷ୍ଠିତ ହୁଏ । ଦୋଳବେଦୀ ପରିସରରେ ରବିବାର ସଂଧ୍ୟା ସମୟରେ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି । ଏଥି ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଛି । ସଂଧ୍ୟା ବେଳେ ଦୋଳବେଦୀ ପରିସରରେ ଏହି ସ୍ୱତନ୍ତ୍ର ନୀତି ଦେଖିବାକୁ ଜମିଥିଲା ହଜାର ହଜାର ଭକ୍ତଙ୍କ ଭିଡ । ତେବେ ଏହି ସ୍ୱତନ୍ତ୍ର ନୀତି ପଛରେ ରହିଛି ଏକ ପୌରାଣିକ ଉପାଖ୍ୟାନ । ପ୍ରଭୁ ବିଷ୍ଣୁଙ୍କ ମହାନ ଭକ୍ତ ହେଉଛନ୍ତି ପ୍ରହଲ୍ଲାଦ । ପ୍ରହଲ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶ୍ୟପ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ହେଲେ ପ୍ରହଲ୍ଲାଦ ପ୍ରଭୁ ବିଷ୍ଣୁଙ୍କ ପରମ ଭକ୍ତ ହୋଇଥିବାରୁ ଏହି ଉଦ୍ୟମ ସଫଳ ହୋଇନଥିଲା । ହିରଣ୍ୟର ଭଉଣୀ ହୋଲିକା ବରପ୍ରାପ୍ତ ହୋଇଥିଲା କି ଅଗ୍ନି ତାକୁ ଜଳାଇପାରିବ ନାହିଁ । ତେଣୁ ହୋଲିକା ଭାଇ ହିରଣ୍ୟକଶ୍ୟପଙ୍କ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପ୍ରହଲ୍ଲାଦଙ୍କୁ କୋଳରେ ଧରି ଅଗ୍ନିରେ ପ୍ରବେଶ କରିଥିଲେ । କିନ୍ତୁ ଫଳ ଓଲଟା ହେଲା । ହୋଲିକା ଅଗ୍ନିରେ ଦଗ୍ଧ ହୋଇଯାଇଥିବା ବେଳେ ପ୍ରହଲ୍ଲାଦ ଅଗ୍ନିଙ୍କ ଜ୍ୱାଳା ଉପରେ ବିଜୟ ଲାଭ କରିଥିଲେ। ମେଷ ତଥା ମେଣ୍ଢା ହେଲା ଅଗ୍ନିଙ୍କ ବାହାନ । ଅଗ୍ନିଙ୍କ ଏହି ଭକ୍ତବତ୍ସଳତାକୁ ପ୍ରତିପାଦନ କରିବା ପାଇଁ ଶ୍ରୀମନ୍ଦିରରେ ମେଣ୍ଢାପୋଡ଼ି ନୀତି ହୋଇଥାଏ । ତେବେ ରବିବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦଙ୍କୁ ଚାଚେରୀ ବେଶ କରାଯାଇଥିଲା। ସେବକମାନେ ଠାକୁରଙ୍କୁ ଲକ୍ଷ୍ମୀମନ୍ଦିରରେ ଥିବା ଖଟିଆ ଉପରେ ବିରାଜମାନ କରାଇବା ପରେ ସେଠାରେ ଝିମିରିଫଗୁ ଖେଳ ହୋଇଥିବା ବେଳେ ଶୀତଳଭୋଗ ଓ ବନ୍ଦାପନା ସରିବା ପରେ ବିମାନରେ ବିଜେ କରାଇ ଦୋଳବେଦୀ କୋଣକୁ ଶୋଭାଯାତ୍ରାରେ ନିଆଯାଇଥିଲା । ସନ୍ଧ୍ୟା ବେଳେ ଠାକୁର ପହଞ୍ଚିବା ପରେ ବିଭିନ୍ନ ନୀତି ଅନୁଷ୍ଠିତ ହେଇଥିଲା । ଦୋଳମଣ୍ଡପର ପୂର୍ବ ଦିଗରେ କୁଟା, କାଠି ଓ ଘସିରେ ଗୋଟିଏ କୁଡିଆ ପ୍ରସ୍ତୁତ ହୋଇଥିଲା। ଏହାକୁ ମେଣ୍ଢାକୁଡ଼ିଆ କୁହାଯାଏ । ଏହାର ପୂର୍ବ ଓ ପଶ୍ଚିମକୁ ଦୁଇଟି ଦ୍ୱାର ଥାଏ । ଏହାପରେ କୁଡିଆର ପଶ୍ଚିମ ଦ୍ୱାର ଠାରେ ଯଜ୍ଞ ସମ୍ପନ୍ନ ହୋଇଥିଲା। ଏହାପରେ ପୂଜାପଣ୍ଡା ବିଜେ ପ୍ରତିମାଙ୍କୁ ବନ୍ଦାପନା କରିବା ପରେ ମେଷ କୁଟୀରରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ଚଳନ୍ତି ପ୍ରତିମା ମେଷ ଗୃହର ଚତୁଃପାର୍ଶ୍ୱରେ ସାତ ଥର ପ୍ରଦକ୍ଷଣ କରିବା ପରେ ଦେଉଳକୁ ବାହୁଡା ବିଜେ କରିଥିଲେ। ପରେ ସଂଧ୍ୟା ଆଳତୀ, ସଂଧ୍ୟା ଧୂପ, ମଇଲମ ଓ ଚନ୍ଦନଲାଗି, ବଡ଼ସିଂହାର ବେଶ ସହ ଭୋଗ ହୋଇ ରାତ୍ର ପହୁଡ଼ ହୋଇଥିଲା। ସେହିପରି ସୋମବାର ହେଉଛି ପବିତ୍ର ଦୋଳ ପୂର୍ଣ୍ଣିମା । ସୋମବାର ଦୋଳପୂର୍ଣ୍ଣିମା ଉତ୍ସବ ଥିବାବେଳେ ଦୋଳବେଦୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ବିଜେ କରି ଫଗୁ ଖେଳିବେ । ପ୍ରତିବର୍ଷ ଦୋଳ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ ସୁନାବେଶରେ ଭୂଷିତ ହୋଇଥାନ୍ତି । ଭକ୍ତମାନେ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରୀମନ୍ଦିରରେ ଭିଡ଼ ଲଗାଇଥାନ୍ତି ।

ଲାଞ୍ଚ ମାମଲାରେ ଅବସରପ୍ରାପ୍ତ ଆରଆଇଙ୍କୁ ୪ବର୍ଷ ଜେଲ୍

ଭୁବନେଶ୍ୱର, ୨୪/୦୩ ନ୍ୟୁଜ ବ୍ୟୁରୋ

ଲାଞ୍ଚ ମାମଲାରେ ପୂର୍ବତନ ଆରଆଇ(ରାଜସ୍ୱ ନିରୀକ୍ଷକ)ଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ହୋଇଛି। କେନ୍ଦୁଝର ଜିଲ୍ଲା ସଦର ତହସିଲ ରାଇସୁଆନ୍ ସର୍କଲର ଆରଆଇ ବାଞ୍ଛାନିଧି ଶତପଥୀଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ସଜା ଭୋଗିବାକୁ କୁହାଯାଇଛି। ତାଙ୍କ ବିରୋଧରେ ହୋଇଥିବା ସାକ୍ଷୀ ଏବଂ ପ୍ରମାଣ ଆଧାରରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ରାୟ ଆସିବା ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କର ପେନ୍‌ସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ କମ୍ପିଟାଣ୍ଟ ଅଥରଟିକୁ ଚିଠି ଲେଖାଯାଇଛି। ସୂଚନା ଅନୁସାରେ ଅଭିଯୋଗକାରୀ ଜମି ବଣ୍ଟନ ପାଇଁ ଆବେଦନ କରିଥିଲେ। ଶୀଘ୍ର କରିବା ଏବଂ ପ୍ରକ୍ରିୟା ପାଇଁ ଲାଞ୍ଚ ମାଗିଥିଲେ ବାଞ୍ଛାନିଧି। ଲାଞ୍ଚ ଟଙ୍କା ନଦେଲେ ହେବ ନାହିଁ ବୋଲି ରୋକ୍‌ଠୋକ କହିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବତନ ଆରଆଇ ବାଞ୍ଛାନିଧି ଅଫିସ୍ ଭିତରେ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଯାଇଥିଲେ। ତାଙ୍କୁ ଯାଞ୍ଚ କରିବା ପରେ ତାଙ୍କ ପକେଟ୍‌ରୁ ଲାଞ୍ଚ ଟଙ୍କା ମିଳିବା ସହ ତାଙ୍କ ହାତକୁ ପାଣିରେ ଧୋଇଥିଲେ। ତାଙ୍କ ହାତ ଧୁଆଯିବା ପରେ କେମିକାଲ ଯୁକ୍ତ ଟଙ୍କା ମିଳିଥିଲା। ପରେ ତାଙ୍କ ନାମରେ ଲାଞ୍ଚ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ତଦନ୍ତ ଅଧିକାରୀ ପ୍ରମାଣ ଏବଂ ସାକ୍ଷୀ ଦେବାପରେ ତାଙ୍କୁ ସଜା ହୋଇଛି।

ଢେଙ୍କାନାଳର ନୂତନ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ, ୨୪/୦୩ ନ୍ୟୁଜ ବ୍ୟୁରୋ

ଜିଲ୍ଲାର ନୂଆ ଜିଲ୍ଲାପାଳ ଭାବେ ଯୋଗ ଦେଲେ ଅମ୍ରିତ ରତୁରାଜ । ସେ ଢେଙ୍କାନାଳ ଜିଲ୍ଲାପାଳ ଭାବରେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅମ୍ରିତ ରତୁରାଜ ୨୦୧୫ ବ୍ୟାଚ ଆଇଏଏସ୍ ଅଧିକାରୀ ଅଟନ୍ତି। ପୂର୍ବରୁ ସେ ରାୟଗଡା ଉପଜିଲ୍ଲାପାଳ, ପିଡି ଡିଆରଡିଏ, କେନ୍ଦ୍ରାପଡା ଜିଲ୍ଲାପାଳ, ରାଜ୍ୟ ଶ୍ରମ କମିଶନର ଭାବେ କାର୍ଯ୍ୟ କରିସାରିଛନ୍ତି।

ଶତାଧିକ ସମର୍ଥକଙ୍କ ସହ ବିଜେଡ଼ିରେ ଯୋଗଦେଲେ ଇରାନୀ ରାୟ

ଭୁବନେଶ୍ୱର, ୨୪/୦୩
ନ୍ୟୁଜ ବ୍ୟୁରୋ

ବିଜେପି ନେତ୍ରୀ ଇରାନୀ ରାୟ ବିଜେଡ଼ିରେ ଯୋଗ ଦେଇଛନ୍ତି । ଶତାଧିକ ସମର୍ଥକଙ୍କ ସହିତ ଇରାନୀ ରାୟ ଶଙ୍ଖ ଭବନରେ ବିଜେଡିରେ ଯୋଗ ଦେଇଛନ୍ତି । ସାଂସଦ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଅରୁଣ ସାହୁ ଓ ସାଂସଦ ସସ୍ମିତ ପାତ୍ର ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ବିଜେଡିରେ ଯୋଗ ଦେଇ ଇରାନୀ କହିଛନ୍ତି ଯେ, ସେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଦ୍ୱାରା ଅନୁପ୍ରେରିତ ହୋଇ ଦଳରେ ଯୋଗ ଦେଇଛନ୍ତି । ବିଜେପିରେ ତାଙ୍କୁ ଅଣଦେଖା କରାଯାଉଥିଲା ଓ କୌଣସି ମିଟିଂକୁ ତାଙ୍କୁ ଡକା ଯାଉନଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ବିଜେଡିରେ ମିଶିବା ସହ ବିଜେପିକୁ ଟାର୍ଗେଟ କରିଛନ୍ତି ଇରାନୀ । ସେ କହିଛନ୍ତି ପୌର, ପଞ୍ଚାୟତ ନିର୍ବାଚନରେ କାମ କରିବା ସତ୍ତ୍ୱେ ସମ୍ମାନ ମିଳିଲା ନାହିଁ। ଯେଉଁଠି ସମ୍ମାନ ନାହିଁ, ସେଠି କାହିଁକି ରହିବି। ମୁଁ ବିଜେପି ପାଇଁ ଶତ ପ୍ରତିଶତ କାମ କରୁଥିଲି । ହେଲେ ମୋ ପ୍ରତି ବିଜେପି ଅନ୍ୟାୟ କରିଛି। କିଛିଦିନ ତଳେ ଇରାନୀ ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ୨୦୧୯ରେ ସେ ନୟାଗଡରୁ ବିଜେପି ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଇରାନୀ ଓ ତାଙ୍କ ଶତାଧିକ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଥିଲେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ସସ୍ମିତ ପାତ୍ର, ବିଧାୟକ ଅରୁଣ ସାହୁ, ବିନୋଦ ନାୟକ, ପ୍ରଭାତ ଷଡ଼ଙ୍ଗୀ, ପ୍ରକାଶ ଦାସ, ବୀରେନ୍ଦ୍ର ନାୟକ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସାଂସଦ ମାନସ ମଙ୍ଗରାଜ କହିଛନ୍ତି ଯେ, ନୟାଗଡରେ ସଂଗଠନ ଆହୁରି ସୁଦୃଢ ହେବ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସମ୍ମାନ ସବୁବେଳେ ରଖିଛନ୍ତି । ନୟାଗଡ ବିଧାୟକ ଅରୁଣ ସାହୁ କହିଛନ୍ତି, ଇରାନୀ ରାୟ ଜଣେ ଆଗ ଧାଡ଼ିର ନେତ୍ରୀ । ସଂଗଠନ ଦୃଷ୍ଟିରେ ଆଗ ଧାଡ଼ିର ନେତ୍ରୀ ଭାବେ ନିଜକୁ ପ୍ରତିପାଦନ କରିଛନ୍ତି । ବିଜେଡି କାର୍ଯ୍ୟକ୍ରମ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପ୍ରୟାସରେ ଅନୁପ୍ରାଣିତ ହୋଇ ସେ ମିଶିଛନ୍ତି । ନବୀନ ବାବୁଙ୍କ ନେତୃତ୍ୱକୁ ଗ୍ରହଣ କରି ଲୋକେ ବିଜେଡିରେ ମିଶୁଛନ୍ତି। ଦଳକୁ ଆହୁରି ସଶକ୍ତ କରିବାରେ ସେ କାମ କରିବେ । ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ, ନାରୀ ସଶକ୍ତିକରଣକୁ ଆଗେଇ ନେବା ପାଇଁ ଇରାନୀ ବିଜେଡିରେ ମିଶିଛନ୍ତି। ଏହା ଏକ ମାଇଲଖୁଣ୍ଟ ହେବ ବୋଲି ସେ କହିଛନ୍ତି।

ସମ୍ବଲପୁର, ସୁନ୍ଦରଗଡ଼ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୩
ନ୍ୟୁଜ ବ୍ୟୁରୋ

ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି ସମ୍ବଲପୁର ଓ ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର ସମୀକ୍ଷା ବୈଠକ। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପ୍ରଥମେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଉପରେ ଆଲୋଚନା ହୋଇଥିଲା। ବୈଠକରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବରିଷ୍ଠ ନେତା ଓ ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ । ବୈଠକରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବଣେଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ, ବିଜେଡି ନେତା ମଙ୍ଗଳା କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ, ମନ୍ତ୍ରୀ ଶାରଦା ନାୟକ, ଦିଲ୍ଲୀପ ତିର୍କୀଙ୍କ ସହ ବିଧାୟକ ଓ ନେତା ଉପସ୍ଥିତ ଥିଲେ। ଏହି ବୈଠକ ସମ୍ପର୍କରେ ସୂଚନା ଦେଇ ବିଧାୟକ ରୋହିତ ପୂଜାରୀ କହିଛନ୍ତି, ସମ୍ବଲପୁର ସଂସଦୀୟ କ୍ଷେତ୍ର ଓ ଏହା ପରିସରରେ ଆସୁଥିବା ୭ଟି ବିଧାନସଭା କ୍ଷେତ୍ରର ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା ହୋଇଛି । ସବୁ ଆସନରେ ଦଳ କିପରି ବଡ଼ ବିଜୟ ଲାଭ କରିବ, ସେନେଇ ରଣନୀତି ପ୍ରସ୍ତୁତ ହୋଇଛି । ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସହ ଦଳୀୟ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ଓ ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସମ୍ବଲପୁର ପରେ ସୁନ୍ଦରଗଡ଼ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଉପରେ ଆଲୋଚନା ହୋଇଥିଲା। ଦଳର ବରିଷ୍ଠ ନେତା, ପର୍ଯ୍ୟବେକ୍ଷକ ଓ ବିଧାୟକମାନେ ଉପସ୍ଥିତଥିଲେ।

ଛାତ୍ରଛାତ୍ରୀଙ୍କୁ ଡାକ୍ତରଙ୍କ ପରାମର୍ଶ- କେମିକାଲ ରଙ୍ଗଠୁ ଦୂରେଇ ରୁହ

ଖୋର୍ଦ୍ଧା, ୨୪/୦୩ ନ୍ୟୁଜ ବ୍ୟୁରୋ

ରଙ୍ଗର ପର୍ବ ହୋଲି। ଆନନ୍ଦ ଉତ୍ସାହରେ ପରସ୍ପର ମଧ୍ୟରେ ରଙ୍ଗ ଖେଳିବା ପାଇଁ ପିଲା ଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ଆଗ୍ରହୀ। ରଙ୍ଗ ଖେଳିଲା ବେଳେ ପିଲାମାନେ ନିଜ ଶରୀର ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ଏହା ଉପରେ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଡାକ୍ତର । ଦିନକ ପରେ ଆସୁଛି ହୋଲି । ରଙ୍ଗ ବେରଙ୍ଗ ଫଗୁରେ ରଙ୍ଗୀନ ପୂରପଲ୍ଲୀ। ଅବିର ସାଙ୍ଗକୁ ପିଚକାରୀରେ ରଙ୍ଗେଇ ହେବାକୁ ତତ୍ପର ସମସ୍ତେ । ପରସ୍ପର ମଧ୍ୟରେ ରଙ୍ଗ ଖେଳି ଆନମନା ହୋଇଛନ୍ତି ଛାତ୍ରଛାତ୍ରୀ । ପିଲାମାନଙ୍କୁ ଦୋଳ ଏବଂ ହୋଲି ପରମ୍ପରାର ଅନୁଭବ ଓ ଜ୍ଞାନ ଦେବାକୁ ସ୍କୁଲରେ ପାଳିତ ହୋଇଛି ବସନ୍ତ ଉତ୍ସବ। ଏହି ଉତ୍ସବରେ ରଙ୍ଗ ଖେଳିଲା ବେଳେ ନିଜର ଆଖି, ପାଟି, ମୁହଁ, ଚର୍ମ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ବୋଲି ପିଲାଙ୍କୁ ପରାମର୍ଶ ଦେଇଛନ୍ତି ଡାକ୍ତର।

ପିଲାମାନେ କେବଳ ରଙ୍ଗ ଖେଳି ନଥିଲେ, ନିଜକୁ ଶ୍ରୀକୃଷ୍ଣ ରାଧା ବେଶରେ ସଜାଇ ହୋଇ ପୌରାଣିକ ଯୁଗର ଅବିର ଖେଳକୁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପରସ୍ପରକୁ ହୋଲିର ଶୁଭେଚ୍ଛା ଜଣାଇଥିଲେ । ହୋଲି ଖେଳିଲାବେଳେ ରାସାୟନିକ ରଙ୍ଗକୁ ସମ୍ପୂର୍ଣ୍ଣ ବାରଣ କରିବାକୁ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇବା ସହ ଲୋକଙ୍କୁ ସଚେତନ କରାଯାଇଥିଲା। ଆନନ୍ଦର ପର୍ବ ହୋଲି ଖେଳିଲା ବେଳେ ସମସ୍ତେ ନିଜ ଶରୀର ପ୍ରତି ସଚେତନ ରହିଲେ ହୋଲି ସମସ୍ତଙ୍କ ମନରେ ଖୁସି ଭରିଦେବ ବୋଲି ମତପ୍ରକାଶ ପାଇଥିଲା ।

ସମୁଦ୍ରରେ ବୁଡି ପର୍ଯ୍ୟଟକଙ୍କ ମୃତ୍ୟୁ

ପୁରୀ, ୨୪/୦୩ ନ୍ୟୁଜ ବ୍ୟୁରୋ

ବ୍ଲୁ ଫ୍ଲାଗ ବିଚ୍‌ରେ ଅଘଟଣ। ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଇ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ବ୍ଲୁ ଫ୍ଲାଗ ବିଚ୍ ବେଳାଭୂମିରେ ସ୍ନାନ କରୁଥିବା ବେଳେ ପର୍ଯ୍ୟଟକ ଜଣଙ୍କ ଭିତରକୁ ଚାଲି ଯାଇଥିବା ନଜରକୁ ଆସିଥିଲା। ତେବେ ତାଙ୍କୁ ଲାଇଫ୍ ଗାର୍ଡ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପର୍ଯ୍ୟଟକଙ୍କ ପରିଚୟ ମିଳି ନଥିବା ବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି।

ମଉକା ପଡ଼ିଛି ମଦୁଆଙ୍କୁ ଚେକିଂ : ୨ ହଜାର ଲାଞ୍ଚ ନେଇ ଏସ୍‌ଆଇ ଗିରଫ

ଭୁବନେଶ୍ୱର, ୨୪/୦୩ ନ୍ୟୁଜ ବ୍ୟୁରୋ

ଦୁଇ ହଜାର ଟଙ୍କା ଲାଞ୍ଚ ନେଇ ଫସିଲେ ସହିଦନଗର ଥାନା ଏସ୍‌ଆଇ । ୫ ହଜାର ଟଙ୍କା ମାଗି ୨ ହଜାର ନେବା ବେଳେ ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନଙ୍କୁ ଗିରଫ କରିଛି ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଟିମ୍ । ଲାଞ୍ଚ ଟଙ୍କା ଜବତ କରି ତାଙ୍କର ଘର ଓ ଅଫିସରେ ରେଡ କରିଛି ଭିଜିଲାନ୍ସ । ଡ୍ରିଙ୍କ୍ ଡ୍ରାଇଭିଂ ଚେକିଂ ଆଳରେ ହେଉଥିଲା ଲାଞ୍ଚ କାରବାର। ନିୟମ ଉଲ୍ଲଂଘନକାରୀଙ୍କୁ ଧରି ଲାଞ୍ଚ ମାଗୁଥିଲେ ଏସ୍‌ଆଇ । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏବେ ଟ୍ୱିନି ସିଟିରେ ଜୋରସୋରରେ ଚାଲିଛି ଟ୍ରାଫିକ ଚେକିଂ ଓ ବ୍ଲକିଂ। ସହିଦନଗର ଥାନା ଅଞ୍ଚଳରେ ଚେକିଂ ବେଳେ ପୁରୀର ମନୋରଞ୍ଜନ ପାତ୍ରଙ୍କୁ ଧରିଥିଲା ପୋଲିସ । ତାଙ୍କ ଗାଡିକୁ ମଧ୍ୟ ଜବତ କରାଯାଇଥିଲା । ଚେକିଂ ସମୟରେ ଏସ୍‌ଆଇ ପ୍ରିୟବ୍ରତ ଯୁବକଙ୍କ ଡିଏଲକୁ ଜବତ କରିଥିଲେ । ଏହାକୁ ସସ୍‌ପେଣ୍ଡ ପାଇଁ ଆରଟିଓକୁ ପଠାଯାଏ। କିନ୍ତୁ ଡିଏଲ ତିନିମାସ ପାଇଁ ସସପେଣ୍ଡ ନକରି ଫେରାଇ ଦେବାକୁ ମନୋରଞ୍ଜନଙ୍କୁ କହିଥିଲେ ଏସ୍‌ଆଇ । ଏଥି ପାଇଁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ମନୋରଞ୍ଜନ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରି ୨ ହଜାର ଟଙ୍କା ନେଇ ଏସ୍‌ଆଇଙ୍କୁ ଦେବା ପାଇଁ ସହିଦ ନଗର ଥାନା ଯାଇଥିଲେ। ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନ ଲାଞ୍ଚ ନେବା ବେଳେ ମାଡି ବସିଥିଲା ଭିଜିଲାନ୍ସ ଟିମ୍ । ତୁରନ୍ତ ତାଙ୍କୁ ପିସି ଆକ୍ଟରେ ଗିରଫ କରାଯାଇଥିଲା । ଏସ୍‌ଆଇ ପ୍ରିୟବ୍ରତ ପ୍ରଧାନଙ୍କ ଘର ଓ ବାସ ଭବନ ସମେତ ଅଫିସରେ ଚଢଉ ହୋଇଛି । ସେ ପୂର୍ବରୁ ଜଣେ କନଷ୍ଟେବଳ ଭାବେ କାମ କରୁଥିଲେ। ପରେ ୨୦୧୮ରେ ଏସ୍‌ଆଇ ବ୍ୟାଚରେ ଉତ୍ତୀର୍ଣ୍ଣ ହୋଇ ସହିଦନଗର ଥାନାରେ ପୋଷ୍ଟିଂ ପାଇଥିଲେ । ଏଇ ଘଟଣା ସାମ୍ନାକୁ ଆସିବା ପରେ ଗାଡି ଚେକିଂ ଆଳରେ ଲାଞ୍ଚ କାରବାର ଘଟଣା ଏବେ ପଦାକୁ ଆସିଛି । ନିୟମର ଆଳ ଦେଖାଇ ଏବେ ଉଲ୍ଲଂଘନକାରୀଠୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି ପୋଲିସ କର୍ମଚାରୀ । ଗିରଫଦାରୀ ଓ ଗାଡି ସିଜ୍ ବା ଡିଏଲ ବାତିଲ ଭଳି ଅନେକ ଭୟ ଦେଖାଇ ନିୟମ ଉଲ୍ଲଂଘନକାରୀଙ୍କଠୁ ଟଙ୍କା ଲୁଟୁଛନ୍ତି ପୋଲିସ ଅଧିକାରୀ ।

ସମ୍ପାଦକୀୟ
ପୃଷ୍ଠା-୪
ଗାଁରେ ବଢ଼ୁଛି ବାଘ ଅଧିକ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-48 • 20th-26th March 2024 • Bhubaneswar
ରାଜନୈତିକ ଦଳର ଫୋକସ୍‌ରେ ସୁରତ
ଆସିଲା ଭୋଟ୍, ମନେପଡ଼ିଲେ ପ୍ରବାସୀ
ଓଡ଼ିଶା ନ୍ୟାୟିକ ଇତିହାସରେ ପ୍ରଥମ
୨୮ ଦିନରେ ବିଦେଶିନୀଙ୍କୁ ମିଳିଲା ନ୍ୟାୟ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ପୁଅର ଟାଙ୍ଗିଆ ଚୋଟରେ ବାପା-ମାଆଙ୍କ ମୃତ୍ୟୁ

ଚମ୍ପୁଆ, ୨୪/୦୩ ନ୍ୟୁଜ ବ୍ୟୁରୋ

କେନ୍ଦୁଝରେ ଚମ୍ପୁଆ ବ୍ଲକ ବସିରା ଗାଁରେ ଅଘଟଣ । ବାପା ମାଆଙ୍କୁ ହାଣିଲା ପୁଅ। ପୁଅର ଟାଙ୍ଗିଆ ଚୋଟରେ ଉଭୟ ବାପା, ମାଆଙ୍କ ମୃତ୍ୟୁ ଘଟିଛି। ହତ୍ୟାକାରୀ ପୁଅ ଧାନ ମୁଣ୍ଡାକୁ ଗିରଫ କରିଛି ପୋଲିସ । ମିଳିଥିବା ସୂଚନା ଅନୁସାରେ, ରବିବାର ସକାଳ ପ୍ରାୟ ୮ଟାରେ ଧାନଙ୍କ ବାପା ଗୋରା ମୁଣ୍ଡା ଘର ଆଗରେ କାଠ କାଟୁଥିବା ବେଳେ ଏହାକୁ ନେଇ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଧାନ ଉକ୍ତ କାଠ କଟା ଟାଙ୍ଗିଆରେ ଆକ୍ରମଣ କରିଥିଲା । ଫଳରେ ଘଟଣା ସ୍ଥଳରେ ଗୋରାଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଧାନ ମାଆଙ୍କୁ ବି ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହାସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଦଶପଲ୍ଲାରୁ ଆହତ କଲରାପତରିଆ ବାଘ ଉଦ୍ଧାର : ନନ୍ଦନକାନନରେ ଚିକିତ୍ସା ଜାରି

ଭୁବନେଶ୍ୱର, ୨୪/୦୩ ନ୍ୟୁଜ ବ୍ୟୁରୋ



ଦଶପଲ୍ଲାରୁ ଆହତ କଲରାପତରିଆ ବାଘର ଚିକିତ୍ସା ଜାରି ରହିଛି। ଚିକିତ୍ସା ପରେ ଖୁବ୍‌ଶୀଘ୍ର ତାକୁ ଜଙ୍ଗଲକୁ ଛଡାଯିବ । ବନ ବିଭାଗର ମହାନଦୀ ୱାଇଲ୍ଡ ଲାଇଫ ଡିଭିଜନ ଓ ଚନ୍ଦକାର ରାପିଡ ରେସପନ୍ସ ଟିମ୍ ମିଳିତ ଭାବେ ଶନିବାର ଦଶପଲ୍ଲା ଅଞ୍ଚଳରୁ ଏକ କଲରାପତରିଆ ବାଘକୁ ଉଦ୍ଧାର କରିଥିଲେ । ବାଘଟି ଯାତାୟାତ କରିପାରୁନଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଆହତ ହୋଇଥିବାର କୌଣସି ପ୍ରମାଣ ନାହିଁ । କେଉଁ କାରଣରୁ ବାଘଟିର ଏଭଳି ଅବସ୍ଥା ହେଲା ସେନେଇ ତଦନ୍ତ କରୁଛି ବନ ବିଭାଗ । ଆହତ କଲରାପତରିଆର ଚିକିତ୍ସା ପରେ ପୁଣି ଜଙ୍ଗଲକୁ ଛଡାଯିବା ନେଇ ସୂଚନା ମିଳିଛି । ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ, ବନ ବିଭାଗର ମହାନଦୀ ୱାଇଲଡ ଲାଇଫ ଡିଭିଜନ ଓ ଚନ୍ଦକାର ରାପିଡ ରେସପନ୍ସ ଟିମ୍ ମିଳିତ ଭାବେ ଦଶପଲ୍ଲା ଅଞ୍ଚଳରୁ ଏକ କଲରାପତରିଆ ବାଘକୁ ଉଦ୍ଧାର କରିଛନ୍ତି । ବାଘଟି ତା'ର ପଛ ଦୁଇ ଗୋଡ଼ରେ ଚାଲି ପାରୁ ନଥିଲା । କଲରାପତରିଆକୁ ଉଦ୍ଧାର ପରେ ରବିବାର ତାକୁ ନନ୍ଦନକାନନର ଭେଟେରିନାରୀ ହସ୍ପିଟାଲକୁ ଅଣାଯାଇଛି । ଓୟୁଏଟିର ଏକ ବିଶେଷଜ୍ଞ ଟିମ୍ ଓ ନନ୍ଦନକାନନ ଡାକ୍ତରୀ ଟିମ୍ ବାଘଟିର ଚିକିତ୍ସା କରୁଛନ୍ତି । ତେବେ କେଉଁ କାରଣରୁ ଆହତ ହୋଇଛି, ତାହାର ପରୀକ୍ଷା ନିରୀକ୍ଷା କରାଯାଉଛି । ତା'ର ଚିକିତ୍ସା ପରେ ତା'କୁ ପୁଣି ଜଙ୍ଗଲକୁ ଛଡାଯିବ । ଅନ୍ୟପଟେ ରାଜ୍ୟରେ ପ୍ରଥମ କରି ରେଡିଓ କଲାର ଲାଗିଥିବା ହାତୀଟି ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଛି। ହାତୀଟି ଜଙ୍ଗଲ ମଧ୍ୟରେ ସାଧାରଣ ଭାବରେ ଚଳାବୁଲା କରିପାରୁଛି । ନିୟମିତ ଭାବରେ ହାତୀଟିକୁ ଏହା ମାଧ୍ୟମରେ ଠାବ କରାଯାଉଛି । ଏହାର ଗତିବିଧି ଉପରେ ଦୈନନ୍ଦିନ ଭାବରେ ନଜର ରଖାଯାଇଥିବା ସୂଚନା ଦେଇଛନ୍ତି ପିସିସିଏଫ୍ ସୁଶାନ୍ତ ନନ୍ଦ। ଅନ୍ୟପଟେ ଆକ୍ସନ ମୋଡରେ ବନ ବିଭାଗ । ସୋସିଆଲ ମିଡିଆରେ ଜୀବନ୍ତ ସାପର ଭିଡିଓ ପୋଷ୍ଟ କରି ଯୁବକ ଗିରଫ ହୋଇଛି । ବିଭିନ୍ନ ପ୍ରଜାତିର ସାପମାନଙ୍କୁ ନେଇ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଆସୁଥିଲା । ବେଆଇନ ଭାବରେ ଜୀବନ୍ତ ସାପଙ୍କୁ ଧରିବା ସହ ଦୁଇଟି ମୋନୋକଲେଡ୍ କୋବ୍ରା ଆଦିଙ୍କୁ ଧରିବା ସମୟର ଦୃଶ୍ୟକୁ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରି ଆସୁଥିଲା । ବେଆଇନ ଭାବେ ଜୀବନ୍ତ ସାପ ରଖିବା ଅଭିଯୋଗରେ ମିର୍ଜା ଏମ୍‌ଡି ଆରିଫଙ୍କୁ ଭଦ୍ରକ ବନ ବିଭାଗ ଗିରଫ କରିଛି । ସେ ଏକା ୧୦୦ କୋବ୍ରା ସାପକୁ ଉଦ୍ଧାର କରିବା ସହ ଅନ୍ୟାନ୍ୟ ପ୍ରଜାତିର ସାପକୁ ମଧ୍ୟ ଉଦ୍ଧାର କରିବା ସମୟର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ । ଯାହା ସମ୍ପୂର୍ଣ୍ଣ ଭାବରେ ବେଆଇନ ।

ଦିନକ ପରେ ରଙ୍ଗର ପର୍ବ 'ହୋଲି'

ଭଳି କି ଭଳି ରଙ୍ଗ ପସରାରେ ରଙ୍ଗିନ ରାଜଧାନୀ

ଭୁବନେଶ୍ୱର, ୨୪/୦୩ ନ୍ୟୁଜ ବ୍ୟୁରୋ

ମଙ୍ଗଳବାର ଫଗୁ ଓ ଫଗୁଣର ପର୍ବ ହୋଲି। ଯାହାର ଝଲକ ମଧ୍ୟ ରାଜଧାନୀର ରାସ୍ତାଘାଟ ଠାରୁ ଆରମ୍ଭ କରି ହାଟବଜାରରେ ମଧ୍ୟ ଅନୁଭୂତ ହୋଇଛି। ଭଳି କି ଭଳି ରଙ୍ଗ ପସରା ସାଙ୍ଗକୁ ହୋଲିରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ପଥଚାରୀଙ୍କ ଆଖି ଝଲସାଇ ଦେଉଛି। ବିଭିନ୍ନ ପ୍ରକାର ରଙ୍ଗ, ଅବିର, ପିଚକାରୀ, ଟୋପି, ମୁଖା ଆଦି ଆକର୍ଷଣ ପାଲଟିଛି। ସେହିପରି ଛୋଟ ପିଲାମାନଙ୍କ ନିମନ୍ତେ ପଶୁ, ରାକ୍ଷସ, ଝିଅ, ପୁଅ ଆଦି ଆକର୍ଷଣୀୟ ମୁଖା ଓ ଚଷମା ରହିଛି। ଯାହାର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇ ୨ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଡାଇନୋସର, ଆଇରନମ୍ୟାନ୍, ଡୋରେମନ୍, ଛୋଟାଭୀମ୍ ଭଳି ପିଚକାରୀ ମଧ୍ୟ ରହିଛି। ଯାହା ଛୋଟ ପିଲାଙ୍କୁ ଆକର୍ଷିତ କରୁଛି। ତେବେ ଉପହାର ଦେବା ପାଇଁ ବିଭିନ୍ନ ରଙ୍ଗର ପ୍ୟାକେଟ୍ ରହିବା ସହ ରଙ୍ଗ ବେରଙ୍ଗର ଅବିର ରହିଛି, ଯାହା କିଲୋ ପ୍ରତି ଦର ଶହେରୁ ୨ଶହ ଟଙ୍କା ରହିଥିବା ବେଳେ ସୁଗନ୍ଧ ବା ବାସ୍ନା ଅବିର କିଲୋ ପିଛା ୩ଶହ ଟଙ୍କା ରହିଛି।

ମୁଣ୍ଡଫଟାରୁ ପ୍ରାକୃତିକ ରଙ୍ଗ : ପୂର୍ବରୁ ହୋଲି ପର୍ବ ଆସିବା ପୂର୍ବରୁ ବଜାରକୁ ଆସିଥାଏ ବିଭିନ୍ନ ପ୍ରକାର ରଙ୍ଗ। ସବୁଠାରୁ ଅଧିକ ମୁଣ୍ଡଫଟା ରଙ୍ଗ, ବାର୍ନିସ୍, ଆଲକାତରା ଆଦିକୁ ବ୍ୟବହାର କରୁଥିଲେ ଲୋକେ। ଏହିସବୁଥିରେ ପ୍ରଚୁର ପରିମାଣରେ ରସାୟନ ପଦାର୍ଥ ମିଶ୍ରଣ କରାଯାଉଥିବାରୁ ଚର୍ମ ଓ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ। ବିଶେଷ କରି ଆଖି ପାଇଁ କ୍ଷତିକାରକ ହୋଇଥାଏ। ଏହି ରଙ୍ଗ ଲାଗିଲେ ତାହା ସହଜରେ ଛାଡ଼ି ନ ଥାଏ। ତେଣୁ ଧୀରେ ଧୀରେ ଲୋକମାନେ ସଚେତନତା ଅବଲମ୍ବନ କରି ଅବିର ଖେଳିବାକୁ ପସନ୍ଦ କରିଥିଲେ। ଏବେ ପ୍ରାୟ ବଜାରରେ ହର୍ବାଲ ରଙ୍ଗ ଅଧିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଫୁଲ, ଫଳ, ପନିପରିବା ସହ ଘରେ ନିତିଦିନ ବ୍ୟବହାର ହେଉଥିବା ହଳଦୀ ଗୁଣ୍ଡ, ଚନ୍ଦନ, ମୁଲତାନି ମାଟି ଆଦିରୁ ତିଆରି ରଙ୍ଗର ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ବଜାରରେ ମଧ୍ୟ ଏହିସବୁ ପ୍ରାକୃତିକ ରଙ୍ଗ ଉପଲବ୍ଧ ହେଲାଣି। ଯାହା ଏକ ସୁରକ୍ଷିତ ହୋଲିର ନୂଆ ଧାରା ସୃଷ୍ଟି କରିଛି। ଏହାଦ୍ୱାରା ଯେକୌଣସି ବୟସର ବ୍ୟକ୍ତି ବିନା ଦ୍ୱିଧାରେ ଏହିସବୁ ପ୍ରାକୃତିକ ରଙ୍ଗ ବ୍ୟବହାର କରିପାରିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏହାକୁ ମହିଳାମାନେ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଦିନକ ପରେ ରଙ୍ଗର ପର୍ବ ହୋଲି। ଏ ନେଇ ବଜାରରେ ଭଳିକିଭଳି ଯଥା ନାଲି, ନୀଳ, ସବୁଜ, ଗେରୁଆ, କଳା ଇତ୍ୟାଦି ରଙ୍ଗର ପସରା ଖୋଲିଗଲାଣି। ଅଧିକାଂଶ ଦୋକାନରେ ରସାୟନିକ ଯୁକ୍ତ ରଙ୍ଗ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏହି ରଙ୍ଗକୁ ନିଷିଦ୍ଧ କରିବା ପାଇଁ ଦାବି କରିଛନ୍ତି ପରିବେଶବିତ୍ । ରାସାୟନିକ ଯୁକ୍ତ ରଙ୍ଗର ବିକ୍ରିକୁ ରଙ୍ଗର ପର୍ବ ହୋଲିରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଲାଗି ପ୍ରଶାସନ ନିକଟରେ ପରିବେଶବିତ୍‌ମାନେ ଦାବି କରିଛନ୍ତି।